

କୋହଲିଙ୍କୁ ବୁମରା ଭୟ
ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 351 | ଭାଗ ୩୨ | ସଂଖ୍ୟା ୩୫୧ | Bhubaneswar | Tuesday 18 March 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୮ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ୧୯ରୁ ଉତ୍ତର ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର, ୧୭।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ପାରଦ ଉପରମୁହାଁ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରି ହେଉନାହିଁ ବୋଲି କହିଲେ ଚଳେ। ମାର୍ଚ୍ଚ ମାସର ତୃତୀୟ ସପ୍ତାହରୁ ଏପରି ତାତି ଦେଖି ଲୋକେ ଛାନିଆ ହେଲେଣି। ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମଲହରୀ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୌଦ୍ଧ ସହର କ୍ରମାଗତ ତୃତୀୟ ଦିନରେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଛି। ଗତ

- ୪୩° ଉପରେ ବୌଦ୍ଧ
- ପଶ୍ଚିମରେ ଅଗ୍ନିବର୍ଷା ଜାରି
- ଭୀଷଣ ଖରାରୁ ତ୍ରାହି ଦେବ କାଳବୈଶାଖୀ



ଶନିବାରଠାରୁ ଏଠାକାର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଗତକାଲି ତାପମାତ୍ରା ସର୍ବାଧିକ ୪୩.୬ ଡିଗ୍ରୀ ଥିବା ବେଳେ ଆଜି ସାମାନ୍ୟ ହ୍ରାସ ପାଇ ଏହା ୪୩.୫ ଡିଗ୍ରୀ ହୋଇଛି। ସେହିପରି ବରଗଡ଼ରେ ଆଜିର ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନୁଗୁଳରେ ୪୦.୭ ଓ ଟିଟିଲାଗଡ଼ରେ ୪୦.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

ଏହି ସୂଚନାନୁସାରେ, ଆଜି ମାଲକାନଗିରିରେ ୪୦.୨ ଓ ଝାରସୁଗୁଡ଼ାରେ ୩୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅପରପକ୍ଷରେ ଆହୁରି ଦୁଇଦିନ ଏହି ତାତି କଲବଲ କରିବ ବୋଲି ପୂର୍ବାନୁମାନ କରାଯାଇଛି। ଗ୍ରୀଷ୍ମ ଲହରୀ ➢ପୃଷ୍ଠା-୬

# ମନେ ରହିବେ ସଡ଼କ କ୍ରାନ୍ତି ଯୋଦ୍ଧା



- ୮୩ ବର୍ଷ ବୟସରେ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ
- ମଙ୍ଗଳବାର ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ
- ରାଜ୍ୟରେ ବିଜେପି ଉନ୍ମେଷର କର୍ଣ୍ଣଧାର ଥିଲେ
- ତିନି ଥର ସମ୍ଭାଳିଛନ୍ତି ରାଜ୍ୟ ବିଜେପି ମଙ୍ଗ
- ତାଙ୍କ ଅମଳରେ ପୁରୀ ବଡଦାଣ୍ଡକୁ ମିଳିଲା ଏନ୍‌ଏଚ୍ ମାନ୍ୟତା
- କୋଲକାତା-ଚେନ୍ନାଇ ରାଜପଥ ହେଲା ଚାରି ଲେନ ବିଶିଷ୍ଟ
- ବିମାନବନ୍ଦରରେ ଦିଆଗଲା ଗାର୍ଡ ଅଫ୍ ଅନର୍





**ଭୁବନେଶ୍ୱର, ୧୭।୩(ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ଆଜି ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ ଓ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ତେବେ ଆଜି ତାଙ୍କର ପରଲୋକ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ଡ. ପ୍ରଧାନଙ୍କ ଅନ୍ତିମ ଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି ଯେ କେନ୍ଦ୍ର ମନ୍ତ୍ରୀ ଓ ସାଂସଦ ଭାବେ କାର୍ଯ୍ୟ କରିବା ଅବସରରେ ସେ ଦାରିଦ୍ର୍ୟ ମୁକ୍ତି ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଏଥିସହ ଓଡ଼ିଶାରେ ବିଜେପିର ମୂଳଦୁଆ ପକାଇବା ସହ ଦଳକୁ ସଶକ୍ତ କରିବାରେ ମଧ ଡ. ପ୍ରଧାନଙ୍କ ଅନବଦ୍ୟ ଭୂମିକାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ତାଙ୍କୁ ଜଣେ କର୍ତ୍ତବ୍ୟନିଷ୍ଠ ଓ ଅମାୟିକ ରାଜନେତା ଭାବେ ବର୍ଣ୍ଣନା କରିଛନ୍ତି। ଆହୁରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ ଶେଷ ଦର୍ଶନ କରିଛନ୍ତି।

ଡା. ପ୍ରଧାନ ଭୂପୃଷ୍ଠ ପରିବହନ ମନ୍ତ୍ରୀ ଥିବାବେଳେ ଓଡ଼ିଶାରେ ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ଆସିଥିଲା କ୍ରାନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ନିର୍ମାଣ ହୋଇଥିଲା ୪ ଥାକିଆ ଜାତୀୟ ରାଜପଥ। ପୁରୀ ବଡ଼ଦାଣ୍ଡକୁ ମିଳିଥିଲା ଜାତୀୟ ରାଜପଥର ମାନ୍ୟତା। ବାଜପେୟୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ମାଧମରେ ଦେଶର ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣକୁ ଯୋଡ଼ିବା ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ତାଙ୍କର ଏହି ସଡକ କ୍ରାନ୍ତି ମିଶନର ଜଣେ ପ୍ରମୁଖ ଯୋଦ୍ଧା ଥିଲେ ଓଡ଼ିଆ ପୁଅ ଡା. ପ୍ରଧାନ। ସେ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ଓଡ଼ିଶାରେ ପ୍ରଥମ ଥର ପାଇଁ ୪ଥାକିଆ ଜାତୀୟ ରାଜପଥ ନିର୍ମାଣ ହୋଇଥିଲା। ଓଡ଼ିଶା ଦେଇ ଯାଇଥିବା କୋଲକାତା-ଚେନ୍ନାଇ ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯିବା ଫଳରେ ରାଜ୍ୟର ଯୋଗାଯୋଗ କ୍ଷେତ୍ରରେ ଆସିଥିଲା ବଡ଼ କ୍ରାନ୍ତି। କେବଳ ଜାତୀୟ ରାଜପଥ ମଞ୍ଜୁରୀ ନୁହେଁ, ନିର୍ଦ୍ଧାରିତ ସମୟରେ ଜାତୀୟ ରାଜପଥ ନିର୍ମାଣ ଶେଷ କରାଯିବା ଉପରେ ବି ଜୋର ଦେଇଥିଲେ ଡା. ପ୍ରଧାନ। ତାଙ୍କ କାର୍ଯ୍ୟକାଳ ମଧରେ ରାଜ୍ୟରେ ୧୬ ଶହ କିମି ଜାତୀୟ ରାଜପଥ ନିର୍ମାଣ ହୋଇଥିଲା। ତା' ପୂର୍ବରୁ ଓଡ଼ିଶା ମଧରେ ଦେଇ ଯାଉଥିଲା ୧୬ ଶହ ୮୧ କିମି ଜାତୀୟ ରାଜପଥ। ଓଡ଼ିଶାରେ ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ଆଣିଥିବା କ୍ରାନ୍ତି ପାଇଁ ଡା. ପ୍ରଧାନଙ୍କୁ ସବୁଦିନ ପାଇଁ ମନେ ରଖିବେ ରାଜ୍ୟବାସୀ।

ଆଜି ତାଙ୍କ ମରଶରୀରକୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଅଣାଯାଇଛି। ଅପରାହ୍ନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମରଶରୀର ପହଞ୍ଚିବା ପରେ ସେଠାରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ଅନ୍ତିମ ଦର୍ଶନ କରିଛନ୍ତି। ଏଥିସହ ରାଜ୍ୟ ବିଜେପି ସଭାପତି ଓ ଅନ୍ୟାନ୍ୟ ନେତୃବୃନ୍ଦ ମଧ ଶେଷ ଦର୍ଶନ କରିଛନ୍ତି। ➢ପୃଷ୍ଠା-୬

### ରାଜ୍ୟ ବିକାଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ: ମୋହନ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଯେ ସ୍ୱର୍ଗତଃ ପ୍ରଧାନ ଜଣେ ଲୋକପ୍ରିୟ ଜନନେତା ଓ ଦକ୍ଷ ସାଂସଦ ଥିଲେ। ୧୯୯୯ରୁ ୨୦୦୧ ପର୍ଯ୍ୟନ୍ତ କେନ୍ଦ୍ର ପରିବହନ ଓ କୃଷି ମନ୍ତ୍ରୀ ଭାବେ ଦକ୍ଷତାର ସହ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ଜନପ୍ରତିନିଧି ଓ ସାଂସଦ ଭାବେ ସେ ଅନେକ ଜନକଲ୍ୟାଣମୂଳକ କାର୍ଯ୍ୟ କରି ସାଧାରଣ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ରାଜ୍ୟ ବିଜେପିର ସଭାପତି ଭାବେ ଦୃଢ଼ ନେତୃତ୍ୱ ଦେଇ ଓଡିଶାରେ ଦଳର ଅଭ୍ୟୁଦୟରେ ସ୍ୱର୍ଗତଃ ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେବା ଓ ସଂକଳ୍ପ ମନୋଭାବରେ ସେ ରାଜ୍ୟର ବିକାଶ ପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ବିଶିଷ୍ଟ ଜନସେବକଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଶ୍ରୀ ମାଝୀ ଶ୍ରୀ ପ୍ରଧାନଙ୍କ ପୁଅ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ରାଜ୍ୟ ଜଣେ ଲୋକପ୍ରିୟ ରାଜନେତାଙ୍କୁ ହରାଇଲା: ନବୀନ

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ବିଜେପିର ପୂର୍ବତନ ସଭାପତି ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପ୍ରଧାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଅତୁଳନୀୟ ସାଙ୍ଗଠନିକ ଦକ୍ଷତା ଓ ଅମାୟିକ ବ୍ୟକ୍ତିତ୍ୱ ପାଇଁ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ଜଣେ ପ୍ରମୁଖ ସଦସ୍ୟ ଭାବେ ଶ୍ରୀ ପ୍ରଧାନ ତାଙ୍କ ପ୍ରଶାସନିକ ଦକ୍ଷତାର ପରିଚୟ ଦେଇଥିଲେ। ତାଙ୍କ ବିୟୋଗରେ ରାଜ୍ୟ ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱ ଓ ଲୋକପ୍ରିୟ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଏଥିସହ ସେ ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

---

ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

## ୬,୧୧୭ କୋଟି ନିବେଶରେ ସଶକ୍ତ ହେବ ଶିଳ୍ପ ଅଭିବୃଦ୍ଧି

- ୧୯ ବୃହତ୍ ପ୍ରକଳ୍ପକୁ ଅନୁମୋଦନ
- ୧୭ ହଜାରରୁ ଅଧିକ ନିଯୁକ୍ତି ଆଶା
- ୧୧ ଜିଲ୍ଲାରେ ୧୦ କ୍ଷେତ୍ରରେ ନିବେଶ



**ଭୁବନେଶ୍ୱର, ୧୭।୩(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ର ସଫଳତା ପରେ ଆଜି ଏଠାରେ ୧୩୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ) ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟରେ ୬,୧୧୭ କୋଟି ଟଙ୍କାର ଉଲ୍ଲେଖନୀୟ ପୁଞ୍ଜିନିବେଶ ନେଇ ସୂଚନା ଦିଆଯାଇଛି। ଏହି ନିବେଶ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ସଶକ୍ତ କରିବ ବୋଲି ଆଶା ପ୍ରକାଶ ପାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୯ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି ଯାହା, ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ୧୭,୨୮୬ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଦିଗରେ ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଛି। ଆଜି ଅନୁଷ୍ଠିତ ବୈଠକରେ ଜୈବ ଇନ୍ଧନ, ବାୟୋ-ଟେକ୍ନୋଲୋଜି, ଜାହାଜ ନିର୍ମାଣ, ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ପୋଷାକ ଓ ସବୁଜ ଶକ୍ତି ଉପକରଣ ସମେତ ୧୦ଟି ଉଚ୍ଚପ୍ରଭାବୀ କ୍ଷେତ୍ରର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବଲାଙ୍ଗିର, କଟକ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କନ୍ଧମାଳ, ରାୟଗଡ଼ା ଓ ସମ୍ବଲପୁର ସମେତ ରାଜ୍ୟର ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ବୈଠକରୁ ଜଣାଯାଇଛି ଯେ ଜୈବ ଇନ୍ଧନ ଓ ସବୁଜ ଶକ୍ତି କ୍ଷେତ୍ରରେ ଟ୍ରାନ୍ସପ୍ୟାସିଫିକ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରର ଏକ ବାୟୋକୋଲ କାରଖାନାରେ ୯୦୦ କୋଟି ଟଙ୍କା ବିନିଯୋଗ କରିବ, ଯାହାକି ୬୩୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ସାଇସୁଧା ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୬୮.୫୮ କୋଟି ଟଙ୍କାର ସୋଲାର ମଡ୍ୟୁଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ ➢ପୃଷ୍ଠା-୬

## ଝିଣ୍ଟିକା ମାରି ବଣି ପୋଷୁଛି ଯାଜପୁର ପ୍ରଶାସନ



- ଜିଲ୍ଲାପାଳ-ଏସପି-ଡିଡିଏମଙ୍କ ତ୍ରିକୋଣୀୟ ପ୍ରେମ
- ଜନପ୍ରତିନିଧି ସାଜିଛନ୍ତି ପ୍ରେମ କାହାଣୀର ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୩ (ସଂଚାର ବ୍ୟୁରୋ):** ଖଣିଖାଦାନଭରା ଯାଜପୁର ଜିଲ୍ଲା ପାଇଁ ଏବେ ଭାରି ପଡୁଛି ଜିଲ୍ଲାପାଳ-ଏସପି-ଡିଡିଏମଙ୍କ ଅସାଧୁ ମେଣ୍ଟ। ଏହି ଜିଲ୍ଲାପାଳ, ଏସପି ଓ ଖଣି ଉପନିର୍ଦ୍ଦେଶକ (ଡିଡିଏମଙ୍କ ତ୍ରିକୋଣୀୟ ପ୍ରେମ ଏବେ ଏତେ ତୀବ୍ର ହୋଇଛି ଯେ ଖୁବଶୀଘ୍ର ଜିଲ୍ଲାର ବହୁ ବଡ଼ ବଡ଼ ପାହାଡ ମାଟିରେ ମିଶିଯିବ। ସବୁଠୁ ଉଦବେଗର କଥା ହେଉଛି ଯେ ଜିଲ୍ଲାର ଏହି ତିନି ପ୍ରଭାବଶାଳୀ ଅଧିକାରୀଙ୍କ ପ୍ରେମ କାହାଣୀର ନିର୍ଦ୍ଦେଶକ ସାଜିଛନ୍ତି ଜଣେ ଜନପ୍ରତିନିଧି। ବେଆଇନ ଲଘୁ ଖଣିଜ ସମ୍ପଦ ଲୁଟ୍‌କୁ ରୋକିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ଏହି ତିନି ଅଧିକାରୀ ଏତେ ଚତୁରତାର ସହ ଫୁଁ କରିଦେଉଛନ୍ତି ଯେ ସରକାର ଭାବୁଛନ୍ତି ବ୍ୟାପକ ଚଢାଉ ହେଉଛି। କିନ୍ତୁ ପ୍ରକୃତରେ ଏହି ଅଧିକାରୀମାନେ ଝିଣ୍ଟିକା ମାରି ବଣି ପୋଷିବା ଭଳି ଛୋଟ ଛୋଟ ଚାଲାଣକାରୀଙ୍କ ଉପରେ ଜୁଲୁମ କରି ବଡ଼ ବଡ଼ ମାଫିଆଙ୍କୁ ଖସାଇଦେଉଛନ୍ତି। ବେଆଇନ ଭାବେ ଖଣିଜ ସମ୍ପଦ ଚାଲାଣ କରୁଥିବା ଟ୍ରାକ୍ଟରକୁ ମାଡ଼ିବସୁଛନ୍ତି ସ୍କ୍ୱାଡ୍। ହେଲେ ହାଇୱାରେ ମାଲ୍ ଗଲେ ତା' ଉପରେ ➢ପୃଷ୍ଠା-୬

## ଆଜି ପହଞ୍ଚିବେ ସୁନୀତା



**ପାଗ ଅନୁକୂଳ ଥିବାରୁ ସଅଳ ପ୍ରତ୍ୟାବର୍ତ୍ତନ**

**ନୂଆଦିଲ୍ଲୀ, ୧୭।୩:** ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସାଥୀ ବୁଚ୍ ୱିଲମୋରଙ୍କ ଲାଗି ଗତକାଲି ବେଶ୍ ସ୍ମରଣୀୟ ଥିଲା। ଦୀର୍ଘ ୯ ମାସ ଧରି ଉଭୟ ମହାକାଶରେ ଫସିରହିଥିବାବେଳେ ସେମାନଙ୍କୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ନାସା ଓ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ପକ୍ଷରୁ ମିଳିତ ଭାବେ ଲଞ୍ଚ ହୋଇଥିବା କ୍ରୁ-୧୦ ମିଶନ୍ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ୍ (ଆଇଏସ୍‌ଏସ୍)ରେ ପହଞ୍ଚିଥିଲା। ସଫଳ ଡକିଂ ଓ ହ୍ୟାଚ୍ ଖୋଲିଯିବା ପରେ ମିଶନ୍‌ର ମହାକାଶଚାରୀମାନେ ସୁନୀତା ଓ ବୁଚ୍‌ଙ୍କୁ ସାକ୍ଷାତ କରିଥିଲେ। ଉଦ୍ଧାରକାରୀ ଦଳ ପହଞ୍ଚିବା ପରେ ଆଇଏସ୍‌ଏସ୍‌ରେ ଏକ ଖୁସିର ମାହୋଲ୍ ଦେଖିବାକୁ ମିଳିଥିଲା। ➢ପୃଷ୍ଠା-୬

SIKSHA 'O' ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in



**କାନ ଡେରିଥା**

ମନ ଇଚ୍ଛା ଲୁଟି ରବର
ଖେଳିଲେ
ବଲ୍ଲେ ଢ଼ାବା ହଲୁଥିଲା
ସତୀ ହୋଇ ଏବେ ବୟାନ
ଦିଅନ୍ତି
ସତେ ଯେ ସେ ସତୀ ଥିଲା
ହାରାମି ଉବାଚ ଭଲା...
ବିଜେପି କୁଆଡେ ତଣ୍ଟିକୁ
ଧରିଛି
କେନ୍ଦୁଆ ବିଚରା ମଲା ।

■ ଦେବାଶିଷ

ଗନ୍ଧମାର୍ଦ୍ଦନ ଘଟଣା

## ତଥ୍ୟ ଲୁଚାଇଥିଲା ସମବାୟ ବିଭାଗ

- ୨୦୨୧ରେ ମୋହନ କରିଥିଲେ ଅଭିଯୋଗ
- ସୂଚନା ଅଧିକାରୀ କର୍ମୀ ଖୋଲିଲେ ପୋଲ୍
- ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଜେରା ପାଇଁ ଦାବି



**କଟକ, ୧୭।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଗନ୍ଧମାର୍ଦ୍ଦନ ଟ୍ରାନ୍ସପୋର୍ଟ ସମବାୟ ସମିତି ରେ ହୋଇଥିବା ବ୍ୟାପକ ଦୁର୍ନୀତି ଘଟଣାରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିଧାୟକ ମୋହନ ଚରଣ ମାଝୀଙ୍କୁ ସଠିକ ତଥ୍ୟ ଦେଇନଥିଲା ସମବାୟ ବିଭାଗ। ସେତେବେଳେ ମୋହନଙ୍କ ଅଭିଯୋଗ ଉପରେ ତଦନ୍ତ କରି ସମବାୟ ବିଭାଗ ପାଇଥିଲା ମାତ୍ର ୧୧ ଲକ୍ଷ ଟଙ୍କାର ଦୁର୍ନୀତି। ସୂଚନା ଅଧିକାର ତଥ୍ୟରୁ ଏହା ଜଣାପଡିବା ପରେ ଏବେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଛନ୍ତି ସ୍ୱେଚ୍ଛାସେବୀ। ସେମାନେ ଦର୍ଶାଇଛନ୍ତି ଯେ ଉପରେ ବିଭିନ୍ନ ଲୋକ ବାରମ୍ବାର ଅଭିଯୋଗ କରିଥିଲେ ତଦନ୍ତ ନିମନ୍ତେ ଏପରିକି ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୧ରେ ଗନ୍ଧମାର୍ଦ୍ଦନ ଟ୍ରାନ୍ସପୋର୍ଟ ସମବାୟ ସମିତି ବିରୋଧରେ ଅଭିଯୋଗ ଆଣିଥିଲେ। କିନ୍ତୁ ମଜାଦାର କଥା ହେଲା ସମବାୟ ବିଭାଗ ସ୍ୱତନ୍ତ୍ର ଅଡିଟ୍ କରିଥିଲେ ➢ପୃଷ୍ଠା-୬

# ଭିଜିଲାନ୍ସ ପଞ୍ଝାରେ ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ୍

ରାଜକନିକା,୧୭।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ଆକାଉଟାଣ୍ଟ ଏମଡି ଫିରୋଜ ଖାଁ ଦିନ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି । ବିଦ୍ୟାଳୟର ଡ୍ରେସ ବିଲ କରାଇ ଦେବାକୁ କହି ୨୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ବାବା ଦଧିବାମନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ୨୦ ହଜାର ଟଙ୍କା ଦେଉଥିବାବେଳେ ପୂର୍ବ ପ୍ରସ୍ତୁତି ଥିବା ଭିଜିଲାନ୍ସ ଟିମ୍ ମାଡି ବସିଥିଲା । ସୂଚନାଯୋଗ୍ୟ ନହୁଣି ଗାଁର ବାବା ଦଧିବାବନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ଲକର ବଳିଭଣ୍ଡା, ମାନପୁର, ବାଲିସାହି ଭଳି ପାଞ୍ଚଟି ବିଦ୍ୟାଳୟରେ ଏଲିମେଣ୍ଟାରୀ ଡ୍ରେସ ବଣ୍ଟନ କରିଥିଲେ । ଏହି ଡ୍ରେସ ବିଲ କରିବା ଲାଗି ଆକାଉଣ୍ଟାଣ୍ଟ ବାବୁ ଆଗରୁ ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଆଉ ୨ଟି ସ୍କୁଲର ବିଲ କରିବା ଲାଗି ୨୭ ହଜାର ଲାଞ୍ଚ ମାଗିଥିଲେ। ସୋମବାର ବିଲ କରାଇଦେବାକୁ ବିଇଓ କାର୍ଯ୍ୟାଳୟର ଆକାଉଟାଣ୍ଟ ବାବୁ ଜଣକ ରାଜକନିକା ଅଶୋକ ବଜାର ଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା କବିତା ସାହୁଙ୍କ ସ୍ୱମୀ ବାସୁଦେବ ସାହୁଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ରଙ୍ଗବୋଳା ଟଙ୍କା ସହ ମାଡ଼ି ବସିଥିଲେ ।

# ଓଳିହା ବାଇପାସ୍ ରୋଡ୍ କାମରେ ତଞ୍ଚକତା

## ◆ ସୋଟ ମୁହଁରେ ବିରାଟ ଗାତ ◆ ରାସ୍ତାର ସ୍ଥାୟିତ୍ୱକୁ ନେଇ ଆଶଙ୍କା

ମହାକାଳପଡ଼ା,୧୭।୩ (ସଂଚାର ବ୍ୟୁରୋ): ଓଳିହା ବାଇପାସ୍ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡି ରହିଛି। ଜମି ଅଧିଗ୍ରହଣ କାର୍ଯ୍ୟ ଅଧାରେ ଅଟକିଛି। ଯେଉଁଥିପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁନି ବୋଲି ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି। ଅନ୍ୟପଟେ ଯେଉଁ ମାଟିକାମ ଓ ପାର୍ଶ୍ୱ ଡ୍ରେନ କରାଯାଉଥିଲା ତାହାକୁ ଅଧପାନ୍ତରିଆ କରି ଠିକାଦାର ଛୁ ମାରିଛି। ଯେତିକି କାମ କରାଯାଇଛି ସେଥିରେ ବ୍ୟାପକ ଅନିୟମିତତା କରାଯାଇଥିବା ଏବେ ବାରି ହୋଇପଡୁଛି। ମାଟି ରାସ୍ତାରେ ଏବେ ବିରାଟ ଗାତ ଦେଖିବାକୁ ମିଳିଛି। ଜଳ ନିଷ୍କାସନ ପାଇଁ ଯେଉଁ ସୋଟ ବସାଯାଇଛି ତାହା ଛଡ଼ା ଛଡ଼ା ବସାଇ ଉପରେ ମାଟି ଦିଆଯାଇଛି। ଯାହା ଫଳରେ ମାଟି ଏବେ ଧସିବା ଆରମ୍ଭ ହୋଇଛି। ଘରେ ନପଶୁଣୁ ଚାଳ ବାଜିବା ଭଳି ପୂର୍ତ୍ତବିଭାଗର ଏହି କାମ ଉପରେ ଆଶଙ୍କା ପ୍ରକଟ କରିଛନ୍ତି ଅଞ୍ଚଳବାସୀ।



ପୂର୍ତ୍ତ ବିଭାଗ ତରଫରୁ ଦେଉଳ ପଡା ପଞ୍ଚାୟତ ଓଳିହା ଗ୍ରାମ ଠାରୁ ମେରଦା ଦଣ୍ଡା ପର୍ଯ୍ୟନ୍ତ ୨.୪୫୦ କି.ମି ରାସ୍ତା କାମରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବାଇପାସ୍ ରୋଡ୍ କାମରେ ଏହି ଦୃଶ୍ୟ ଦେଖିବା ପରେ କାମର ସାଧୁତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ମନଇଛା କାମ କରି ଠିକାଦାର ଛୁ ମାରିଛି। କିଛି ଚାଷୀଙ୍କ ଜମି କଡରୁ ମାଟି ତାଡି ରାସ୍ତାରେ ନଦିଥିବାରୁ ଚାଷୀମାନେ ମଧ୍ୟ ଅସନ୍ତୋଷ ଝାଡିଥିବା ଦେଖିବାକୁ ମିଳିଛି। ସେହିପରି ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁନାହିଁ। ନା ବିଭାଗର ଅଧିକାରୀ ଆସୁଛନ୍ତି ନା ଜମି ଅଧିଗ୍ରହଣ ପାଇଁ ବ୍ୟବସ୍ଥା ହେଉଛି। ଧାନ ଅମଳ ପରେ ଯେଉଁ ଜମି ଅଧିଗ୍ରହଣ କାର୍ଯ୍ୟ କରାଯିବ ବୋଲି ଶୁଣିବାକୁ ମିଳୁଥିଲା ତାହା ମଧ୍ୟ ଶିଥିଳ ପଡିଛି। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ସହିତ ବିଭାଗୀୟ ଅଧିକାରୀ ବିପର୍ଯ୍ୟସ୍ତ କାମର ପରିଦର୍ଶନ କରି ଜମି ଅଧିଗ୍ରହଣ କାର୍ଯ୍ୟ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶ୍ରୀ ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ଆୟ

# ୫ ଲକ୍ଷ ୩୬ ହଜାର ୮୮୫ ଟଙ୍କା

କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୫ ଲକ୍ଷ ୩୬ ହଜାର ୮୮୫ ଟଙ୍କା ଆୟ କରାଯାଇଛି। ଟ୍ରଷ୍ଟ ବୋର୍ଡ ସଭ୍ୟ ଶ୍ରୀ ରଂଜନ କୁମାର ପୃଷ୍ଟି ଏବଂ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଦେବୋତର କାର୍ଯ୍ୟାଳୟ ପରିସର ରେ ଗଣତି କରାଯାଇ ମୋଟ୍ ୫ ଲକ୍ଷ ୩୬ ହଜାର ୮୮୫ ଟଙ୍କା ମିଳିଥିବା ଜଣାପଡିଛି । କାର୍ଯ୍ୟକ୍ରମ ରେ ଦେବେତର ସଂସ୍ଥା କର୍ମଚାରୀ, ଅବସର ପ୍ରାପ୍ତ ପୌର କର୍ମଚାରୀ, ଇଂ ପ୍ରବୋଧ କୁମାର ପଣ୍ଡା, ପତିତ ପାବନ ଲେଙ୍କ, ଶ୍ରୀଧର ବେହେରା ସହାୟତା କରିଥିଲେ।

# ଜିବିଆଇଟିର ହାରମୋନିୟମ ଉପହାର



ମହାକାଳପଡ଼ା,୧୭।୩ (ସଂଚାର ବ୍ୟୁରୋ): ଗଜେଶ୍ୱର ବିଦ୍ୟାପୀଠ ବୁଦ୍ଧିଜୀବୀ ସଂସ୍କୃତି ( ଜି ବି ଆ ଇ ଟି ) ପରିବାର ତରଫରୁ ସୁଶ୍ରୀ ସଙ୍ଗିତା ଧଳଙ୍କୁ ଏକ ହାରମୋନିୟମ ଉପହାର ଆକାରରେ ପ୍ରଦାନ କରାଯାଇଛି। ଜିବିଆଇଟିର ଉପସଭାପତି ସଞ୍ଜିତ କୁମାର ଦାସ , ସମ୍ପାଦକ ଶୁସିଲ ସାହୁ ଓ ଅମନ ସାହୁ ସୁଶ୍ରୀଙ୍କ ବାସଭବନରେ ଏହି ହାରମୋନିୟମ ପ୍ରଦାନ କରିଛନ୍ତି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନିୟାମନ୍ତପୁର ଗ୍ରାମର ପ୍ରଶାନ୍ତ ଧଳଙ୍କ ଝିଅ ହେଉଛନ୍ତି ସୁଶ୍ରୀ ସଙ୍ଗିତା ଧଳ। ସୁଶ୍ରୀ ଚଳିତବର୍ଷ ଦଶମ ପରୀକ୍ଷା ଦେଇଛନ୍ତି। ତାଙ୍କର ସଙ୍ଗିତ ପ୍ରତି ଏକ ବଡ଼ ଦୁର୍ବଳତା ରହିଛି। ଗଜେଶ୍ୱର ବିଦ୍ୟାପୀଠ ତରଫରୁ ରାଜ୍ୟ ସ୍ତରୀୟ ସୁରଭି ୨୦୨୪ରେ ସଙ୍ଗିତ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଦ୍ୱିତୀୟ ସ୍ଥାନ ଗ୍ରହଣ କରି ବିଦ୍ୟାଳୟ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ସୁଶ୍ରୀ। ସୁଶ୍ରୀଙ୍କ ଏହି ସଫଳତା ପରେ ତାଙ୍କୁ ସଙ୍ଗୀତ ସାଧନା କ୍ଷେତ୍ରରେ ଆହୁରି ଅଧିକ ପ୍ରରଣା ଦେବାକୁ ଜିବିଆଇଟି ତରଫରୁ ଏକ ହାରମୋନିୟମ ପ୍ରଦାନ କରିବାକୁ ସଭାପତି ସୁରେନ୍ଦ୍ର କୁମାର ବାରିକ,ଉପସଭାପତି ସଂଜୀତ କୁମାର ଦାସ, ସମ୍ପାଦକ ସୁଶୀଲ କୁମାର ସାହୁ, କୋଷାଧ୍ୟକ୍ଷ ସୁବାଷ ବେହେରା ଓ ସମସ୍ତ କର୍ମକର୍ତ୍ତାମାନେ ନିଷ୍ପତ୍ତି ନେଇଥିଲେ। ସୁଶ୍ରୀଙ୍କ ପସନ୍ଦ ମୁତାବକ ହାରମୋନିୟମ ଜିବିଆଇଟି ତରଫରୁ ପ୍ରଦାନ କରାଯାଇଛି। ସୁଶ୍ରୀ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗିତ ଅଧ୍ୟୟନରେ ନିଜର ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଜିବିଆଇଟି ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ସମ୍ପାଦକ ଶୁସିଲ ସାହୁ କହିଛନ୍ତି।

# କେନ୍ଦ୍ରାପଡ଼ାରେ ସାମୁଦ୍ରିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ

● ଉତ୍କଳମଣି ଯୁବକ ସଂଘ ତରଫରୁ ସରକାରଙ୍କୁ ପ୍ରସ୍ତାବ

କେନ୍ଦ୍ରାପଡା,୧୭।୩ (ସଂଚାର ବ୍ୟୁରୋ): ଏକ ସାମୁଦ୍ରିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଉତ୍କଳମଣି ଯୁବକ ସଂଘ ତରଫରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସଭାପତି ଗୌତମ ବେହେରା ଚିଠି ଲେଖି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବ ଭାରତର ପ୍ରବେଶ ଦ୍ୱାର କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଉପରେ ବାରମ୍ବାର ଗୁରୁତ୍ୱାରୋପ କରିଛନ୍ତି। ୪୮୦ କିଲୋମିଟର ଉପକୂଳ ସହିତ ଏହି ରାଜ୍ୟ ସାମୁଦ୍ରିକ ସମ୍ପଦ, ଜୈବ ବିବିଧତା ଏବଂ ଆର୍ଥିକ ସମ୍ଭାବନାରେ ସମୃଦ୍ଧ। ଏହି ସମ୍ପଦଗୁଡ଼ିକର ଉପଯୁକ୍ତ ବ୍ୟବହାର ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଏବଂ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିପାରିବ ଏବଂ ପରିବେଶଗତ ସ୍ଥାୟୀତ୍ୱ ମଧ୍ୟ ସୁନିଶ୍ଚିତ କରିପାରିବ। ସାମୁଦ୍ରିକ ସମ୍ପଦର ଗବେଷଣା ଏବଂ ବିକାଶ, ନବୀକରଣୀୟ ଶକ୍ତି ବ୍ୟବହାର, ଉପକୂଳ ସୁରକ୍ଷା ଏବଂ ଜଳବାୟୁ ସ୍ଥିରତା, ସାମୁଦ୍ରିକ ଦକ୍ଷତା ଏବଂ ନିଯୁକ୍ତି ସୃଷ୍ଟି, ପର୍ଯ୍ୟଟନ ଏବଂ ଐତିହ୍ୟ ସଂରକ୍ଷଣମାଧ୍ୟମରେ ସ୍ଥାୟୀ ମତ୍ସ୍ୟଜୀବୀ, ସମୁଦ୍ର ବିଜ୍ଞାନ ଏବଂ ଉପକୂଳ ଶକ୍ତି ଅନୁସନ୍ଧାନ ଉପରେ ସମ୍ଭାବନାକୁ ଲକ୍ଷ କରି ଗୌତମ ଏହି ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଓଡ଼ିଶାର ଉପକୂଳରେ ପବନ ଏବଂ ଜୁଆର ଶକ୍ତିକୁ ପ୍ରୋତ୍ସାହିତ କରିବା,ଉପକୂଳ କ୍ଷୟ, ଜଳବାୟୁ ପରିବର୍ତ୍ତନ ଅନୁକୂଳ ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ। ଜାହାଜ ଚଳାଚଳ, ନୌସେନା ସ୍ଥାପତ୍ୟ ଏବଂ ସାମୁଦ୍ରିକ ଶିଳ୍ପରେ ଯୁବପିଢ଼ିଙ୍କୁ ତାଲିମ, ନିଯୁକ୍ତି ଏବଂ ଉଦ୍ୟୋଗୀ ସୁଯୋଗ ସୃଷ୍ଟି ସହିତ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ପର୍ଯ୍ୟଟନକୁ ଉତ୍ସାହିତ କରିବା ଏବଂ ଉପକୂଳ ପରିବେଶକୁ ସୁରକ୍ଷା ଦେବା ଉପରେ ମଧ୍ୟ ବିଶେଷ ସହାୟକ ହେବ। ତତସହିତ ଉପକୂଳରେ ପବନ ଶକ୍ତି କଳ ସ୍ଥାପନ କରି ନବୀକୃତ ବିଦ୍ୟୁତ ଉତ୍ପାଦନର ସୁଯୋଗ ମଧ୍ୟ ରହିଛି ବୋଲି ସେ ଦର୍ଶାଇଛନ୍ତି।

## ତାଡିଲେ ମହିଳା

# ଜାଳିଦେଲେ ଚାଖଣା ଦୋକାନ

ଡେରାବିଶ,୧୭।୩ (ସଂଚାର ବ୍ୟୁରୋ): ତାଡିଲେ ମହିଳା ଆଉ ଭାଙ୍ଗି ମାଟିରେ ମିସେଇଦେଲେ। ବାରମ୍ବାର ଅଭିଯୋଗ ସତ୍ୱେ ପ୍ରଶାସନ ର ନିରବତା ପରେ ମହିଳା ମାନେ ଶେଷରେ ନିଜର ଉଗ୍ର ରୂପ ଦେଖାଇଛନ୍ତି । ବର୍ତ୍ତମାନ ଛକ ଛକରେ ଚୋରା ମଦ ଦୋକାନତ ଆଉ କେଉଁଠି ସରକାରଙ୍କର ଅନୁମତିରେ ମଦ ଦୋକାନ ଚାଲୁଛି ଆଉ କେଉଁଠି ଚୋରାରେ ଚାଲିଛି ମଦ ବେପାର । ସରକାରଙ୍କ ଅନୁମତିରେ ଚାଲୁଥିବା ସରକାରୀ ଠିପି ବନ୍ଦ ମଦଦୋକାନ ମାନଙ୍କରେ ଏବେ ଚାଖଣା ଦୋକାନ ଦେଖିବାକୁ ମିଳୁଛି, ତତସହିତ ମଦ୍ୟପମାନଙ୍କୁ ମଦ ପିଇବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗେଇ ଦିଆଯାଉଛି । ଏହାଫଳରେ ଆଜିକାଲିର ଯୁବପିଢ଼ିମାନେ ସର୍ବାଧିକ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଏପରି ଘଟଣା ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଥାନା ଅଧୀନ ଡେରାବିସ୍ ବ୍ଲକର ବିଭିନ୍ନ ଅଞ୍ଚଳରେ ।

ଏହି ଅଞ୍ଚଳର ବିଭିନ୍ନ ଠିପି ବନ୍ଦ ମଦଦୋକାନରେ ଏବେ ଚାଖଣା ଦୋକାନ କରାଯାଇ ବେଆଇନ ଭାବେ ଲୋକମାନଙ୍କୁ ସେଇଠାରେ ମଦ ପିଇବାର ବ୍ୟବସ୍ଥା କରାଯାଉଥିବାର ଦେଖିବାକୁ ମିଳୁଛି । ଯଦିଓ ଲାଗିଥିବା ବୋର୍ଡରେ ସ୍ପଷ୍ଟ ଉଲେଖ ଅଛିକି ଠିପି ବନ୍ଦ କିନ୍ତୁ ନିୟମଟି କେବଳ ବୋର୍ଡ ଭିତରେ ସୀମିତ ରହିଯାଉଛି । ଆଉ ଠିପି ବନ୍ଦ ମଦ ଦୋକାନ ବାର୍‌ର ଭ୍ରମ ସୃଷ୍ଟି କରିଅଛି । ଯାହାଫଳରେ ଅଧିକାଂଶ ସମୟରେ ଅନେକ ମଦ୍ୟପଙ୍କ ଭିତରେ ଗଣ୍ଡଗୋଳ ହେଉଛିତ କେତେବେଳେ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି । ଏମିତିକି ଛୋଟ ଛୋଟ ପିଲାମାନେ ମଧ୍ୟ ସୁଯୋଗ ପାଇଁ ନିଶାକୁ ଆପଣାଇ ନେଉଥିବାର




ଦେଖିବାକୁ ମିଳୁଛି । ବଡ ପରୀତାପର ବିଷୟ ସବୁଦେଖି ସବୁଜାଣି ଆଖିବୁଜି କୁମ୍ଭକର୍ଣ୍ଣ ନିଦରେ ଶୋଇପଡିଛି ସ୍ଥାନୀୟ ପୋଲିସି । ଏହାର ପ୍ରତିବାଦରେ ଆଜି ଓଲଡି ଅଞ୍ଚଳର ଶତାଧିକ ମହିଳା ଏକାଠି ହୋଇ ଡେରାବିସ୍ ଥାନାରେ ଲିଖିତ ଭାବରେ ଜଣାଇବା ସହ ଓଲଡି ଠିପି ବନ୍ଦ ମଦ ଦୋକାନରେ ଥିବା ଚାଖଣା ଦୋକାନକୁ ଭାଙ୍ଗି ନିଆଁ ଲଗେଇ ଦେଇଥିଛନ୍ତି। ତେବେ ବହୁଦିନ ଧରି ଚୁପ୍ ରହିବା ପରେ ସ୍ଥାନୀୟ ମହିଳା ଆଇନକୁ ହାତକୁ ନେଇଥିବା କଥା ସ୍ପଷ୍ଟ ବାରି ହୋଇପଡ଼ିଛି ।

ଅପରପକ୍ଷେ ଏଠାରେ ଅବକାରୀ ବିଭାଗ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ସହ ମଦ ଦୋକାନ ସହ ବିଭାଗୀୟ ଅଧିକାରୀ ଏବଂ ପୁଲିସ ପ୍ରଶାସନର ମଧୁଚନ୍ଦ୍ରିକା ଚାଲିଥିବା କଥା ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଦୁବାଇରେ ପଡ଼ିରହିଛି ଦାଦନ ଶ୍ରମିକଙ୍କ ମୃତ ଶରୀର

# ଶବ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ରାଜନଗର,୧୭।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଗୁପ୍ତି ପଚାୟତ କାନଫୁଲିଆ ଗ୍ରାମର ଦିବାକର ପରିଡାଙ୍କ ସାନପୁଅ ରାଜେଶ କୁମାର ପରିଡା (୩୩ ବର୍ଷ) ଦୁବାଇରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ଚଳିତ ମାସ ଫେବୃୟାରୀ ୨୦ତାରିଖରେ ଘରୁ ଦୁବାଇ ଯାଇଥିଲେ। ମାର୍ଚ୍ଚ ମାସ ୫ ତାରିଖ ଠାରୁ ସେଠାରୁ ନିଖୋଜ ହୋଇଯାଇଥିଲେ। ସେ ରହୁଥିବା କ୍ୟାମ୍ପସ ମଧ୍ୟରେ ସ୍ଥାନୀୟ ପ୍ରବାସୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପରେ ସେମାନେ ଖବର ପାଇଥିଲେ ଦୁବାଇର ଦେଇରା ଥାନାରେ ତାର ଶବ ରହିଛି। ଏ ଘଟଣା ଜାଣିବା ପରେ ଓଡିଆ ଯୁବକ ମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ରାଜେଶଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରରେ କାନ୍ଦ ବୋବାଳି ଲାଗି ରହିଛି।

ମୃତ ରାଜେଶ ୨୦୨୩ ତାରିଖରେ ଦୁବାଇର ଆଲମଣ୍ଡ ମେକାନିଲ କମ୍ପାନୀରେ ଜମ୍ପାନୀରେ କାମ କରୁଥିଲେ। ଏହି କମ୍ପାନୀରୁ କାମ ଛାଡି ୨୦ ଫ୍ରେବ୍ରୁୟାରୀରୁ ଦୁବାଇର ୟୁନାଇଟେଡ ମାଷ୍ଟର୍ସ ଇଲୋକ୍ଟ୍ର ମେକାନିକାଲ ଏଲଏଲସିରେ କାମ କରୁଥିଲେ। ରାଜେଶଙ୍କ ମୃତ୍ୟୁ କିପରି ହେଲା କିଏ ହତ୍ୟା କରିଛି, ନା ଆଉ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ରୋଜଗାରିଆ ପୁଅର ମୃତଦେହ ଦୁବାଇରେ ପଡ଼ି ରହିଥିବା ବେଳେ ପରିବାର ଓ ଗାଁରେ କାନ୍ଦ ବୋବାଳି ଲାଗି ରହିଛି। ରାଜେଶଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ପୁଅର ଶବ କିପରି ଗାଁକୁ ଆସିବ ସେ ନେଇ ପରିବାର ଲୋକେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମୃତ ରାଜେଶଙ୍କର ପିତା ଦିବାକର ପରିଡା ଓ ମାତା ସଂଯୁକ୍ତା ପରିଡା ପୁଅର ଶବ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କୁ ଲିଖିତ ଭାବେ ଆକୁଳ ନିବେଦନ କରିଛନ୍ତି।

# ମାର୍ଶାଘାଇରେ ମିଳିତ ଜନଶୁଣାଣି

## ୧୩୫ ଅଭିଯୋଗରୁ ୧୨୨ଟି ବ୍ୟକ୍ତିଗତ ୧୩ଟି ସାମୁହିକ




ମାର୍ଶାଘାଇ,୧୭।୩ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଯୋଗଦେଇ ଅଭିଯୋଗ ଗ୍ରହଣ କରିଥିଲେ । ଏହି ଶିବିରରେ ୧୩୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୨ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୁହିକ ଅଭିଯୋଗ ଥିଲା । ରାସନକାର୍ଡ, ଭତ୍ତା ଏବଂ ଆବାସ ଯୋଜନା ଭଳି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ଉଅଁରମୁଣ୍ଡ ଏବଂ ବଡ଼ପାଳ ଗ୍ରାମରେ ପାନୀୟ ଜଳ ସମସ୍ୟା, ଶିଳିପୁରରେ ଗୋଚର ଜମି ଉଦ୍ଧାର, ମୁଖ୍ୟମନ୍ତ୍ରୀ ବସଷ୍ଟାଣ୍ଡ ନିର୍ମାଣ ଆଦି ୧୩ଟି ବିଷୟରେ ସାମୁହିକ ଅଭିଯୋଗ ହୋଇଥିଲା ।

## ଶିକ୍ଷା ବିଭାଗର ଅବ୍ୟବସ୍ଥା

# ଠିକ୍ ସମୟରେ ପହଞ୍ଚିଲାନି ପ୍ରଶ୍ନପତ୍ର



● ହାତଲେଖା ପ୍ରଶ୍ନରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ
● ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବସି ରହିଲେ
● ଦୃଢ଼ ନିନ୍ଦା କଲେ ଅଭିଭାବକ ଓ ବୁଦ୍ଧିଜୀବୀ

କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ): ଶିକ୍ଷା ବିଭାଗର ଅବ୍ୟବସ୍ଥା ଲାଗି ଆଜି ସ୍କୁଲ୍ ର ଛାତ୍ର ଛାତ୍ରୀମାନେ ସଠିକ୍ ସମୟ ରେ ପରୀକ୍ଷା ଦେଇ ପାରିନାହାନ୍ତି। ସକାଳ ସାତଟା ସମୟରେ ପରୀକ୍ଷା ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଶ୍ନପତ୍ର ସଠିକ୍ ସମୟ ପୂର୍ବରୁ ପହଞ୍ଚିପାରିନଥିଲା। ଡେରିରେ ପ୍ରଶ୍ନପତ୍ର ପହଞ୍ଚିଥିବା ସତ୍ତ୍ୱେ ମଧ୍ୟ ଆବଶ୍ୟକ ପରିମାଣରେ ପ୍ରଶ୍ନପତ୍ର ନରହି କମ୍ ସଂଖ୍ୟକ ପ୍ରଶ୍ନପତ୍ର ପହଞ୍ଚିଥିଲା। ପିଲାମାନେ ଘଣ୍ଟା ଘଣ୍ଟା ଧରି ବସିରହିଥିଲେ। ବାଧ୍ୟ ହୋଇ ଶିକ୍ଷକମାନେ ହାତରେ ପ୍ରଶ୍ନ ଲେଖି ଛାତ୍ରଛାତ୍ରୀ ମାନଙ୍କୁ ଦେବା ପରେ ପରୀକ୍ଷା ହୋଇଥିଲା।

ଏମିତି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ମାର୍ଶାଘାଇ ବ୍ଲକ ଅଧିନ ବିଭିନ୍ନ ସରକାରୀ ବିଦ୍ୟାଳୟରେ। ଉକ୍ତ ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟ ସମେତ ଖମଗାଁବିନ୍ଧାରେ ଥିବା ପ୍ରାଥମିକ ବିଦ୍ୟାଳୟ ଏବଂ ମହିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ନିଜେ ସ୍କୁଲ ପ୍ରଧାନ ଶିକ୍ଷକମାନେ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ବଣ୍ଟନ ଦାୟିତ୍ୱରେ ଥିବା ସିଆର୍‌ସିମାନେ ସ୍କୁଲକୁ ସଠିକ୍ ସମୟ ପୂର୍ବରୁ ପ୍ରଶ୍ନ ପତ୍ର ପହଞ୍ଚାଇ ନଥିବା ସେମାନେ ସ୍ପଷ୍ଟୀକରଣ ଦେଇଛନ୍ତି। ଏହା ସହ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ସଂଖ୍ୟା ୧୩ ଥିବାବେଳେ ପ୍ରଶ୍ନ ପତ୍ର କମ୍ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ହାତ ଲେଖା ପ୍ରଶ୍ନ ଦେବାରୁ ପିଲାମାନେ ବହୁ ବିଳମ୍ବରେ ପରୀକ୍ଷା ଦେଇଛନ୍ତି। ଯାହାକୁ ନେଇ ପିଲାମାନଙ୍କ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନଥିବା ଦେଖା ଦେଇଥିଲା । ଏନେଇ ଜିଲ୍ଲା ବ୍ଲକ୍ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ଫୋନ୍ ଯୋଗେ ପଚାରିବାରୁ ପ୍ରଶ୍ନ ପତ୍ର କମ୍ ଥିବା ସେ ସ୍ୱିକାର କରିଛନ୍ତି। ସେ କହିଛନ୍ତି ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ଓ କମ୍ ଥିବା ସତ। ଏଥିପାଇଁ ପିଲାମାନେ ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ଆଗକୁ ଏମିତି ଘଟଣା ସାମ୍ନାକୁ ଆସିବ ନାହିଁ ବୋଲି କହି ଘଟଣାରୁ ଦୂରେଇ ରହିବା ପାଇଁ ଚାହୁଁ ଥିବା ବେଳେ ଉକ୍ତ ଘଟଣାକୁ ଅଭିଭାବକ ଓ ସାଧାରଣରେ ବେଶ୍ ନିନ୍ଦା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।



# ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଭାଜପାର ପୂର୍ବତନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ପୂର୍ବତନ ରାଜ୍ୟ ବିଜେପି ସଭାପତି ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଥିବା ଖବର ମିଳିବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଅଧ୍ୟାପକ ଭୁବନ ମୋହନ ଜେନା, ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଗୀତାଞ୍ଜଳୀ ସେଠୀ, ସଂଜୟ କୁମାର ରଥ, ମନୀଷା ପଣ୍ଡାଙ୍କ ସମେତ କେନ୍ଦ୍ରାପଡା ବିଜେପିର ନେତୃସ୍ଥାନୀୟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ପ୍ରଧାନଙ୍କ ବିୟୋଗ ଆମ ରାଜ୍ୟ ତଥା ବିଜେପି ପାଇଁ ଏକ ଅପୂରଣୀୟ କ୍ଷତି ହେଲା ବୋଲିପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି

# ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ସହ ରେକର୍ଡ ଫିଙ୍ଗିବା ଅଭିଯୋଗ

ରାଜନଗର,୧୭।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଖମାରସାହି ସ୍ଥିତ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିପ୍ଲବ କେଶରୀ ନାୟକଙ୍କ ଅଭିଯୋଗ ମୁତାବକ ଆଜି ଦିନ ପ୍ରାୟ ୧୦ ଘଟିକା ସମୟରେ ୱେବ ସମ୍ବାଦିକ ଅନିରୁଦ୍ଧ ସେଠୀ, ବିନୋଦ କୁମାର ସାହୁଙ୍କ ସମେତ ୪ ଜଣ ବିଦ୍ୟାଳୟରେ ପହଞ୍ଚି ୪ ମାସ ହେଲା କାହିଁକି ବିଦ୍ୟାଳୟକୁ ଆସୁନଥିଲ ରେକର୍ଡ ଦେଖାଅ କହି ଜୋର ଜବରଦସ୍ତ ଆଲମୀରା ଖୋଲି ରେକର୍ଡ ପତ୍ର ଫୋପାଡି ଥିଲେ। ପ୍ରତିବାଦ କରିବାରୁ ୫୦ ହଜାର ଦିଅ ନହେଲେ ରେକର୍ଡ ଦେଖାଅ କହି ଏକ ଶକ୍ତ ଧକ୍କା ମାରିଥିଲେ। ସାମ୍ବାଦିକ ଧକ୍କାରେ କାନ୍ଥରେ ବାଡେଇ ହୋଇ ତଳେ ପଡ଼ିଯିବା ସହ ଚେତା ହରାଇଥିଲେ। ୱେବ ସମ୍ବାଦିକଙ୍କ ଏପରି କାର୍ଯ୍ୟକୁ ମୋବାଇଲରେ ରେକର୍ଡ କରୁଥିବା ଶିକ୍ଷୟିତ୍ରୀଙ୍କ ମୋବାଇଲ



ଛଡାଇ ନେଇ ଫୋପାଡି ଦେବା ସହ ତାଙ୍କୁ ଧକ୍କା ମାରି ଟଣା ଓଟରା କରିଥିଲେ। ତାଙ୍କ ଚିତ୍କାର ଶୁଣି ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚାଲିଆସି ସେମାନଙ୍କ କବଳରୁ ଶିକ୍ଷୟିତ୍ରୀଙ୍କୁ ରକ୍ଷା କରିବା ସହ ଚେତା ଶୂନ୍ୟ ହରାଇଥିବା ଶିକ୍ଷକଙ୍କୁ ଉଦ୍ଧାର କରି ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରଥମରୁ ନବମ ଶ୍ରେଣୀ ମଧ୍ୟରେ ପରୀକ୍ଷା ଦେଉଥିବା ୫୦୦ ଛାତ୍ର ଛାତ୍ରୀ ୱେବ ସାମ୍ବାଦିକଙ୍କ ଏପରି କାର୍ଯ୍ୟ ପରୀକ୍ଷାରେ ବାଧା ସୃଷ୍ଟି କରିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଶୁଣି ପରିଚାଳନା କମିଟି ଓ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ୪ ଜଣଙ୍କୁ ଅଟକ ରଖି ତାଳଚୁଆ ପୁଲିସ ଜିମା ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପାଚିକାଙ୍କ ଅଭିଯୋଗ ମୁତାବକ ଦୁଇ ଜଣ ସାମ୍ବାଦିକ ଓ ଅନ୍ୟ ଜଣେ ରୋଷେଇ ଘରକୁ ପଶି କେତେ ମିଲ ଖାଇଛ ବୋଲି ଅଶୀଳ ଭାଷାରେ କହିଥିଲେ। ପ୍ରତିବାଦ କରିବାରୁ ସାମ୍ବାଦିକ ଆମ ଗାଲକୁ ଚାପୁଡ଼ା ମାରିବା ସହିତ ଗାଳି ଗୁଲଜ କରି ପିନ୍ଧିଥିବା ଶାଢ଼ୀକୁ ଟଣା ଓଟରା କରିଥିବା ନେଇ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ଅନିରୁଦ୍ଧ ସେଠୀଙ୍କ ଅଭିଯୋଗ ମୁତାବକ ଗଣମାଧ୍ୟମ ପ୍ରତିନିଧି ଭାବେ ବିଦ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିଲୁ। ଶିକ୍ଷକ ଓ ଶିକ୍ଷୟତ୍ରୀ ଆମକୁ ଜାତି ନେଇ ଗାଳି ଗୁଲଜ କରିବା ସହିତ ଫୋନ କରି ଅଭିଭାବକଙ୍କୁ ଡକାଇ ମାଡ ମାରିଛନ୍ତି। ମହିଳା ସାମ୍ବାଦିକଙ୍କ ଅଭିଯୋଗ ମୁତାବକ ଖବର ସଂଗ୍ରହ ପାଇଁ ଟିମ ସହିତ ଯାଇଥିବା ବେଳେ ଶିକ୍ଷୟତ୍ରୀ ଓ ପାଚିକା ସହାୟିକା ଅଶୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମୋବାଇଲ ଛଡାଇ ନେଇଥିଲେ। ଏହି ସମୟରେ ୩/୪ ଜଣ ଯୁବକ ମୋତେ ମାଡ ମାରିବା ସହିତ ଚୁଟି ଘୋଷାଡ଼ି ତଳେ ପକାଇ ଅସଦାଚରଣ କରିଥିବା ଅଭିଯୋଗ କରିଛନ୍ତି।

## ବଟିରା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅନୁପଲା ସାମ୍ରାଜ୍ୟ ଏକାଦଶ ଚମ୍ପିୟାନ

ମାର୍ଶାଘାଇ,୧୭।୩ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ବଟିରା ଗ୍ରାମରେ ଅନୁଷ୍ଠିତ ହେଉଥିବା କହ୍ନେଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜଗତସିଂହପୁର ଜିଲ୍ଲାର ଅନୁପଲାର ସାମ୍ରାଜ୍ୟ ଏକାଦଶ ଚମ୍ପିୟାନ ହୋଇଛି । ବଟିରାସ୍ଥିତ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ଆଠଟା ଦଳ ଭାଗ ନେଇଥିଲେ । ଯୋକିଆ ଅଭୟପୁରର ବିଏନସିଟି ଏକାଦଶ ରନର୍ସ ଅପ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ବଟିରା ପଞ୍ଚାୟତ ବିଜେପି ପ୍ରମୁଖ ଅଧିକାରୀ ପବିତ୍ର ମୋହନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ାର ସମାଜସେବୀ ତଥା ଯାଦବ ମହାସଭା ଯୁବ ସମ୍ପାଦକ ଚିତ୍ତରଞ୍ଜନ ଦାସ ଯୋଗଦେଇଥିଲେ । ବିଜେପି ଜିଲ୍ଲା ସମ୍ପାଦକ ମିହିର କୁମାର ସାମଲ, ବଟିରା ପଞ୍ଚାୟତ ସମିତିସଭ୍ୟା ସୁନତୀ ଦାସ, ତୀଖିରି ପଞ୍ଚାଯତ ସରପଞ୍ଚ ଚାମେଲି ଓଝା, ଜୋନ ବିଜେପି ପୂର୍ବତନ ସଭାପତି ଅଖିଳ ମୋହନ ମହାପାତ୍ର, ସମାଜ ସେବି ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ମା ମଙ୍ଗଳା କ୍ରିକେଟ କ୍ଲବର ସଭାପତି ଅଜିତ୍ କୁମାର ବେହେରା ଏବଂ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ ।




# ରାମଚରିତ ମାନସ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୧୭।୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇରେ ଶ୍ରୀରାମ ଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଆସନ୍ତା ମାର୍ଚ୍ଚ ୨୯ ତାରିଖରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବଣିକ ସଂଘ ଓ ମାନସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାମ ଚରିତ ମାନସ କମିଟି ସଭାପତି କିରଣ କୁମାର ଭୂୟାଁଙ୍କ ପୌରହିତ୍ୟ ରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି),ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଚତୃଭୁଜ ରାଉଳ,ସୁଦର୍ଶନ ଦାସ, କିଶୋର ଜେନା (ବାଇନ), ପତିତପାବନ ଭଦ୍ର ଅଚ୍ୟୁତାନନ୍ଦ ଜେନା, ହରେକୃଷ୍ଣ ସାହୁ, ସମ୍ବିତ ଦାଶ, ଅଜୟ ପାଢ଼ୀ, ଅରୁଣା ପାତ୍ର ବାଇଧର ବାରିକ, ସଂଗ୍ରାମ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ଆରମ୍ଭ ହେଉଥିବା ଶ୍ରୀରାମଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞକୁ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଓଡିଶାର ପ୍ରସିଦ୍ଧ ପ୍ରବଚକ ମାନେ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଜଙ୍ଗଲ ନିଆଁକୁ ଲିଭାଇବାକୁ ଯାଇ ଜୀବନ୍ତ ଜଳିଗଲେ ମହିଳା



**କାମାକ୍ଷାନଗର,୧୭।୩ (ସଂଚାର ବ୍ୟୁରୋ):** ଜଙ୍ଗଲ ନିଆଁରେ ଜଣେ ମହିଳା ଜଳିଯାଇଛନ୍ତି। ତେବେ ଜଙ୍ଗଲରେ ଲାଗିଥିବା ନିଆଁ ତାଙ୍କ ଘର ଆଡ଼କୁ ମାଡ଼ିଆସୁଥିବା ସମୟରେ ଏହାକୁ ରୋକିବା ସକାଶେ ଉଦ୍ୟମ କରିବା ସମୟରେ ମହିଳା ଜଣଙ୍କ ଏପରି ଅଘଟଣର ଶିକାର ହୋଇଛନ୍ତି। ଏଥିରେ ଉକ୍ତ ମହିଳାଙ୍କ ପ୍ରାଣହାନି ଘଟିଛି। ମହିଳାଙ୍କ ଘର କାମାକ୍ଷାନଗର ମହାବିରୋଡ଼ ଥାନା ଗୋବରୀ ଗାଁରେ ବୋଲି ଜଣାପଡ଼ିଛି। ଗୋବରୀ ଗାଁର ଅତି ନିକଟରେ ଜଙ୍ଗଲ ରହିଥିବା ବେଳେ କୌଣସି କାରଣକୁ ଆଜି ସେଠାରେ ନିଆଁ ଲାଗି କ୍ରମଶଃ ଚାରିଆଡ଼କୁ ବ୍ୟାପିଯାଇଥିଲା। ଉକ୍ତ ମହିଳାଙ୍କ ନାମ ବୁଧିନୀ ମହାନ୍ତ ହୋଇଥିବା ବେଳେ ଘର ଆଡ଼କୁ ନିଆଁ ମାଡ଼ିଆସୁଥିବା ଦେଖି ନିକଟରେ ଥିବା କେନାଲ ହୁଡ଼ା ଉପରେ ଛିଡ଼ା ହୋଇ ସେ ବାଡ଼ିରେ ନିଆଁକୁ ହଟାଉଥିଲେ। କିନ୍ତୁ ଅଚାନକ ଗୋଡ଼ ଖସିଯିବାରୁ ସେ ନିଆଁ ଉପରେ ଖସିପଡ଼ିଥିଲେ। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ସେ ନିଆଁ ମଧ୍ୟରୁ ଆଉ ବାହାରିପାରିନଥିଲେ। କିଛି ସମୟ ଭିତରେ ସେ ଜୀବନ୍ତ ଦଗଧ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହାକୁ ଦେଖି ମହାବିରୋଡ଼ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ନାବାଳକକୁ ପଥର ଛେଚି ନିର୍ମମ ହତ୍ୟା

**ବରଗଡ଼,୧୭।୩ (ସଂଚାର ବ୍ୟୁରୋ):** ପୁଅ ଘରେ ଥିଲା ତାକୁ ଘରୁ ଡାକି ନେଇଥିଲା ତା' ସାଙ୍ଗ । ଆମେ ଭାବିଲୁ ଖେଳିବାକୁ ଯାଇଛି ଘରକୁ ପଳାଇ ଆସିବ ହେଲେ ଆଉ ଘରକୁ ଆସି ନଥିଲା ପୁଅ । ବହୁ ଖୋଜା ଖୋଜି ପରେ କୋଉଠି ବି ତାକୁ ପାଇନଥିଲୁ । ଏବେ ଦେଖିଲାରୁ ତା ଦେହରେ ଆଉ ଜୀବନ ନାହିଁ । ଏଭଳି କଥା କହି ଦୁଃଖରେ ଭାଙ୍ଗି ପଡୁଛନ୍ତି ୧୪ ବର୍ଷର ନାବାଳକଙ୍କ ବଡ଼ବାପା । ଯାହାଙ୍କ ପୁତୁରାକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଭଟଲି ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ିଆ ଗାଁର ୧୪ ବର୍ଷର ନାବାଳକକୁ କରାଯାଇଛି ହତ୍ୟା । ନାବାଳକକୁ ପଥର ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ହାତରେ ପୋଡ଼ା ଚିହ୍ନ ଦେଖିବାକୁ ମିଳିଛି। ନବମ ଶ୍ରେଣୀରେ ପାଠ ପଢୁଥିବା କେନ୍ଦୁଗୁଡ଼ିଆ ଗାଁର ନାବାଳକ ସମୀର ପ୍ରଧାନ। ଗତକାଲି ସକାଳୁ ସାଇକେଲ ଧରି ଖେଳିବାକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନଥିଲେ' ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ହେଲେ ପାଇ ନଥିଲେ । ସମୀରଙ୍କୁ ନପାଇବାରୁ ଶେଷରେ ଭଟଲି ଥାନାରେ ପୁଅ ନିଖୋଜ ହୋଇଥିବା ନେଇ ବାପା ଦିବ୍ୟାଲୋଚନ ପ୍ରଧାନ ଏତଲା ଦେଇଥିଲେ । ତେବେ ଆଜି ସକାଳେ କେନ୍ଦୁଗୁଡ଼ିଆ ଗାଁରୁ ୫ କିଲୋମିଟର ଦୂର ପଣ୍ଡିତରେଇ ଜଙ୍ଗଲରେ ମହୁଲ ତୋଳିବାକୁ ଯାଇଥିବା କିଛି ଲୋକେ ସମୀରଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ମୃତଦେହ ନିକଟରେ ସାଇକେଲ ଓ ଚପଲ ପଡ଼ି ରହିଥିବା ବେଳେ ଗୋଟିଏ ରକ୍ତ ଭିଜା ପଥର ମଧ ପଡ଼ିଥିଲା । ଏହି ଖବର ପ୍ରଚାରିତ ହେବା ପରେ ମୃତ ସମୀରର ପରିବାର ଲୋକେ ଏବଂ କେନ୍ଦୁଗୁଡ଼ିଆ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ । ସକାଳ ୮ ଟାରୁ ପୋଲିସକୁ ଖବର ଦେବା ପରେ ମଧ ପୋଲିସ ଘଟଣା ସ୍ଥଳକୁ ବିଳମ୍ବରେ ପହଞ୍ଚିବାରୁ ଲୋକଙ୍କ ମଧରେ ଉତ୍ତେଜନା ଦେଖାଦେଇଥିଲା । ଏନେଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ସମୀର ଘରୁ ଆଣିଥିବା ମୋବାଇଲଟି ଗାୟବ ଅଛି । ତେବେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଭାବେ ଜଣା ପଡୁଥିବା ବେଳେ କିଏ ଓ କାହିଁକି ଏପରି ଜଣେ ନାବାଳକଙ୍କୁ ନିର୍ମମ ଭାବେ ହତ୍ୟା କରିଛି ପୋଲିସ ତାର ଅଧିକ ତଦନ୍ତ ଜାରିରଖିଛି । ହେଲେ ଏହି ଘଟଣାକୁ ନେଇ ପୋଲିସ ବିଭାଗର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଶୋକ

**ନୂଆଦିଲ୍ଲୀ,୧୭।୩:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଦିଲ୍ଲୀରେ ଥିବା ବେଳେ ତାଙ୍କ ସହିତ ମୋର ଅନେକ ଥର ଦେଖା ହୋଇଛି। ସେ ଜଣେ ଭଦ୍ର ଓ ଅମାୟିକ ବ୍ୟକ୍ତି ଥିଲେ। ଓଡ଼ିଆଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ଥିଲା। ତାଙ୍କର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ବୋଲି ଗୁରୁଜୀ କହିଛନ୍ତି।

## ଡା. ପ୍ରଧାନଙ୍କ ବିୟୋଗରେ ପ୍ରଫୁଲ୍ଲ ଘଡ଼ାଇଙ୍କ ଶୋକ

**ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ):** ଆଜି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ଘଟିଥିବା ବେଳେ ଏଥିରେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳର ଜଣେ ସଦସ୍ୟ ଭାବେ ଡ. ପ୍ରଧାନ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ରାଜ୍ୟର ଅନେକ ରାସ୍ତାକୁ ଜାତୀୟ ରାଜପଥରେ ପରିଣତ କରିବା ଦିଗରେ ତାଙ୍କର ଉଦ୍ୟମକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ସେ ଜଣେ ଉଚ୍ଚକୋଟୀର ରାଜନେତା ସହ ବନ୍ଧୁବତ୍ସଳ, ମେଳାପୀ ଓ ନୀତି ଆଦର୍ଶରେ ବିଶ୍ୱାସ କରୁଥିବା ମଣିଷ ଥିଲେ। ତାଙ୍କ ସହିତ ମୋର ବନ୍ଧୁତ୍ୱ ବେଶ୍ ଘନିଷ୍ଠ ଥିଲା। ଆମମାନଙ୍କ ନିବେଦନ କ୍ରମେ ଡ. ପ୍ରଧାନ ଚଣ୍ଡିଖୋଲ-କନକତୋରା ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦେଇଥିଲେ। ତାଙ୍କ ବିୟୋଗରେ ରାଜ୍ୟର ରାଜନୈତିକ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ମଳିନ ପଡ଼ିଯାଇଥିବା ବେଳେ ମୁଁ ଜଣେ ବିଶିଷ୍ଟ ବନ୍ଧୁଙ୍କୁ ହରାଇଲି ବୋଲି ଶ୍ରୀ ଘଡ଼ାଇ କହିଛନ୍ତି। ଏଥିସହ ସେ ଡ. ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଓ ଗାର୍ଡ ଅଫ୍ ଅନର୍













## ମାର୍ଚ୍ଚ ୨୧ରୁ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବ




**ଭୁବନେଶ୍ୱର,୧୭।୩ (ସଂଚାର ବ୍ୟୁରୋ):** ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ମାର୍ଚ୍ଚ ୨୧ରୁ ଆରମ୍ଭ ହେବାକୁ ଯାଉଛି ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ମହାପର୍ବ କଳିଙ୍ଗ ସାହିତ୍ୟ ମହୋତ୍ସବ। ଚଳିତ ବର୍ଷ ୧୧ତମ ସଂସ୍କରଣରେ ଏକାଠି ହେବେ ବିଶ୍ୱର ୨୫ଟି ଭାଷାର ୪୦୦ରୁ ଅଧିକ ଲେଖକ, ଚିନ୍ତକ ତଥା ବୁଦ୍ଧିଜୀବୀ। ସେମାନଙ୍କ ଉପସ୍ଥିତିରେ ଏହି ମହୋତ୍ସବ ହେବ ଭାଷା ଏବଂ ସାଂସ୍କୃତିକ ମିଳନର ସମୃଦ୍ଧ ମଞ୍ଚ। ଏହା ଦେଶର ପ୍ରଥମ ସାହିତ୍ୟ ମହୋତ୍ସବ ଭାବେ ଏକାଦିକ୍ରମେ ତିନୋଟି ସ୍ଥାନରେ ମଞ୍ଚ ନାଟକ, ନୃତ୍ୟ, ସଙ୍ଗୀତ, କବିତା ପାଠ, ଗଜଲ, ମୁଶାୟରା ଏବଂ ଅନ୍ୟାନ୍ୟ ସାହିତ୍ୟିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରୁଛି। ଭାଷା ସାହିତ୍ୟ, ଗୀତ ସଙ୍ଗୀତର ଏହି ତିନିଦିନିଆ ମହାପର୍ବକୁ ପାଳନ କରିବା ପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ରୁ ଅଧିକ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗ ଦେବେ। ନେପାଳ, ଭୁଟାନ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଏବଂ ୟୁରୋପରୁ ୫୦ରୁ ଅଧିକ ଲେଖକ ତଥା କଳାକାର ଏହି ମହୋତ୍ସବରେ ସାମିଲ୍ ହେବେ। ସୃଜନ ଓ ବୌଦ୍ଧିକ ଜଗତକୁ ଉଲ୍ଲେଖନୀୟ ଅବଦାନ ଦେଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥିରେ ପ୍ରତିଷ୍ଠିତ କଳିଙ୍ଗ ସାହିତ୍ୟ ପୁରସ୍କାର ଦିଆଯାଇଥାଏ। ଚଳିତ ବର୍ଷ ମମତା କାଲିଆ ଓ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର, ଡକ୍ଟର ଶ୍ରୀନୁରୁଦ୍ଧସ ଦାଶଙ୍କୁ କଳିଙ୍ଗ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର, ଡକ୍ଟର ମମତା ମିଶ୍ରଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଯୋଗଦେବେ। ସମ୍ମାନିତ ଅତିଥି ଭାବରେ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଏଚ୍.ଇ. ଇନା ହାଗ୍ନିନତ୍ୟସ କୃଷ୍ଣମୂର୍ତ୍ତି, ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଏବଂ ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସରାଓ ଉପସ୍ଥିତ ରହିବେ। ଚଳିତ ସାହିତ୍ୟ ମହୋତ୍ସବରେ ଏଥର ବିଷୟବସ୍ତୁ ରହିଛି 'ସାହିତ୍ୟ ଏବଂ ବିଶ୍ୱ: ଅନ୍ତର୍ଭୁକ୍ତି, ପରିଚୟ ଏବଂ ସମ୍ପୃକ୍ତି'। ହୋଟେଲ ମେ ଫେୟାର ଲାଗୁନ୍, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଉତ୍କଳ ମଣ୍ଡପ ପରି ଭୁବନେଶ୍ୱରର ତିନୋଟି ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହିନ୍ଦୀ ଭାଷାର ପ୍ରସିଦ୍ଧ ଲେଖିକା ମମତା କାଲିଆ ଓ ପ୍ରତିଷ୍ଠିତ ଅନୁବାଦକ ତଥା ଶିକ୍ଷାବିତ୍ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ସେହିପରି ସଂସ୍କୃତ ବିଦ୍ୱାନ ଡକ୍ଟର ଶ୍ରୀନୁରୁଦ୍ଧସ ଦାଶଙ୍କୁ କଳିଙ୍ଗ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାରରେ ସମ୍ମାନିତ କରାଯିବ। ନେପାଳର ଲୋକପ୍ରିୟ ଲେଖିକା ଡକ୍ଟର ମମତା ମିଶ୍ରଙ୍କୁ, କଳିଙ୍ଗ ସାହିତ୍ୟ ପୁରସ୍କାର (ଯୁବ) ପ୍ରଦାନ କରାଯିବ।

## ବେଦାନ୍ତର 'ପ୍ରକଳ୍ପ ଆରୋଗ୍ୟମ୍'

### ଗ୍ରାମାଞ୍ଚଳରେ କର୍କଟ ପରୀକ୍ଷଣ ଓ ସଚେତନତା ଅଭିଯାନ

**ସୁନ୍ଦରଗଡ଼,୧୭।୩(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ ପକ୍ଷରୁ ଛତିଶଗଡର ରାୟପୁର ସ୍ଥିତ ଅଗ୍ରଣୀ କର୍କଟ ଚିକିତ୍ସାଳୟ ବାଲକୋ ମେଡ଼ିକାଲ ସେଣ୍ଟର (ବିଏମସି) ସହଯୋଗରେ ଝାରସୁଗୁଡ଼ା ଜିଲ୍ଲା ନିକଟବର୍ତ୍ତୀ ବେଲପାହାଡ ଏବଂ ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ପ୍ରକଳ୍ପ ଆରୋଗ୍ୟମ୍-କିଓର ୱିଥ୍ କେୟାର' ଅଧୀନରେ ଏକ ବ୍ୟାପକ କର୍କଟ ଚିହ୍ନଟ ପରୀକ୍ଷଣ ଏବଂ ସଚେତନତା ଅଭିଯାନ ପରିଚାଳନା କରାଯାଇଛି। ବିଏମସିର ଅତ୍ୟାଧୁନିକ ମୋବାଇଲ୍ କର୍କଟ ଚିହ୍ନଟ ଭ୍ୟାନ୍ ସ୍ୱାସ୍ଥ୍ୟ ଶିବିରରେ ନିୟୋଜିତ କରାଯାଇଥିଲା ଯେଉଁଥିରେ ମାମୋଗ୍ରାଫି, ପାପ୍ ସ୍ମିଅର୍ ଟେଷ୍ଟ (ପିଇପି) ଏବଂ ବ୍ରଶ୍ ସାଇଟୋଲୋଜି ସମେତ ବ୍ୟାପକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଚିକିତ୍ସା ସମୟରେ ରୋଗୀଙ୍କ ସହିତ ଜଣେ ସହାୟକ ରହିବା ସହିତ ଅଧିକ ଚିକିତ୍ସା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଏମସି ମାଗଣା ଚିକିତ୍ସା ମଧ୍ୟ ପ୍ରଦାନ ଯୋଗାଇ ଦିଆଯାଇଥିଲା । ପରୀକ୍ଷଣ ସମୟରେ ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟସେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ମୋଟ ୧୮୨ ଜଣ ଉପକୃତ ହୋଇଥିଲେ।

ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକର ସହକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ (ଏବିଡିଓ) ଜିତେନ୍ଦ୍ର ମୁଣ୍ଡା କହିଛନ୍ତି ଯେ ବେଦାନ୍ତର ସ୍କ୍ରିନିଂ ଏବଂ ସଚେତନତା ଶିବିର ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ କର୍କଟ ରୋଗ ବିରୁଦ୍ଧରେ ଲଢ଼େଇରେ ଶୀଘ୍ର ଚିହ୍ନଟ ଏବଂ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବେଦାନ୍ତ ଏଭଳି ପଦକ୍ଷେପ ନେଇ ଆଗକୁ ଆସି ଏଠାକାର ଲୋକଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଥିବାରୁ ମୁଁ କମ୍ପାନୀକୁ ଧନ୍ୟବାଦ ଜଣାଉଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପରୀକ୍ଷା ଏବଂ ଚିକିତ୍ସା ସହିତ ଜଡିତ ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି ଏବିଡିଓ ମନ୍ତବ୍ୟ ଦେଇଛନ୍ତି। ବେଦାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରି କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛନ୍ତି ଯେ ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଆମର ବିବିଧ ସ୍ୱାସ୍ଥ୍ୟ ପଦକ୍ଷେପ ସ୍ୱରୂପ ଦୁର୍ଗମ କୋଣ ଅନୁକାଣରେ ସୁସଜ୍ଜିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପହଞ୍ଚୁଛି ଏବଂ ନିୟମିତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି ଯେଉଁଠାରେ ସେଗୁଡ଼ିକର ସବୁଠାରୁ ଅଧିକ ଆବଶ୍ୟକତା ରହିଛି। ବିଏମସି ସହିତ ଆମର ସହଯୋଗ ମାଧ୍ୟମରେ ଆମେ ପ୍ରାରମ୍ଭିକ ଡାକ୍ତରୀ ସେବାକୁ ସୁଗମ କରୁଛୁ ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରୁଛୁ, ଯାହା ଦ୍ୱାରା ଏହି ଅଞ୍ଚଳରେ ଜୀବନର ଗୁଣବତ୍ତାରେ ଉନ୍ନତି ଘଟୁଛି ବୋଲି ସିଇଓ କହିଛନ୍ତି।




## ବରପୁତ୍ରଙ୍କ ଜନ୍ମପୀଠ ସ୍ମାରକୀ ନିର୍ମାଣ ବିଳମ୍ବ

**ଭୁବନେଶ୍ୱର,୧୭।୩:** ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ମନ୍ମଥନାଥ ଦାସ ଓ ମନୋଜ ଦାସଙ୍କ ଜନ୍ମପୀଠକୁ ଯେଭଳି ରାଜ୍ୟ ସରକାର ଐତିହସ୍ଥଳୀ ଭାବେ ବିକଶିତ କରିଛନ୍ତି ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀ ଏବଂ ମା'ରମାଦେବୀଙ୍କ ନିବାସ ସ୍ଥଳକୁ ରାଜ୍ୟ ମାନ୍ୟତା ଦେଇ ଏଠାରେ ସୁଦୃଶ ସଂଗ୍ରହାଳୟ ସ୍ଥାପନ ଲାଗି ବିଭିନ୍ନ ମହଲରୁ ଦାବି ହେଉଛି। ଏମାନଙ୍କ ଛଡ଼ା ଆଉ ଯେଉଁ ବରପୁତ୍ର ଓ ପୁତ୍ରୀମାନଙ୍କ ରାଜ୍ୟପାଇଁ ପ୍ରମୁଖ ଅବଦାନ ରହିଛି ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ସ୍ୱାଧୀନତା ସଂଗ୍ରାମରେ ରାଜ୍ୟର ଯେଉଁ ଶକ୍ତିକେନ୍ଦ୍ରମାନ ରହିଥିଲା ସେଗୁଡ଼ିକୁ ମଧ ସୁରକ୍ଷିତ ରଖିବା ଲାଗି ମତ ପ୍ରକାଶ ପାଉଛି।

କଟକର ଓଡ଼ିଆ ବଜାରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ରଙ୍କ ପୈତୃକ ଗୃହ ଜାନକୀନାଥ ଭବନକୁ ରାଜ୍ୟ ସରକାର ହାତକୁ ନେଇ ଏହାକୁ ଏକ ପ୍ରେରଣାଦାୟୀ ଦର୍ଶନୀୟ ସ୍ଥାନ ଭାବେ ଗଢ଼ି ତୋଳିଛନ୍ତି। ସେହିପରି ସୁଆଣ୍ଡୋରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠର ମଧ ଆକର୍ଷଣୀୟ ବିକାଶ କରାଯାଇଛି। ବିଜୁ ପଟ୍ଟନାୟକଙ୍କ କଟକସ୍ଥିତ ପୈତୃକ ବାସଗୃହ ଆନନ୍ଦ ଭବନକୁ ରାଜ୍ୟ ସରକାର ନିଜ ଅକ୍ତିଆରକୁ ନେଇ ସେଠାରେ ସୁଦୃଶ ସ୍ମାରକୀ ନିର୍ମାଣ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ଥିବା ପ୍ରଫେସର ମନ୍ମଥନାଥ ଦାସ ଓ ମନୋଜ ଦାସଙ୍କ ପୈତୃକ ଗୃହକୁ ମଧ ସରକାର ନିଜ ଅକ୍ତିଆରକୁ ଆଣି ତାହାକୁ ସ୍ମାରକୀସ୍ଥଳ ଭାବେ ପ୍ରତିଷ୍ଠିତ କରାଇଛନ୍ତି।



କିନ୍ତୁ ଏଯାବତ୍ ଓଡ଼ିଶା ପ୍ରଦେଶ ଗଠନର ଆଦ୍ୟ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରକୁ ଯେଭଳି ବିକାଶ କରାଯିବା କଥା ତାହା ହୋଇପାରି ନାହିଁ। ଅବଶ୍ୟ ମଧୁବାବୁଙ୍କ ପାଳିତା କନ୍ୟା ଶୈଳବାଳା କଟକରେ ଥିବା ମଧୁକୋଠିକୁ ସରକାରଙ୍କ ହାତରେ ଟେକିଦେବା ପରେ ସେହି ପରିସରରେ ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜ୍ ଛିଡ଼ା ହୋଇଛି ଏବଂ ସେଠାରେ ମଧୁବାବୁଙ୍କ ବାସଗୃହ ସଂରକ୍ଷିତ ହୋଇ ରହିବା ସହିତ ଏକ ସଂଗ୍ରହାଳୟ ମଧ କାମ କରୁଛି।

ସତ୍ୟଭାମାପୁରରେ ମଧୁବାବୁଙ୍କ ଜନ୍ମପୀଠକୁ ଐତିହସ୍ଥଳୀ ଭାବେ ଗଢ଼ି ତୋଳିବା ଲାଗି ବିଭିନ୍ନ ମହଲରୁ ଚାପ ପ୍ରୟୋଗ ହେବା ପରେ ଗତ ସରକାର ସମୟରେ ଏଠାରେ ସ୍ମାରକୀ ନିର୍ମାଣ ଲାଗି ଘୋଷଣା କରାଯାଇଥିଲା। ତେବେ ଏହି ପ୍ରକଳ୍ପ ଘେନି ବିବାଦ ଲାଗି ରହିବା ପରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। କେବଳ ସେତିକି ନୁହେଁ, ଗତ ଫେବୃଆରୀ ମାସରେ ଉତ୍କଳ ଗୌରବଙ୍କ ଓ ଲୋକମାତା କସ୍ତୁରବାଙ୍କ ପୁଣ୍ୟତିଥି ମଧ ଏଠାରେ ଠିକଣା ଭାବେ ପାଳିତ ହୋଇନାହିଁ। ରାଜନୈତିକ ପ୍ରସଂଗରୁ ଉର୍ଦ୍ଧ୍ୱରେ ରହି ଏହି ପ୍ରକଳ୍ପ କାମ ଯେଭଳି ସୀମିତ ସମୟ ମଧରେ ଶେଷ ହେବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ବହୁ ସଂଗଠନ ଓ ବ୍ୟକ୍ତି ବିଶେଷ ଦାବି କରୁଛନ୍ତି।

ଓଡ଼ିଶା ତଥା ଦେଶ ରାଜନୀତିର ସମର୍ପିତ ସଂଗ୍ରାମୀ ନେତା ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଅନୁଗୁଳସ୍ଥିତ ନଡ଼ା ଛପର ବାସଗୃହକୁ ଜାତୀୟ ସ୍ମାରକୀ ଭାବେ ଗଢ଼ି ତୋଳିବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ସଂସ୍କୃତି ବିଭାଗର ସଚିବ, ନିର୍ଦ୍ଦେଶକ ଆଦି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏମିତିକି ସ୍ଥପତିମାନଙ୍କ ଦ୍ୱାରା ଏହି ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରାଯାଇଥିଲା ଏବଂ ଜିଲ୍ଲା ପ୍ରଶାସନ ଓ ଚୌଧୁରୀ ଦମ୍ପତିଙ୍କ ସୁପୁତ୍ରୀ କ୍ରିଷ୍ଣା ମହାନ୍ତିଙ୍କ ସହିତ ବାରମ୍ବାର ସରକାରୀ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ ବି ଏହି ପ୍ରକଳ୍ପ କାମ ଏଯାବତ୍ ଆରମ୍ଭ ହୋଇନାହିଁ। ସତ୍ୟଭାମାପୁର ଓ ଅନୁଗୁଳ ପ୍ରକଳ୍ପ ପାଇଁ ଜମିଜମା ସମସ୍ୟା ଲାଗିରହିଥିବାରୁ ଏହି ଦୁଇ ପ୍ରକଳ୍ପ କାମ ଆଗେଇ ପାରୁନଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଏହାଛଡ଼ା ଆଗରପଡ଼ାରେ ହରେକୃଷ୍ଣ ମହତାବଙ୍କ ଜନ୍ମପୀଠ ଓ କଟକ ବାଖରାବାଦ୍‌ର ମା'ରମାଦେବୀ ଏବଂ ଗୋପବନ୍ଧୁ ଚୌଧୁରୀଙ୍କ ସାଧନାପୀଠ ଚୌଧୁରୀ ନିବାସରେ ମଧ ଜାତୀୟ ସ୍ମାରକୀ ନିର୍ମାଣଲାଗି ମତ ପ୍ରକାଶ ପାଉଛି। (ତଥ୍ୟ)

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ.ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



**ଭୁବନେଶ୍ୱର,୧୭।୩ (ସଂଚାର ବ୍ୟୁରୋ):** ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ପରଲୋକ ଘଟିଛି। ଡକ୍ଟର ପ୍ରଧାନ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଦେଶ ଓ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି।

୧୯୪୧ ମସିହା ଜୁଲାଇ ୧୬ ତାରିଖରେ ସ୍ୱର୍ଗତଃ ଡକ୍ଟର ପ୍ରଧାନ ଜନ୍ମଗ୍ରହଣ କରିଥିଲେ। ୧୯୬୬ ମସିହାରେ କଟକ ଏସ୍‌ସିବି ମେଡିକାଲରୁ ଏମ୍‌ବିଏସ୍ ଡିଗ୍ରୀ ହାସଲ କରିବା ପରେ ତାଳଚେରରେ ଚିକିତ୍ସକ ଭାବେ କାର୍ଯ୍ୟ କରିଥିଲେ। ୧୯୮୦ ମସିହାରେ ଭାରତୀୟ ଜନତା ପାର୍ଟିରେ ଯୋଗଦେବା ପରେ ଦୃଢ଼ ସଙ୍ଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ବାଜପେୟୀଙ୍କ ସରକାରରେ ୨ ଥର କେନ୍ଦ୍ରମନ୍ତ୍ରୀ, ୩ ଥର ବିଜେପି ରାଜ୍ୟ ସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ୱର୍ଗତଃ ଡକ୍ଟର ପ୍ରଧାନ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ହେବା ସହ ରାଷ୍ଟ୍ରୀୟ ଉପସଭାପତି ଭାବେ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ଦଳକୁ ତୃଣମୂଳସ୍ତରରୁ ମଜ୍‌ଭୁତ କରିବାରେ ତାଙ୍କ ଭୂମିକା ଅତୁଳନୀୟ। ଡକ୍ଟର ପ୍ରଧାନ ସମାଜ ଏବଂ ସଙ୍ଗଠନରେ ସମସ୍ତଙ୍କୁ ଭଲପାଇବା ସହ ଏକ ଅମାଇକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ।

ତାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ଶ୍ରୀ ମାନସ କୁମାର ମହାନ୍ତି ପ୍ରାର୍ଥନା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର



# ଆତ୍ମଘାତୀ ଆଭିମୁଖ୍ୟ

ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତା ଉପଭୋଗ କରି ଆସିଥିବା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତା ଦଳର ଆଭିମୁଖ୍ୟରେ ଏବେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଶତ୍ରୁର ଶତ୍ରୁ ମିତ୍ର ନୀତିରେ ଏହା ଧିରେ କଂଗ୍ରେସ ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଛି। ଜାତୀୟ ରାଜନୀତିରେ ବିଜେଡି ଇଣ୍ଡି ମେଣ୍ଟରେ ସାମିଲ ହେବା ନେଇ ଚର୍ଚ୍ଚା ଯୋର ଧରିଛି। ୨୦୨୯ ନିର୍ବାଚନକୁ ବହୁ ଦୂର ଅଛି। ତେଣୁ ଏବେଠାରୁ ଏ ସମ୍ପର୍କରେ କିଛି ଆକଳନ କରିବା ଅପରିକ୍ୱତା ହେବ। କିନ୍ତୁ ଏଭଳି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚାକୁ ଏ ଯାବତ ବିଜେଡି ଖଣ୍ଡନ କରିନାହିଁ। ଏକଦା ରାଜ୍ୟରେ କଂଗ୍ରେସକୁ ପରାଜିତ କରିବା ନିମନ୍ତେ ବିଜୁ ଜନତା ଦଳ ଗଠିତ ହୋଇଥିଲା। ଏଥିପାଇଁ ବିଜେଡି-ବିଜେପି ମେଣ୍ଟ ଗଠିତ ହୋଇଥିଲା। ତାହା ସଫଳ ମଧ୍ୟ ହୋଇଥିଲା। ୧୯୯୮ରୁ ଆଜି ପର୍ଯ୍ୟନ୍ତ ପ୍ରତିଟି ନିର୍ବାଚନ ଏବଂ ଉପନିର୍ବାଚନରେ କଂଗ୍ରେସ ପରାଜିତ ହୋଇଛି। ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ଅନେକ ଆକଳନ କରୁଥିଲେ ଯେ, ଅଣକଂଗ୍ରେସ ଭୋଟ ବିଭାଜନରୁ ଫାଇଦା ଉଠାଇ କଂଗ୍ରେସ କ୍ଷମତାକୁ ଫେରିବ। ତେବେ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ କଂଗ୍ରେସ ହାର ମାନିଥିଲା। ୨୦୦୯ ବିଧାନସଭା ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲା। ବିଜେପି ତୃତୀୟ ସ୍ଥାନରେ ରହିଥିଲା। କିନ୍ତୁ ସେବେଠାରୁ ରାଜ୍ୟ ରାଜନୀତିରେ ଏକ ନୂଆ ମୋଡ଼ ସୃଷ୍ଟି ହୋଇଥିଲା। ୨୦୦୯ପରଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସବୁ ନିର୍ବାଚନରେ ତ୍ରିମୁଖୀ ମୁକାବିଲା ଦେଖିବାକୁ ମିଳୁଛି। ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେଉଛି। ଉଭୟ ବିଜେଡି ଏବଂ ବିଜେପିର ସମାନ ଚିନ୍ତାଧାରା। ତାହା ହେଲା କଂଗ୍ରେସକୁ ବିରୋଧ କରିବା ଏବଂ ଅଣ କଂଗ୍ରେସ ରାଜନୀତିର ନେତୃତ୍ୱ ନେବା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ଜାତୀୟ ରାଜନୀତିରେ ଆଜି ପର୍ଯ୍ୟନ୍ତ କଂଗ୍ରେସ ଓ ବିଜେପିଠାରୁ ସମଦୂରତ୍ୱ ନୀତି ଆପଣାଇଆସିଛି। ସେଥିପାଇଁ ଏହା ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ କୋ଼ଣସି ମେଣ୍ଟରେ ସାମିଲ ହୋଇନାହିଁ। ନା ଏନଡିଏରେ ଅଛି, ନା ଇଣ୍ଡିମେଣ୍ଟରେ ଅଛି। ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ ପ୍ରଦାନ କରିଆସୁଥିଲା। ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ ଗୃହୀତ କରାଇବାରେ ବିଜେଡି ନିର୍ଣ୍ଣାୟକ ଭୂମିକା ତୁଲାଇଥିଲା। ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଲୋକସଭା ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ସବୁ ବେଳେ ବିଜେପି ସପକ୍ଷରେ ରହିଛି। ଏପରିକି ବିଜେପିକୁ ଓଡ଼ିଶାରୁ ରାଜ୍ୟସଭାକୁ ଗୋଟିଏ ଆସନ ମଧ୍ୟ ଛାଡ଼ିଦେଇଛି। ଏହା କିଛି କମ କଥା ନୁହେଁ। କିନ୍ତୁ ୨୦୨୪ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ଏବଂ ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରେ ରାଜ୍ୟ ରାଜନୀତିର ଚେହେରା ପୁରା ବଦଳିଯାଇଛି। ବିଜେଡି ଓ ବିଜେପି ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ବିଜେଡି କେବେ ଆଶା କରିନଥିଲା ଯେ, ଏହା ନବୀନ ଥିବା ପର୍ଯ୍ୟନ୍ତ କେବେ କ୍ଷମତାଚ୍ୟୁତ ହେବ ବୋଲି। ବିଜେପି ନିର୍ବାଚନରେ ବିଜୟୀ ହୋଇ ଏକାକି ସରକାର ଗଠନ କରିବ, ଲୋକସଭାରେ ଓଡ଼ିଶାର ୨୧ ଆସନରୁ ବିଜେପି ୨୦ ଆସନ ଜିତିବ ଏବଂ ଲୋକସଭାରେ ବିଜେଡି ଶୂନ ହୋଇଯିବ, ଏକଥା ବିଜେଡି ନେତା ଓ କର୍ମୀମାନେ ସ୍ୱପ୍ନରେ ବି ଚିନ୍ତା କରିପାରିନଥିଲେ। କିନ୍ତୁ କ୍ଷମତାରୁ ହଟିବା ପରେ ଏବେ ବିଜେଡିର ବୁଦ୍ଧି ହଜିଯାଇଛି। ନିର୍ବାଚନରେ ପରାଜୟର କାରଣ ଖୋଜିବା ଲାଗି ମଧ୍ୟ ଏହାର ସତସାହସ ନାହିଁ କିନ୍ତୁ ୨୦୨୪ ନିର୍ବାଚନରେ ପରାଜୟ ପରେ ବିଜେଡି ନୂଆ ରଣନୀତି ଆପଣାଇବାକୁ ବାଧ ହୋଇଛି। ନିର୍ବାଚନରେ ବିଜେଡିକୁ ପରାଜିତ କରିଥିବା ବିଜେପି ବିରୋଧରେ ପ୍ରଥମ ଥର ପାଇଁ ବିଜେଡି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡି ବିଧାନସଭା ଭିତରେ ଓ ବାହାରେ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ବିଜେପିକୁ ପୂର୍ବରୁ ହାଲୁକା ଭାବେ ବିଚାର କରୁଥିବା ବିଜେଡି ଏବେ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ବାଧ ହୋଇଛି। ୨୦୨୯ ନିର୍ବାଚନରେ କିପରି ରାଜ୍ୟରେ ବିଜେପିକୁ ପରାଜିତ କରିବାକୁ ହେବ ସେଥିପାଇଁ ବିଜେଡି ଏବେଠାରୁ ରଣକୌଶଳ ନିର୍ଦ୍ଧାରଣରେ ବ୍ୟସ୍ତ। ୨୦୨୪ ନିର୍ବାଚନ ପରେ ବିଜେଡି ପ୍ରଥମ କିଛି ମାସ ରକ୍ଷାତ୍ମକ କୌଶଳ ଅବଲମ୍ବନ କରୁଥିଲା। କିନ୍ତୁ ତାହା କାମ ଦେଲାନି। ଦଳର ଦୁଇଜଣ ରାଜ୍ୟସଭା ସଦସ୍ୟ ବିଜେପିକୁ ଚାଲିଗଲେ। ଏବେ ବିଜେଡି ଆକ୍ରମଣାତ୍ମକ ରଣନୀତି ଆପଣାଇଛି। ଏଥିଲାଗି ବିଜେଡି ଅନ୍ୟତମ ବିରୋଧୀ କଂଗ୍ରେସକୁ ନୈତିକ ସମର୍ଥନ ପ୍ରଦାନ କରିଛି। ବିଧାନସଭାରେ ଦୁଇ ଦଳର ଆଭିମୁଖ୍ୟ ସମାନ ରହିଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ଆଦେଶକୁ ବିଜେଡି ବିରୋଧ କରିଛି। କଂଗ୍ରେସର ଜନ ଆନ୍ଦୋଳନ ଆହ୍ୱାନକୁ ବିଜେଡି ସମର୍ଥନ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତି ନେଇ କଂଗ୍ରେସ ସହିତ ବିଜେଡି ସ୍ୱର ମିଳାଉଛି। ଏବେ ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ଦ୍ୱାରା ଆହୂତ ବିରୋଧୀ ବୈଠକରେ ବିଜେଡି ଯୋଗଦେବାକୁ ସମ୍ମତ ହୋଇଛି। ନିର୍ବାଚନମଣ୍ଡଳୀ ସୀମା ପୁନର୍ନିର୍ଦ୍ଧାରଣ ପ୍ରସଙ୍ଗରେ ଇଣ୍ଡିମେଣ୍ଟ ସହ ହାତ ମିଳାଉଛି। ଏଥିରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିମେଣ୍ଟ ଆଡ଼କୁ ଢଳୁଛି ତାହା ସ୍ପଷ୍ଟ ହୋଇଛି। ବିଜେଡି ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହେଲେ ବିଜେଡି ଅନେକାଂଶରେ କ୍ଷତିଗ୍ରସ୍ତ ହେବ ସ୍ପଷ୍ଟ, ମାତ୍ର ଅନେକ ସ୍ଥାନରେ ଏହା ଲାଭରେ ରହିପାରେ। କାରଣ ବିଜେଡିର ଅନେକ ନେତା ଆଜି ବି କଂଗ୍ରେସ ବିରୋଧୀ ଆଭିମୁଖ୍ୟକୁ ପରିତ୍ୟାଗ କରିପାରିନାହାନ୍ତି। ସେମାନେ କଂଗ୍ରେସ ସହ ହାତ ମିଳାଇବା ପରିବର୍ତ୍ତେ ବିଜେପି ସହ ହାତ ଧରିବାକୁ ଅଧିକ ପସନ୍ଦ କରିବେ। ଏହି ପ୍ରସଙ୍ଗରେ ବିଜେଡିରେ ବିଭାଜନ ଆଶଙ୍କା ମଧ୍ୟ ରହିଛି। ନଚେତ ଦଳର ଅନେକ ନେତା ବିଜେପିକୁ ଚାଲିଯାଇପାରନ୍ତି। ତେଣୁ କଂଗ୍ରେସ ସହ ହାତ ମିଳାଇବା ବିଜେଡି ପାଇଁ ଆତ୍ମଘାତୀ ହୋଇପାରେ। ବିଜେଡିର ମୂଳ ଭିତ୍ତି ହେଲା ଅଣକଂଗ୍ରେସ ରାଜନୀତି। ବିଜୁ ବାବୁ ଜାତୀୟ ସ୍ତରରେ ଅଣକଂଗ୍ରେସ ଦଳମାନଙ୍କୁ ଏକାଠି କରିବାକୁ ସର୍ବଦା ପ୍ରୟାସ କରି ଆସୁଥିଲେ। ତାଙ୍କ ଆଦର୍ଶରେ ଗଠିତ ବିଜେଡି ଏହାର ବିପରୀତ ଦିଗରେ କିପରି ଗତି କରିବ? ରାଜ୍ୟରେ ମୃତପ୍ରାୟ ହୋଇ ପଡ଼ି ରହିଥିବା କଂଗ୍ରେସକୁ ପୁନର୍ଜୀବିତ କରିବାରେ ବିଜେଡି ଯଦି ପ୍ରୟାସ କରେ ତେବେ ଦିନେ ଏହା ବିଜେଡିକୁ ହିଁ ଧ୍ୱଂସ କରିବ, ଏଥିରେ ସନ୍ଦେହ ନାହିଁ।

# ୟୁପିଆଇ ବ୍ୟବସ୍ଥାରେ ଅଜାଣତରେ ଭୁଲ ନମ୍ବରକୁ ଟଙ୍କା ପ୍ରେରଣ



ଡକ୍ଟର ତପନ କୁମାର ପାଲ

ବର୍ତ୍ତମାନର ସମୟରେ ଟଙ୍କା ଦେଣନେଣ ବ୍ୟବସ୍ଥାର ସବୁଠାରୁ ସୁବିଧାଜନକ ବ୍ୟବସ୍ଥା ହେଉଛି ୟୁନିଫାଏଡ଼ ପେମେଣ୍ଟ ଇଣ୍ଟରଫେସ ଯାହାକୁ ସମସ୍ତେ ଲୋକପ୍ରିୟ ଭାବରେ ୟୁପିଆଇ ବୋଲି ବୁଝନ୍ତି। ଅନେକ ସମୟରେ ଆମ ଭିତରୁ ଅନେକ ଏହି ବ୍ୟବସ୍ଥାରେ ଆମ୍ଭ ମାନଙ୍କ ଅଜାଣତରେ ଭୁଲ ନମ୍ବରକୁ ଟଙ୍କା ପଠାଇ ଦେଇଥାଉ ଏବଂ ପରବର୍ତ୍ତୀ ସମୟରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି କରିଥାଏ। ଅନେକ ଉଦାହରଣ ବି ରହିଛି ଯେଉଁଠି ଜଣେ ଆପଣଙ୍କ ପରିଚୟ ଓ ଅନେକ ଅନୁରୋଧ ପାଇଁ ମଧ ଟଙ୍କା ଆଉ ଫେରସ୍ତ କରି ନଥାନ୍ତି। ତେବେ ଆପଣ ଜାଣି ଖୁସି ହେବେ ଜଣେ ଭୁଲ ୟୁପିଆଇ ଠିକଣାରେ ଟଙ୍କା ପଠାଇଥିଲେ ଏହା ଫେରି ଆସିବାର ମଧ ଅନେକ ସୁବିଧା ସୁଯୋଗ ରହିଛି। ଏ ନେଇ ଆଜି ଆମେ ବ୍ୟାଙ୍କିଙ୍ଗ ସେବା ସହଜ ବ୍ୟବସ୍ଥାରେ ଆପଣଙ୍କୁ କିଛି ସୂଚୀତ କରୁଛୁ।

ଆପଣ ଯଦି ଅଜାଣ ବଶତଃ କିମ୍ବା ଅସାବଧାନତା ଭାବରେ ଭୁଲ ୟୁପିଆଇ ନମ୍ବର ବା ଠିକଣାକୁ ଟଙ୍କା ପ୍ରେରଣ କରିଛନ୍ତି ସର୍ବପ୍ରଥମେ ଆପଣ ମାନସିକ ଭାବେ ଧୈର୍ଯ୍ୟବାନ ହୁଅନ୍ତୁ। ଆଦୌ ଭୟଭୀତ ନ ହୋଇ ଯଦି ଆପଣ ଏବଂ ଟଙ୍କା ପଠାଇଥିବା ନମ୍ବରର ଗ୍ରାହକ ଗୋଟିଏ ବ୍ୟାଙ୍କର ଆକାଉଣ୍ଟଧାରୀ ହୋଇଥାନ୍ତି ତେବେ ଆପଣ ଶତପ୍ରତିଶତ ଭରଷା ରଖନ୍ତୁ ଅତି ବେଶୀରେ ଦୁଇଦିନ ଭିତରେ ନିଶ୍ଚିନ୍ତ ଭାବରେ ଆପଣ ଟଙ୍କା ଫେରିପାଇବେ। ତେବେ ଅନ୍ୟ ବ୍ୟାଙ୍କ ହୋଇଥିଲେ ଏହା ଟିକେ ବିଳମ୍ବ ହୋଇପାରେ। ଆପଣଙ୍କର ଏହି ଅଜାଣତ ବଶତଃ ତ୍ରୁଟି ହୋଇଥିଲେ ଭାରତୀୟ ରିର୍ଜଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ସର୍ବପ୍ରଥମେ ଆପଣ ଭୁଲରେ ପଠାଇଥିବା ନମ୍ବରର ପ୍ରାପକ ବା ପାଇଥିବା ଲୋକଟି ସହିତ ଆପଣଙ୍କ ଉପଯୁକ୍ତ ଓ ପର୍ଯ୍ୟାପ୍ତ ପରିଚୟ ପ୍ରଦାନ କରି ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ କାରବାରର ବିବରଣୀ ମଧ ତାଙ୍କୁ ଦିଅନ୍ତୁ। ଯଦି ଆପଣଙ୍କ ଦ୍ୱାରା ସେହି ପ୍ରାପକଙ୍କ ସହ ସମ୍ପର୍କ ଯୋଡ଼ି ନ ହୋଇପାରେ ବା ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଆପଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆରେ ଆପଣଙ୍କ କାରବାରର ବିବରଣୀ ସମସ୍ତ ସୂଚନା ଓ ଆବଶ୍ୟକୀୟ ପ୍ରମାଣ ଦାଖଲ କରି ଅଭିଯୋଗ କରନ୍ତୁ। ସେହିପରି ଆପଣ ଯେଉଁ ବ୍ୟାଙ୍କରେ ଏହି ଆର୍ଥିକ କାରବାର କରିଛନ୍ତି ଆପଣଙ୍କ ତ୍ରୁଟି ବିଷୟରେ ତୁରନ୍ତ ବିବରଣୀ ଦାଖଲ କରିବା ସହ ସୂଚନା ପ୍ରଦାନ କରନ୍ତୁ। ଆପଣଙ୍କ ଏହି ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପକ୍ଷରୁ ରିଫଣ୍ଡ ପାଇଁ ଏକ ଚାର୍ଜ ବ୍ୟାଗ ବ୍ୟବସ୍ଥା ଆରମ୍ଭ ହୋଇଥାଏ। ଆପଣ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ ଆପଣଙ୍କ ଭୁଲ ୟୁପିଆଇ କାରବାର ସମସ୍ୟା ପାଇଁ ଏକ ସହାୟକ ଟୋଲ ଫ୍ରି ନମ୍ବର ରହିଛି। ୧୮୦୦-୧୨୦-୧୭୪୦ ନମ୍ବରଟି ଚବିଶ ଘଣ୍ଟିଆ କାର୍ଯ୍ୟ କରିଥାଏ।

ସେହିପରି ଆପଣ ଅର୍ଥ କାରବାର କରିଥିବା ବା ଟଙ୍କା ପ୍ରେରଣ କରିଥିବା ଆପଣଙ୍କ ପେମେଣ୍ଟ ବ୍ୟବସ୍ଥା ଯଥା ପେଟିଏମ ହେଉ ବା ଗୁଗୁଲ ପେ କିମ୍ବା ଫୋନ ପେ। ସେମାନଙ୍କୁ ଏକ ଅଭିଯୋଗ ବିଧିବଦ୍ଧ ଭାବେ ପ୍ରଦାନ କରନ୍ତୁ। ସେହିପରି ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆର ୱେବସାଇଟକୁ ଆପଣ ଅନୁଧାନ କରି ଏଥିରେ ରହିଥିବା ଡିସପ୍ୟୁଟ ରିଡ୍ରେସାଲ ମେକାନିଜିମ୍ ବ୍ୟବସ୍ଥା ଅନୁଯାୟୀ ଅନଲାଇନରେ ଫର୍ମ ଦାଖଲ କରନ୍ତୁ। ଯେଉଁଥିରେ ଆପଣ ଟଙ୍କା ପ୍ରେରଣ କରିଥିବା ଠିକଣା ବା ଆଇଡି, କାରବାର ହୋଇଥିବା ତାରିଖ, ଇମେଲ ଆଇଡ଼ି, ଭର୍ଚୁଆଲ ପେମେଣ୍ଟ ଠିକଣା, ଆମାଉଣ୍ଟ ଟ୍ରାନ୍ସଫର ରସିଦ ଓ ଆପଣ ତଥା ପ୍ରାପକଙ୍କ ମୋବାଇଲ ନମ୍ବର ଉଭୟ ଦୁଇଜଣଙ୍କର ନମ୍ବର ଏହି ବିବରଣୀ ସହିତ ସବିଶେଷ




ଭାବେ ଯୋଡ଼ନ୍ତୁ ଏହା ସହିତ ଡିଡକ୍ସନ ଦର୍ଶାଇ ଆପଣଙ୍କର ବ୍ୟାଙ୍କ ଷ୍ଟେଟମେଣ୍ଟ ଅପଲୋଡ଼ କରନ୍ତୁ। ସେହିପରି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଭାବରେ ଆପଣ ଆଉ ଏକ କଥା ମଧ ବିଶେଷ ଭାବେ ମନେ ରଖନ୍ତୁ। ଆପଣଙ୍କର ଅଜାଣତରେ ଏହି ଯେଉଁ ତ୍ରୁଟିଟି ହୋଇଛି ଏହା ପାଇଁ ଅଭିଯାଗର ସାଇଟରେ "ଇନକରକ୍ଟେଲି ଟ୍ରାନ୍ସଫର ଟୁ ଆନାଦର ଆକାଉଣ୍ଟ'କୁ ବାଛନ୍ତୁ। ତେବେ ଆପଣଙ୍କ ପ୍ରାଥମିକ ଅଭିଯୋଗର ସମାଧାନ ନ ହୋଇପାରିଲେ ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ଏ କ୍ଷେତ୍ରରେ ଆପଣଙ୍କ ପାଇଁ ଅନେକ ବିକଳ୍ପ ମଧ ରହିଛି। ପ୍ରଥମେ ଥାଡର୍ ପାର୍ଟି ଆପ୍ଲିକେସନ ପ୍ରୋଭାଇଡର, ଦ୍ୱିତୀୟରେ ପେମେଣ୍ଟ ସର୍ଭିସ ପ୍ରୋଭାଇଡର ବ୍ୟାଙ୍କ, ତୃତୀୟରେ ବ୍ୟାଙ୍କ ଶାଖା ଏବଂ ଶେଷରେ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆକୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଲେ ଆପଣ ନିଶ୍ଚିନ୍ତ ସୁଫଳ ପାଇବେ। ତେବେ ଗୋଟିଏ ମାସ ପରେ ଯଦି ଆପଣଙ୍କ ସମସ୍ୟାର ସମାଧାନ ହୋଇନପାରିଥାଏ କିମ୍ବା ଆପଣ ଯଦି ସେମାନଙ୍କ ଉତ୍ତର ବା ବ୍ୟବସ୍ଥାରେ ସନ୍ତୁଷ୍ଟ ନୁହଁନ୍ତି ତେବେ ଏହି ଡିଜିଟାଲ କାରବାର ବ୍ୟବସ୍ଥା ସମ୍ପର୍କରେ ଆପଣଙ୍କର ଏହି ୟୁପିଆଇରେ ଭୁଲ ଆଇଡିକୁ ଟଙ୍କା ପଠାଇବାର ଅସୁବିଧା ଜନକ ସମସ୍ୟା ନିମିତ୍ତ ଏହି ମାମଲାର ବିଚାର କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ଓମ୍ବୁଡ଼ସମ୍ୟାନକୁ ସବିଶେଷ ଅଭିଯୋଗ ଜଣାନ୍ତୁ। ଆଜିର ସମୟରେ ଆଖି ପିଛୁଳାକେ ପୃଥିବୀର ଯେ କୌଣସି ସ୍ଥାନକୁ, ଯେ କୌଣସି ସମୟରେ ଏବଂ ଯେ କୌଣସି ପରିସ୍ଥିତିରେ ମଧ ଏହି ୟୁପିଆଇ କାରବାର ଦ୍ୱାରା ଟଙ୍କା ଦେଣନେଣ ହୋଇପାରୁଥିବାବେଳେ ଲୋକମାନଙ୍କ ଭିତରେ ଏହାର ବ୍ୟବହାରତା ଅଧିକ ଭାବରେ ବଢ଼ି ଯାଇଛି। ଡିଜିଟାଲ ଆରେଷ୍ଟ ନାମରେ ଅନେକ ଠକମାନେ ଅନେକ ଲୋକଙ୍କ କୋଟି କୋଟି ଟଙ୍କା ଆଖି ପିଛୁଳାକେ ଲୁଟ କରିବାକୁ ପଛାଉ ନାହାଁନ୍ତି। ଜଣେ ଜଣେ ସର୍ବସ୍ୱନ୍ତ ହୋଇଯାଉଛନ୍ତି ମଧ। ତେବେ ଆପଣ ୟୁପିଆଇ କାରବାର କରୁଥିବାବେଳେ ଟଙ୍କା ପଠାଇବା ପୂର୍ବରୁ ୟୁପିଆଇ ଆଇଡିକୁ ଭଲ ଭାବରେ ବୁଝି ଏବଂ ନମ୍ବରଟି ଜାଣି ଟଙ୍କା ପଠାନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଭାବରେ ଆପଣ ଯାହାଙ୍କ ପାଖକୁ ଟଙ୍କା ପଠାଉଛନ୍ତି ତାଙ୍କ ନାମ ସଠିକ ଭାବେ ଦେଖାଉଛି କି ନାହିଁ ଏ ଦିଗଟିକୁ ଭଲ ଭାବେ ଦେଖନ୍ତୁ। ସେହିଭଳି ଆପଣ ଜୁଆଡ଼କୁ ଚାହିଁବେ ଦେଣନେଣ ବ୍ୟବସ୍ଥା ଭିତରେ ଛତୁ ଫୁଟିଲା ପରି କ୍ୟୁଆର କୋଡର୍ ସ୍କାନ ବ୍ୟବସ୍ଥା ସବୁ ରହିଛି। ଏହି ବ୍ୟବସ୍ଥାରେ ଟଙ୍କା ପଠାଇବା ପୂର୍ବରୁ ଭଲ ଭାବେ ସ୍କାନର ପରିଷ୍କାରତା ବା ଯେପରି ସ୍ୱଚ୍ଛ ଦେଖାଯାଉଥିବ ସେ ଦିଗକୁ ଦେଖନ୍ତୁ। ସେହିପରି ଫିସିଙ୍ଗ ସ୍କାମ ପ୍ରତି ଅଧିକ ସତର୍କ ହୁଅନ୍ତୁ। କାରଣ ଆଜିକାଲି ଅନେକ ଠକ ନକଲି କ୍ୟୁଆର କୋଡର୍ କିମ୍ବା ଲିଙ୍କ ବ୍ୟବହାର କରି ଭୁଲ ୟୁପିଆଇ ଆଇଡ଼ିରେ କାରବାର କରି ଆପଣଙ୍କ ଟଙ୍କା ଲୁଟି ନେବାରେ ସକ୍ଷମ ହେଉଥିବାରୁ ଆପଣଙ୍କ ସାବଧାନତା ଓ ସତର୍କତା ଅତ୍ୟନ୍ତ ଜରୁରୀ। କାଁ ଭାଁ ଏପରି ସବୁ ଅଘଟଣ ଘଟୁଥିଲେ ମଧ ୟୁନିଫାଏଡ଼ ପେମେଣ୍ଟ ଇଣ୍ଟଫେସ ବା ୟୁପିଆଇ ଆଜି ଅତ୍ୟନ୍ତ ଲୋକପ୍ରିୟ ଆର୍ଥିକ କାରବାରର ବ୍ୟବସ୍ଥା ହୋଇଛି କିନ୍ତୁ ଆପଣ ସତର୍କ ଓ ସଚେତନ ରହିଲେ ଆପଣଙ୍କ ପାଇଁ ଏହା କୌଣସି ସମସ୍ୟାର କାରଣ ହେବନାହିଁ। ଆପଣ ଆଉ ଗୋଟିଏ କଥା ଭଲ ଭାବରେ ମନେ ରଖନ୍ତୁ ଆପଣଙ୍କର ସାମାନ୍ୟତମ ଟିକିଏ ବି ତ୍ରୁଟି ବିଚ୍ୟୁତି ଦ୍ୱାରା ବ୍ୟାଙ୍କ ଶାଖା ଭାରତର ଆର୍ଥିକ ବ୍ୟବସ୍ଥାର ଓ ଏଥିରେ ଜଡ଼ିତ ଥିବା ରିଜର୍ଭ ବ୍ୟାଙ୍କର ବହୁ ମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଥାଏ। ଆପଣ ଜଣେ ଜାଗ୍ରତ ଓ ସଚେତନ ନାଗରିକ ଭାବରେ ଏ କ୍ଷେତ୍ରରେ ଆପଣଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଯେ ରହିଛି ତାହା ଆପଣ ଭୁଲନ୍ତୁ ନାହିଁ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ**
**ଦେଉଳ ସାହି, ତୁଳସୀପୁର, କଟକ,**
**ମୋବାଇଲ୍: ୯୯୩୭୬୫୮୩୬୨**

# ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଓ ସୃଷ୍ଟିକର୍ତ୍ତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଏହି ସଂସାରରେ ମନୁଷ୍ୟଜନ୍ମ ମିଳିବା ଅତି ଦୁର୍ଲଭ। ମନୁଷ୍ୟଜନ୍ମରେ ହିଁ ଅବିନାଶୀ ପରମାତ୍ମାଙ୍କୁ ପ୍ରାପ୍ତ କରାଯାଇପାରେ। କିନ୍ତୁ ଏହି ଜୀବନ ଯେ କେବେ ଶେଷ ହୋଇଯିବ, ତାହା କହିହେବ ନାହିଁ; ତେଣୁ ଯେଉଁମାନେ ବୁଦ୍ଧିମାନ୍, ସେମାନେ ବୟସ ହେଲେ ସାଧନା କରିବି ବୋଲି ଅପେକ୍ଷା ନ କରି, ବାଲ୍ୟକାଳରୁ ହିଁ ଭଗବତ୍ ପ୍ରାପ୍ତି କରାଉଥିବା ସାଧନ କରିବା ଆବଶ୍ୟକ। କୁହାଯାଏ, ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି, ଏ ଜୀବନ ଅନିଶ୍ଚିତ। କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ। ମନୁଷ୍ୟଜନ୍ମ ପାଇ ଭଗବାନଙ୍କ ଚରଣରେ ଶରଣ ନେଇଯିବା ହିଁ ହେଉଛି ଏ ଜୀବନର ଏକମାତ୍ର ସଫଳତା ; କାରଣ ଭଗବାନ୍ ହେଉଛନ୍ତି ସକଳ ପ୍ରାଣୀଙ୍କର ସ୍ୱାମୀ, ସୁହୃଦ୍,ପ୍ରିୟତମ ଓ ଆତ୍ମା। ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେଉଁ ସୁଖ ଭୋଗ କରାଯାଏ, ଜୀବ ଯେକୌଣସି ଯୋନିରେ ଜନ୍ମିଲେ ବି, ପ୍ରାରବ୍ଧ ଅନୁସାରେ ସେଠାରେ ସେହିସବୁ ସୁଖ ମିଳିଯାଏ। ଲୋକ ନ ଚାହିଁଲେ ବି ଓ ଯେତେ ନିବାରଣ କଲେ ବି ଯେପରି ଆପେ ଆପେ ଦୁଃଖ ଆସି ପହଞ୍ଚିଯାଏ, ଠିକ୍ ସେହିପରି ସୁଖଭୋଗ ମଧ୍ୟ ଆପେ ଆପେ ମିଳେ। ତେଣୁ ସଂସାରରେ ସୁଖ ପାଇବା ପାଇଁ କୌଣସି ପ୍ରଯତ୍ନ କରିବାର ଆବଶ୍ୟକତା ନାହିଁ; କାରଣ ଆପେ ଆପେ ମିଳୁଥିବା ବସ୍ତୁ ପାଇବା ନିମନ୍ତେ ପରିଶ୍ରମ କରିବା ବାସ୍ତବରେ ନିଜର ଆୟୁ ଓ ଶକ୍ତିକୁ ବୃଥାକର୍ମରେ ଲଗାଇଦେବା ସଙ୍ଗେ ସମାନ। ଯେଉଁ ଲୋକମାନେ ଏପରି ବୃଥା ପରିଶ୍ରମ କରନ୍ତି, ସେମାନଙ୍କୁ ଭଗବାନଙ୍କର ପରମ କଲ୍ୟାଣସ୍ୱରୂପ ଚରଣକମଳ ମିଳେ ନାହିଁ। ପ୍ରାଣୀକୁ ନାନାପ୍ରକାର ଭୟ ଘେରି ରହିଛି; ତେଣୁ ରୋଗଶୋକାଦିରେ ଗ୍ରସ୍ତ ହୋଇ ମୃତ୍ୟୁର କବଳରେ ପଡ଼ିବା ପୂର୍ବରୁ ବୁଦ୍ଧିମାନ ପୁରୁଷ ନିଜର ଉଦ୍ଧାର ନିମନ୍ତେ ପ୍ରଯତ୍ନ କରିବା ଆବଶ୍ୟକ।

ଏହା କହିବାର ବାହୁଲ୍ୟ ଯେ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଯେମିତି ବିଚିତ୍ର ଠିକ ସେହିପରି ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଏଇ ମଣିଷ ମଧ୍ୟ ସଂସାରର ଯେତେକ ପ୍ରାଣୀ ଅଛନ୍ତି ସମସ୍ତଙ୍କ ଠାରୁ ବିଚିତ୍ର। ଆଉ ସେ ଏଇଥି ପାଇଁ ବିଚିତ୍ର କାହିଁକି ନା ତାପାଖରେ ବୁଦ୍ଧି, ବିବେକ ଓ ଭାବନାଶକ୍ତି ରହିଛି ଯାହା ଏ ଦୁନିଆର ଆଉ କୌଣସି ପ୍ରାଣୀ ଠାରେ ପରିଦୃଶ୍ୟମାନ ହୁଏ ନାହିଁ। ଆଉ ଏଇ ବିଚିତ୍ର ମଣିଷର ସବୁଠାରୁ ବିଚିତ୍ର ଗୁଣ ହେଉଛି ସେ ନିଜ ଭାବକୁ ଭାଷାର ରୂପ ଦେଇ ଅନ୍ୟ ଆଗରେ ପରିପ୍ରକାଶ କରିପାରେ। ତେଣୁ ତାର ସେଇ ସବୁ ବିଚିତ୍ରତା ଯୋଗୁ ସେ ସଗର୍ବେ ଘୋଷଣା କରେ ସମଗ୍ର ପୃଥିବୀର ସର୍ବଶକ୍ତିମାନ ଓ ସର୍ବୋଚ୍ଚ ପ୍ରାଣୀ ଭାବରେ ନିଜକୁ। ଆକାଶରେ ଉଡିବା ଠାରୁ ଆଜି ଜଳରେ ବୁଡିବା ଯାଏଁ, ଏପରିକି ଆଲୋକଠୁ ମଧ ଆହୁରି ଅଧିକ ବେଗରେ ଗତି କରୁଥିବା ଆଧୁନିକ ଯାନବାହାନର ଆବିଷ୍କାର କରିସାରି ଥିବା ଏଇ ବିଚିତ୍ର ମଣିଷ ଈଶ୍ୱରଙ୍କ ଏଇ ଅପୂର୍ବ ସୃଷ୍ଟି ଧରଣୀ ରାଣୀକୁ ଛାଡି ମଙ୍ଗଳ ଗ୍ରହରେ ରହିବାର ବାଟ ବି ସେ ଖୋଜିସାରିଛି। ତଥାପି ବଦଳି ପାରିନି ମଣିଷର ସେଇ ପ୍ରକୃତି, ପ୍ରବୃତ୍ତି ଓ ଦୃଷ୍ଟିଭଙ୍ଗୀ। କହିବାର ତାତ୍ପର୍ଯ୍ୟ ଏଇଆ ଯେ ମଣିଷ ଆଜି ଯେତେ ଆଧୁନିକତା ଆଡ଼କୁ ଗତି କରୁଛି ତାର ଦୃଷ୍ଟିଭଙ୍ଗୀ ସେତେ ବଦଳିବାରେ ଲାଗିଛି। ବଣଜଙ୍ଗଲରେ ବାସକରୁଥିବା ସେଇ ଆଦିମ ମଣିଷ ଓ ଆଜିର ମଣିଷ ଭିତରେ ଆଜି ଆକାଶ ପାତାଳ ତଫାତ। ଆଧୁନିକତାର ପ୍ରଭାବ ଓ ଯାନ୍ତ୍ରିକ ସଭ୍ୟତାର ପ୍ରଭାବ ଆଜି ମଣିଷକୁ ବିଶେଷ ଭାବରେ ପ୍ରଭାବିତ କରିଛି। ଆଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଆଜି ମଣିଷ ଅସାଧ୍ୟ ସାଧନ କରିପାରୁଛି। ପିଲା ଠାରୁ ବୁଢା ସମସ୍ତ ଙ୍କ ପାଖରେ ଆଜି ରହିଛି ମୋବାଇଲ। ଇଣ୍ଟରନେଟ ସାହାଯ୍ୟରେ ଯେ କୌଣସି ସମୟରେ ଯେ କୌଣସି ବିଷୟ ଅତି ସହଜରେ ଆଉ ତା ପୁଣି ସ୍ୱଳ୍ପ ସମୟ ମଧ୍ୟରେ ଜାଣିପାରୁଛି ଆଜିର ମଣିଷ। ଯାହା ମଣିଷକୁ ଆଜି ଭିନ୍ନ ଦିଗନ୍ତର ପଥିକ ସଜାଇ ଦେଇଛି। ସମସ୍ତଙ୍କ ମନରେ ଆଜି ଅଶ୍ଳୀଳ ଓ ଅନୈତିକ ଦୃଷ୍ଟିଭଙ୍ଗୀର ବିଜ ବପନରେ ଏଇ ଆଧୁନିକତା ସମ୍ପୂର୍ଣ୍ଣ ଭାବରେ ଦାୟୀ। ଯେପରି ଏକ ନବ ଯୌବନା ବାରାଙ୍ଗନାକୁ ଅବଲୋକନ ପୂର୍ବକ କବି, ଭାବୁକ, ପ୍ରେମିକ, ସନ୍ୟାସୀଙ୍କ ମତାମତ ନିଆଯାଏ ତାହେଲେ ସେମାନଙ୍କ ମତ ନିମ୍ନ ପ୍ରକାର ହୁଅନ୍ତା। ଯେପରି କବି ଜଣକ ତରୁଣୀର ରୂପକୁ ପ୍ରକୃତି ସହ ତୁଳନା କରି ଭାବ ବିହ୍ୱଳିତ ହୋଇଉଠିବା ବେଳେ ଭାବୁକ ଜଣକ ତାର ସୌନ୍ଦର୍ଯ୍ୟକୁ ଭୂୟସୀ ପ୍ରସଂଶା କରି ତାର ରୂପରେ ବିମୁଗ୍ଧ ହୋଇଥାନ୍ତେ ଠିକ୍ ସେହିପରି ପ୍ରେମିକ ଜଣକ କାମନାବଶରେ ଅଧୀର ହୋଇ ଦେହ ଭୋଗ ବାସନା ପୋଷଣ କଲାବେଳେ ସନ୍ୟାସୀ ଜଣକ ଦେବୀ ଦୁର୍ଗାଙ୍କ ପ୍ରତିରୂପ ସହ ତୁଳନା କରି ବନ୍ଦନା ପାଠରେ ଲାଗିପଡ଼ନ୍ତେ।



ଈଶ୍ୱର ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ। ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ , ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ। ତେବେ ଈଶ୍ୱରଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ। ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ। ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି। ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ। ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ସମର୍ପଣ ରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ। ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ। ମାନି ନେବାରେ ହିଁ କଲ୍ୟାଣ ନିହିତ। ଯଦି କିଏ " ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ" ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ। ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ। ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ। ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ। ଭଗବାନ ତ ବହୁତ ଦୟାଶୀଳ। ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ନ ଦେଇଥାନ୍ତେ, ତେବେ ଆମେ କଣ କରିପାରିଥାନ୍ତେ ? ତାଙ୍କ ଉପରେ ଆମର ବା କଣ ଜୋର ଅଛି? ପାହାଡ ଅବା ତରୁପରଷ୍ଟ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କଣ କରିପାରିଥାନ୍ତେ। କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କିଭଳି ? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧାତ୍ମିକତାରେ ପରିପୂର୍ଣ୍ଣ ଭୂମି। ଅନ୍ୟ ସବୁ ଭୂମି ଭୋଗଭୂମି ଅଟେ। ଏହା କେବଳ ଆଧାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି। ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି। ଭଗବାନଙ୍କ ଉପରେ ଭରସା ରଖିବା ଦରକାର। କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନ ରହିଲେ ମଧ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ। ଆମେ ଭଗବାନଙ୍କୁ ପ୍ରେମ ପୂର୍ଣ୍ଣ ସ୍ତୁତି ନ କଲେ ମଧ ସେ ଆମର ସହାୟତା ନିଶ୍ଚିତ କରିବେ। ଏଣୁ ଏ ସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍: ୯୯୩୮୯୦୬୦୭୦**

# ଚେତନା: ଏକ ଅସମାଧିତ କଠିନ ସମସ୍ୟା



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

୧୯୯୮ ମସିହାରେ 'ଆସୋସିଏସନ୍ ଫର୍ ଦି ସାଇଣ୍ଟିଫିକ୍ ଷ୍ଟଡ଼ି ଅଫ୍ କନ୍‌ସସ୍‌ନେସ୍ (ଏଏସ୍‌ଏସ୍‌ସି)'ର ଏକ ସମ୍ମିଳନୀରେ ସ୍ନାୟୁବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ) 'କ୍ରିଷ୍ଟୋଫ୍ କୋକ୍' ବିଜ୍ଞାନୀ ଦାର୍ଶନିକ 'ଡେଭିଡ୍ ଚାମର୍ସ'ଙ୍କ ସହ ଗୋଟିଏ ବାଜି ଲଗାଇଥିଲେ। କଗ୍‌ନିଟିଭ୍ ବା ସଜ୍ଞାନାତ୍ମକ ବିଜ୍ଞାନରେ ଗଭୀର ରୁଚି ରଖିଥିବା କୋକ୍ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଖୁବ୍ ଶୀଘ୍ର ନ୍ୟୁରୋସାଇନ୍ସ ଚଳାଇଥିବା ପରୀକ୍ଷା ନିରୀକ୍ଷାରୁ ସ୍ପଷ୍ଟ ହୋଇଯିବ ଯେ ଚେତନା ବା ଆତ୍ମାନୁଭୂତି ଓ ସେଥିରୁ ସୃଷ୍ଟି ହେଉଥିବା 'ମୁଁତ୍ୱ' ବା ମମତ୍ୱବୋଧ ମୂଳରେ ରହିଛି ମଣିଷର ମସ୍ତିଷ୍କରେ ଥିବା କୋଟି କୋଟି ନିଉରନ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ପାରସ୍ପରିକ କ୍ରିୟା ପ୍ରତିକ୍ରିୟା। ସେ ବିଶ୍ୱାସ କରୁଥିଲେ ଯେ କନ୍‌ସସ୍‌ନେସ୍ ବ୍ୟାପାରଟି ସମ୍ପୂର୍ଣ୍ଣ ଏକ ଭୌତିକ ବ୍ୟାପାର ଓ ସେଥିପାଇଁ ଏହା ମିଜରେବଲ୍ ବା ପରିମାପ ଯୋଗ୍ୟ। କିନ୍ତୁ ବିଜ୍ଞାନୀ-ଦାର୍ଶନିକ ଚାମର୍ସ, ଯିଏ ବହୁ ପୂର୍ବରୁ କନ୍‌ସସ୍‌ନେସ୍‌କୁ ଏକ କଠିନତମ ସମସ୍ୟା ବୋଲି କହି ପଦାର୍ଥ ବିଜ୍ଞାନୀମାନଙ୍କୁ ସତର୍କ କରାଇ ଦେଇଥିଲେ, ସିଏ କୋକ୍‌ଙ୍କ ସହ ଏକମତ ହୋଇ ନଥିଲେ। ତେଣୁ କୋକ୍ ଯେତେବେଳେ ୧୯୯୮ ମସିହାର ସେ ସମ୍ମିଳନୀରେ କହିଲେ ଯେ ଆଉ ମାତ୍ର ୨୫ ବର୍ଷ ପରେ ବିଜ୍ଞାନ ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ ଓ କ୍ରିୟା ପ୍ରତିକ୍ରିୟାରୁ କିପରି ଚେତନା ତଥା ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି ସୃଷ୍ଟି ହୁଏ ତାହା ପ୍ରମାଣିତ କରିଦେବ, ଡେଭିଡ଼ ଚାମର୍ସ ସ୍ୱାଭାବିକ ଭାବରେ ତାଙ୍କ ସହ ଅସହମତ ହେଲେ। ଜିଦ୍‌ବଶତଃ ହେଉ ବା ତୁଚ୍ଛା କୌତୁକବଶତଃ ହେଉ, କୋକ୍ ସିଧା ସିଧା ବାଜିଟିଏ ଲଗାଇ ଦେଇ ଘୋଷଣା କରିଦେଲେ ଯେ ଯଦି ୨୦୨୩ ମସିହା ସୁଦ୍ଧା ତାଙ୍କ କଥା ସତ୍ୟ ନ ହୁଏ, ତେବେ ସେ ଚାମର୍ସଙ୍କୁ ଏକ ପେଟି ଦୁର୍ମୁଲ୍ୟ ମଦ୍ୟ ଦେବେ।

କିନ୍ତୁ ଖବର ପ୍ରକାଶ ପାଇଛି ଯେ ୨୦୨୩ର ସଦ୍ୟତମ ଏସ୍.ଏସ୍. ଏସ୍.ସି' ବୈଠକରେ କୋକ୍ ମହାଶୟ ତାଙ୍କ ବାଜିଟି ହାରିଯାଇ ଡେଭିଡ଼ ଚାମର୍ସଙ୍କୁ ଅଗତ୍ୟା ଏକ ପେଟିକା ମଦ୍ୟ ପ୍ରଦାନ କରିଛନ୍ତି। ତେବେ, ମଜ୍ଜାର କଥା ହେଉଛି, 'କୋକ୍ ଚାମର୍ସ'ଙ୍କୁ ପୁନଶ୍ଚ ଆହ୍ୱାନ ଦେଲା ଭଳି ସ୍ୱରରେ କହିଛନ୍ତି ଯେ ତାଙ୍କୁ ଆଉ ଗୋଟିଏ '୨୫' ବର୍ଷର ଅବଧି ଦିଆଗଲେ, ଅର୍ଥାତ୍ ୨୦୪୮ ମସିହାରେ ସେ ନ୍ୟୁରୋସାଇନ୍ସ ସୌଜନ୍ୟରୁ ପ୍ରାପ୍ତ ହୋଇଥିବା ତଥ୍ୟ ଉପସ୍ଥାପନ କରି ପ୍ରମାଣିତ କରିଦେବେ ଯେ ଚେତନା ସୃଷ୍ଟି ହୁଏ ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କରୁ, ଅନ୍ୟଥା ନୁହେଁ। କୋକ୍‌ଙ୍କ ଏଇ ଅନୁରୋଧ ବା ଆହ୍ୱାନକୁ ଚାମର୍ସ ଗ୍ରହଣ କରି କୌତୁକରେ କହିଛନ୍ତି, 'ଠିକ୍ ଅଛି। ଆହୁରି ୨୫ ବର୍ଷ ଆପଣଙ୍କୁ ଦେଲି। କିନ୍ତୁ ଆପଣଙ୍କ ଜିତାପଟ ଦେଖିବାକୁ ମୁଁ ସେତେବେଳେ ଥିବି କି ନ ଥିବି, କିଏ ଜାଣେ!' ଆଧାତ୍ମବାଦୀ ଚିନ୍ତକ-ଦାର୍ଶନିକ, ବିଶେଷ କରି ଭାରତୀୟ ବେଦାନ୍ତ ଦର୍ଶନର ପ୍ରବକ୍ତାମାନେ କନ୍‌ସସ୍‌ନେସ ବା ଚେତନା ଏ ସକଳ ସୃଷ୍ଟିର ମୂଳାଧାର ବୋଲି ସର୍ବଦା କହି ଆସିଛନ୍ତି। ଏଇ ମେଟାଫିଜିକାଲ ବା ଆଧିଭୌତିକ ଅବଧାରଣାକୁ କ୍ୱାଣ୍ଟମ୍ ମେକାନିକ୍ସ ଦ୍ୱାରା ପ୍ରତିଷ୍ଠିତ ଅନିଶ୍ଚିତତା (ଲ' ଅଫ୍ ଅନ୍‌ସର୍ଟନଟି) ତତ୍ତ୍ୱ ଓ କଣିକାମାନଙ୍କ ସହବନ୍ଧନ (ଲ' ଅଫ୍ ଏନ୍‌ଟାଙ୍ଗଲମେଣ୍ଟ) ତତ୍ତ୍ୱ ସମର୍ଥନ କରୁଛି ବୋଲି ସେମାନେ ଦାବି କରିଥାନ୍ତି। କ୍ୱାଣ୍ଟମ୍ ପାର୍ଟିକଲ୍ ବା କ୍ୱାଣ୍ଟମ୍ କଣିକାର ତରଙ୍ଗ-କଣିକା ଦ୍ୱୈତସ୍ଥିତି ଓ ସେଇ ସ୍ଥିତିର ଉଦ୍‌ଘାଟନରେ ପରିମାପ (ମିଜର୍‌ମେଣ୍ଟ) ଓ ନିରୀକ୍ଷଣ (ଅବଜରଭେସନ୍)ର ଭୂମିକା ରହିଛି ବୋଲି ଜଣାପଡ଼ିବା ପରେ ଆଧିଭୌତିକତାବାଦୀ ଦାର୍ଶନିକମାନେ ପରମ ଚୈତ୍ୟସତ୍ତା ଦୃଶ୍ୟମାନ ବସ୍ତୁସକଳ ସୃଷ୍ଟି କରିଥାଏ ବୋଲି କହିବା ପାଇଁ ନୂତନ ପ୍ରେରଣା ପାଇଛନ୍ତି। ଅନ୍ୟ ପକ୍ଷରେ, ଅଧିକାଂଶ ଦିଗ୍‌ଗଜ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନୀ କନ୍‌ସସ୍‌ନେସ୍ ବା ଚେତନା ପୂରାପୂରି ଏକ ଭୌତିକ ବ୍ୟାପାର ବୋଲି କହିବା ସଙ୍ଗେ ସଙ୍ଗେ ଆଧିଭୌତିକତାବାଦୀ, ଆଧାତ୍ମବାଦୀ ଓ ଈଶ୍ୱରବାଦୀମାନଙ୍କୁ ନିରନ୍ତର ପରିହାସ କରି ଚାଲିଛନ୍ତି। କୋକ୍‌ଙ୍କ ଭଳି ଅନେକ ସ୍ନାୟୁବିଜ୍ଞାନୀ ଦୃଢ଼ ନିଶ୍ଚିତ ଯେ ମଣିଷର ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି, ଅଭିଜ୍ଞତା ଆଦୌ କୌଣସି ସ୍ୱର୍ଗୀୟ ପରମ ଚୈତ୍ୟସତ୍ତାର ସର୍ବ ବ୍ୟାପକ ଉପସ୍ଥିତି ଯୋଗୁଁ ସୃଷ୍ଟି ହୁଏ ନାହିଁ। ଏହା ସୃଷ୍ଟି କରିଥାଏ ମଣିଷର ମସ୍ତିଷ୍କର ନିଉରନ୍ ମାନଙ୍କ ନେଟ୍‌ୱାର୍କ। ସେମାନେ ଦୃଢ଼ ନିଶ୍ଚିତ ଯେ ନ୍ୟୁରୋସାଇନ୍ସ ଦିନେ ନା ଦିନେ ଚେତନା ସୃଷ୍ଟି ପଛରେ ଥିବା ନିଉରାଲ କୋରିଲେଟସ୍ (ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ) ସମ୍ପର୍କରେ ପ୍ରାମାଣିକ ତଥ୍ୟଗୁଡ଼ିକ ସାର୍ବଜନୀନ କରିଦେବ।

ଡେଭିଡ଼ ଚାମର୍ସଙ୍କ ସହ ଲଗାଇଥିବା ବାଜିଟି ହାରିଯାଇଥିଲେ ମଧ କୋକ୍ ଆଦୌ ନିରୁତ୍ସାହ ନହୋଇ ଆଉ ଏକ ୨୫ ବର୍ଷର ଅବଧି ମଧ୍ୟରେ, ଅର୍ଥାତ୍ ୨୦୪୮ ମସିହା ସୁଦ୍ଧା ନିଉରନ୍ ଓ ଚେତନା ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ସ୍ପଷ୍ଟ ହୋଇଯିବ ବୋଲି କହିଛନ୍ତି ଓ ଚାମର୍ସଙ୍କୁ ଅନୁରୋଧ କରିଛନ୍ତି ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ। ତେବେ, ଜଣା ଯାଉଛି ପଦାର୍ଥ ବିଜ୍ଞାନୀ ଓ ଆଧାତ୍ମବାଦୀ ବା ଆଧିଭୌତିକତାବାଦୀଙ୍କର ଏଇ ତର୍କ ବିତର୍କ, ମତମତାନ୍ତର ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲି ରହିଥିବ। କୋକ୍ ପୁନଶ୍ଚ ଯେଉଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି ତାହା ଅତିକ୍ରାନ୍ତ ହୋଇଗଲା ପରେ ମଧ କନ୍‌ସସ୍‌ନେସ୍ ବ୍ୟାପାରଟି କଠିନତମ ସମସ୍ୟା (ହାର୍ଡ଼ ପ୍ରୋବ୍ଲେମ) ହୋଇ ରହିଥିବ।ଏଇ ପରିପ୍ରେକ୍ଷୀରେ ଲେଖକର ମନେ ପଡ଼ିଯାଏ ରବି ଠାକୁରଙ୍କ ଏଇ କେତୋଟି ପଂକ୍ତି: 'ରଥ ବୋଲେ ଆମି ଦେବ / ପଥ ବୋଲେ ଆମି / ମୂର୍ତ୍ତିର୍ ବୋଲେ ଆମି ଦେବ / ହାସେ ଅନ୍ତର୍ଯ୍ୟାମୀ'। ପରମ ସତ୍ୟ ବା ପରମ ଚୈତ୍ୟସତ୍ତାର ସତ୍‌ସ୍ୱରୂପ ଜାଣିବା ପାଇଁ ମଣିଷର ଏଇ ତୀବ୍ର ଅଭୀପ୍‌ସା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା କେଉଁ ଅଲୌକିକ ଓଷ୍ଠାଧାରରେ ସ୍ମିତ ହାସ୍ୟଟିଏ ଯେ ଖେଳାଇ ଦେଉ ନଥିବ, କିଏ ଜାଣେ?

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଡିଆଁ ବାରଙ୍ଗ, ମୋବାଇଲ୍: ୯୮୫୩୩୫୫୧୦୭**

## ପାକ୍ ସେନାକୁ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଡର

# ସେନା ଉପରେ ବିଏଲ୍‌ଏ କରୁଛି ଘନ ଘନ ଆକ୍ରମଣ



**ନୂଆଦିଲ୍ଲୀ,୧୭ା୩:** ଛାନିଆ ପାକିସ୍ତାନ ଆର୍ମି । ବିଏଲ୍‌ଏ କରୁଛି ଘନଘନ ଆକ୍ରମଣ । ପାକିସ୍ତାନ ସେନା ଉପରେ ୫ଦିନ ଭିତରେ ଦୁଇଟି ବଡ ଆକ୍ରମଣ କରିଛି ବିଏଲ୍‌ଏ, ଆକ୍ରମଣରେ ପାକ ଆର୍ମି ଏମିତି ଛାନିଆ ଯେ ୭ଦିନ ଭିତରେ ୨ହଜାର ପାଂଚ ଶହ ପାକ ସେନାଅଧିକାରୀ ଚାକିରି ଛାଡିଲେଣି, ଆଉ ଚାକିରି ଛାଡି ସିଧା ୟୁଏଇ ଏବଂ ଓମାନ ଭଳି ଦେଶକୁ ଯାଉଛନ୍ତି । 'ଆମେ ପାକ୍ ଆର୍ମି, ଆମେ କାହାକୁ ଡରୁନା ' ଏଭଳି ସ୍ଲୋଗାନ ଦିଏ ପାକ୍ ଆର୍ମି । ହେଲେ ବିଏଲ୍‌ଏ ଆର୍ମି ପାକିସ୍ତାନ ସେନାକୁ ଛାନିଆରେ ପକାଇ ସାରିଲାଣି । ପାକ୍ ସେନା ଓ ଅଧିକାରୀଙ୍କୁ ବଲୁଚିସ୍ତାନ ଯିବାକୁ ଡର ଲାଗିଲାଣି ! କେବେବେଳେ କିଛି ବି ଘଟିପାରେ। ଗୋଟେ ସମୟରେ ବାଲୁଚ ଆର୍ମି କହିଥିଲା, ସମୟ ଏମିତି ଆସିବ ପାକ୍ ସେନା ଆମ ଅଂଚଳକୁ ଆସିବାକୁ ହେଲେ ୧୦ ଥର ଭାବିବାକୁ ବାଧ ହେବେ ଆଉ ଏବେ ସେହି ସମୟ ସତରେ ଆସିଯାଇଛି। ରବିବାର ବିଏଲ୍‌ଏ ପୁଣି ଥରେ ପାକିସ୍ତାନ ସେନା ଗାଡି ଉପରେ କରିଥିଲା ବଡ ଆକ୍ରମଣ । ବଲୁଚ୍ ଲିବରେସନ୍ ଆର୍ମି ଏକ କନଭଏ ଉପରେ ଆକ୍ରମଣରେ ୯୦ ଜଣ ପାକିସ୍ତାନୀ ସାମରିକ କର୍ମଚାରୀଙ୍କୁ ହତ୍ୟା କରିଥିବା ଦାବି କରିବାର କିଛି ଘଣ୍ଟା ପରେ, ଏହାର ସ୍ୱତନ୍ତ୍ର ବାହିନୀ ୟୁନିଟ୍ ମାଜିଦ୍ ବ୍ରିଗେଡ୍ ଆକ୍ରମଣର ପ୍ରଥମ ଦୃଶ୍ୟ ପ୍ରକାଶ କରିଛି । ବିଏଲ୍‌ଏ ଏବଂ ପାକିସ୍ତାନୀ ସାମରିକ ବାହିନୀ ଉଭୟ ଦ୍ୱାରା ଜାରି କରାଯାଇଥିବା ଆକ୍ରମଣ ଫୁଟେଜ୍ ଦର୍ଶାଉଛି ଯେ, କ୍ୱେଟାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ଥିବା ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶର ନୋଶକିରେ ଯାନଗୁଡ଼ିକୁ କିପରି ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିଲା। ପାକିସ୍ତାନୀ ଅଧିକାରୀଙ୍କ ଅନୁଯାୟୀ, ଏହି ଆକ୍ରମଣରେ ୫ ଜଣ ଯବାନଙ୍କ ମୃତ୍ୟୁ ଘଟିଛି ଏବଂ ୧୩ ଜଣ ଯବାନ ଆହତ ହୋଇଛନ୍ତି । କିନ୍ତୁ ବିଏଲଏ ଦାବି କରିଛି। ଆକ୍ରମଣରେ ପ୍ରାୟ ୯୦ ଯବାନଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଆଉ ଏକ ଘଟଣା ପାକିସ୍ତାନରେ ଘଟୁଛି । ଯାହାକୁ ଶୁଣିଲେ ଆପଣ ହସିବାକୁ ବାଧ ହେବେ । ପାକିସ୍ତାନ ଆଗରେ ଏବେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି । ଦେଶରେ ବଢୁଥିବା ଆର୍ଥିକ ସମସ୍ୟା ଓ ଆତଙ୍କବାଦୀ ମାନଙ୍କ ଟାର୍ଗେଟରେ ସେନା କର୍ମଚାରୀ ରହୁଥିବାରୁ ପାକ୍ ସୈନ୍ୟମାନେ ଦେଶ ଛାଡ଼ି ପଳାୟନ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ସପ୍ତାହରେ ୨୫୦୦ ସୈନିକ ପାକିସ୍ତାନ ଛାଡ଼ିଛନ୍ତି । ଏହା ପଛରେ ନିରାପତ୍ତା ସ୍ଥିତି ଖରାପ ହେବା, କ୍ରମାଗତ ସାମରିକ କ୍ଷୟକ୍ଷତି ଏବଂ ପାକିସ୍ତାନର ସାମ୍ପ୍ରତିକ ଖରାପ ସ୍ଥିତି ରହିଛି ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନୀ ସେନାରୁ ପଳାୟନ କରୁଥିବା ଅଧିକାଂଶ ସୈନିକ କାମ କରିବାକୁ ସାଉଦି ଆରବ, କତାର, କୁଏତ ଓ ୟୁଏଇ ଯାଉଛନ୍ତି । ସାମ୍ପ୍ରତିକ ସମୟରେ ପାକିସ୍ତାନ ସେନାରେ ଅସ୍ଥିରତା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ସେନାରେ ନିଜ ଜୀବନକୁ ବିପଦରେ ପକାଇବା ପରିବର୍ତ୍ତେ ସୈନ୍ୟମାନେ ବିଦେଶରେ କାମ କରି ବଞ୍ଚିବାକୁ ବାଛିଛନ୍ତି। ବାସ୍ତବରେ ବଲୁଚିସ୍ତାନରେ ଆଜିକାଲି ପାକିସ୍ତାନର ଚିନ୍ତା ବଢ଼ାଇ ଦେଇଛି । କ୍ରମାଗତ ଭାବେ ବିଏଲଏ ପାକ ସୈନ୍ୟମାନଙ୍କୁ ଟାର୍ଗେଟ କରୁଛି ।

## ବୈଷ୍ଣୋଦେବୀଙ୍କ ମନ୍ଦିର ପାଖ ହୋଟେଲରେ ମଦ୍ୟପାନ ସହ ମାଂସ ଭକ୍ଷଣ

● ଓରି ଓ ତାଙ୍କ ସାଙ୍ଗ ଗିରଫ

**ନୂଆଦିଲ୍ଲୀ,୧୭ା୩:** ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର୍ ତଥା ପାର୍ଟିରେ ସବୁବେଳେ ବଲିଉଡ୍ ତାରକାଙ୍କ ସହ ନଜର ଆସୁଥିବା ଓରହାନ୍ ଅବତ୍ରମଣି (ଓରି)ଙ୍କ ଅଡୁଆ ଏବେ ବଢ଼ିଯାଇଛି । ଜମ୍ମୁ-କାଶ୍ମୀର ପୁଲିସ୍ କଟରାର ଏକ ହୋଟେଲରୁ ମଦ ପିଇବା ମାମଲାରେ ୮ ଜଣ ଲୋକଙ୍କୁ ଗିରଫ କରିଛି । ଯେଉଁଥିରେ ଓରି ମଧ୍ୟ ସାମିଲ୍ ଅଛନ୍ତି । ତେବେ ହୋଟେଲରେ ମଦ୍ୟପାନ କରିବା କୌଣସି ଅପରାଧ ନୁହେଁ କିନ୍ତୁ ଓରି ଏବଂ ତାଙ୍କ ସାଙ୍ଗମାନେ ଏକାଠି ହୋଇ ଯେଉଁ ହୋଟେଲରେ ମଦ ପିଉଥିଲେ ସେହି ହୋଟେଲରେ ମଦ୍ୟପାନ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରାଯାଇଛି । ଆପଣଙ୍କୁ ଏଠାରେ କହିରଖୁଛୁ , ବିଶ୍ୱପ୍ରସିଦ୍ଧ ତୀର୍ଥସ୍ଥଳୀ ମା' ବୈଷ୍ଣୋଦେବୀଙ୍କ ମନ୍ଦିର ଏହି ସ୍ଥାନରେ ଅବସ୍ଥିତ । ମା' ବୈଷ୍ଣୋଦେବୀଙ୍କ ସମ୍ପତ୍ତି କାଟରା ଏକ ପବିତ୍ର ସ୍ଥାନ ହୋଇଥିବା କାରଣରୁ ଏଠାରେ ମଦ୍ୟପାନ , ମାଂସ ଭକ୍ଷଣ ଆଦିକୁ ଘୋର ବିରୋଧ କରାଯାଏ। ରିପୋର୍ଟ ମୁତାବକ , ଓରି ଏବଂ ତାଙ୍କ ସାଙ୍ଗମାନଙ୍କୁ ଏନେଇ ପୂର୍ବରୁ ହୋଟେଲ୍ କର୍ମଚାରୀ ସତର୍କ କରାଇଥିଲେ । ଓରି ମଧ୍ୟ ଆମିଷ ଖାଇବାକୁ ଏବଂ ମଦ୍ୟପାନ କରିବାକୁ ମନା କରିଥିଲେ କିନ୍ତୁ ପରମୁହୂର୍ତ୍ତରେ ନିଜ କଥାକୁ ରକ୍ଷିନଥିଲେ । ହୋଟେଲରେ ନନଭେଜ୍ ଖାଇଲେ, ମଦ ପିଇଲେ ଓ ସାରା ରାତି ପାର୍ଟି କଲେ । ଘଟଣାଟି ମାର୍ଚ୍ଚ ୧୫ ତାରିଖର ବୋଲି କୁହାଯାଉଛି। ଏହି ମାମଲାରେ କଟରା ପୁଲିସ୍ ଷ୍ଟେସନ୍ ପକ୍ଷରୁ ଏଫଆଇଆର ଜାରି କରାଯାଇଛି । ଓରିଙ୍କ ସହ ଦର୍ଶନ ସିଂହ, ପାର୍ଥ ରୈନା,ରିତିକ୍ ସିଂହ, ରଶି ଦତ୍ତା, ରକ୍ଷିତା ଭୋଗଲ, ସଗୁନ୍ କୋହଲି ଏବଂ ଅନସତାସିଲା ଅର୍ଜମସ୍କିନା ଭଳି ୟଙ୍ଗଷ୍ଟର୍ ସାମିଲ୍ ଅଛନ୍ତି । ସମସ୍ତେ ଏବେ ଆଇନର ଜାଲରେ ଫସିଛନ୍ତି ।

ଚର୍ଚ୍ଚାରେ ଟ୍ରମ୍ପଙ୍କ 'ଟ୍ରାଭେଲ ବ୍ୟାନ' ନିଷ୍ପତ୍ତି



# ପାକିସ୍ତାନ, ଆଫଗାନିସ୍ତାନ ଭଳି ରେଡ୍ ଲିଷ୍ଟରେ ଭୁଟାନ

**ନୂଆଦିଲ୍ଲୀ,୧୭ା୩:** ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ କଠୋର ନିଷ୍ପତ୍ତି ଗ୍ରହଣ କରୁଛନ୍ତି । ତାଙ୍କର ଏହି ସବୁ ନିଷ୍ପତ୍ତିକୁ ନେଇ ବିଶ୍ୱରେ ହଇଚଇ ହେଉଛି। ଏବେ ଆମେରିକା ସରକାର ୪୩ ଦେଶର ଏକ ସୂଚୀ ତିଆରି କରିଛନ୍ତି ଏବଂ ଏହାକୁ ୩ ଭାଗରେ ବିଭକ୍ତ କରିଛନ୍ତି । ରେଡ୍, ଅରେଞ୍ଜ ଏବଂ ୟେଲୋ ଶ୍ରେଣୀରେ ୪୩ ଦେଶକୁ ଅନ୍ତର୍ଭୁକ୍ତ କରିଛନ୍ତି ଟ୍ରମ୍ପ । ଏହି ୪୩ ଦେଶ ଉପରେ ଟ୍ରାଭେଲ୍ ବ୍ୟାନ୍ (ଭ୍ରମଣ ପ୍ରତିବନ୍ଧକ) ଲଗାଇବାକୁ ଟ୍ରମ୍ପ ପ୍ରଶାସନ ଯୋଜନା କରୁଛନ୍ତି । ରେଡ୍ ଲିଷ୍ଟରେ ଆଫଗାନିସ୍ତାନ, ଉତ୍ତର କୋରିଆ, ଇରାନ, ୟେମେନ, ସୋମାଲିଆ, ସୁଡାନ ଏବଂ ସିରିଆ ଭଳି ଦେଶ ସାମିଲ ହୋଇଛନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି ଆମେରିକାର ଏହି ରେଡ୍ ଲିଷ୍ଟରେ ଭାରତର ପଡ଼ୋଶୀ ରାଷ୍ଟ୍ର ଭୁଟାନ ରହିଛି । କାହିଁକି ଟ୍ରମ୍ପ ଭୁଟାନକୁ ଲାଲ ତାଲିକାଭୁକ୍ତ କରିଛନ୍ତି ଆସନ୍ତୁ ଜାଣିବା । ଟ୍ରମ୍ପ ପ୍ରଶାସନର ସୂତ୍ର ଅନୁଯାୟୀ ଭୁଟାନକୁ ଏହି ତାଲିକାରେ ସାମିଲ କରିବାର କିଛି କାରଣ ରହିଛି । ଭୁଟାନର ଲୋକମାନେ ଆମେରିକା ପହଞ୍ଚିବା ପରେ ଭିସା ନିୟମର ଉଲ୍ଲଂଘନ କରୁଛନ୍ତି । ଅନେକ ସମୟରେ ଭିସାରେ ନିର୍ଦ୍ଦିଷ୍ଟ ଅବଧି ପରେ ମଧ ସେମାନେ ଆମେରିକାରେ ରହୁଛନ୍ତି । ଏଭଳି ପରିସ୍ଥିତି ଜାତୀୟ ସୁରକ୍ଷା ପାଇଁ ବିପଦ । ଏହା ବ୍ୟତୀତ ବେଆଇନ ଉପାୟରେ ଆମେରିକାରେ ପହଞ୍ଚିବା ମାମଲାରେ ଭୁଟାନର ଲୋକଙ୍କ ସଂଖ୍ୟା ଅଧିକ ଏବଂ ଏହାକୁ ନେଇ ଆମେରିକା ମଧ ଚିନ୍ତିତ । ଆମେରିକାର ଗୃହ ସୁରକ୍ଷା ବିଭାଗ ଅନୁସାରେ, ଗତ ବର୍ଷ ୩୭ ପ୍ରତିଶତ ଭୁଟାନ ନାଗରିକ ଭିସା ନିୟମ ଉଲ୍ଲଂଘନ କରିଛନ୍ତି । ଏବେ ରେଡ୍ ବା ଲାଲ ତାଲିକାରେ ସାମିଲ ହେବା ପରେ ଆମେରିକା ଯିବାକୁ ଚାହୁଁଥିବା ଭୁଟାନର ପ୍ରତ୍ୟେକ ବ୍ୟକ୍ତିଙ୍କ ଯାଞ୍ଚ କରାଯିବ ଏବଂ ଭିସା ପ୍ରଦାନ କରାଯିବ। କୌଣସି ଠୋସ୍ କାରଣ ନଥିଲେ ଭୁଟାନର ନାଗରିକଙ୍କୁ ଭିସା ମିଳିପାରିବ ନାହିଁ ।

## ବିଜେପି ଅଧ୍ୟକ୍ଷଙ୍କୁ ଉଠାଇନେଲା ପୋଲିସ

● ୧୦୦୦ କୋଟି ଟଙ୍କାର ଅନିୟମିତତା ବିରୋଧରେ ଦେଇଥିଲେ ଧାରଣା

**ତାମିଲନାଡୁ,୧୭ା୩:** ରାଜନୀତିରେ ଡିଏମକେ ଏବଂ ଭାରତୀୟ ଜନତା ପାର୍ଟି ମୁହାଁମୁହିଁ ହୋଇଛନ୍ତି । ଏହାକୁ ନେଇ ତାମିଲନାଡୁ ପ୍ରଦେଶ ବିଜେପିର ବରିଷ୍ଠ ନେତା ଏବେ ପୋଲିସ ହେପାଜତରେ । ଟିଏଏସଏମଏସି ଦୁର୍ନୀତି ମାମଲାରେ ବିଜେପି ନେତା ବିରୋଧ ପ୍ରଦର୍ଶନ କରୁଥିବା ସମୟରେ ପୋଲିସ ସେମାନଙ୍କୁ ହାଜତକୁ ନେଇଥିବା ଜଣାପଡିଛି । ତାମିଲନାଡୁର ବିଜେପି ଅଧ୍ୟକ୍ଷ ଆନ୍ନାମଲାଇ, ବରିଷ୍ଠ ନେତ୍ରୀ ତାମିଲସାଇଙ୍କ ସମେତ ଅନେକ ନେତା ପୋଲିସ ହାଜତରେ ଥିବା ଜଣାପଡିଛି । ସୂଚନା ଅନୁସାରେ, ବିଜେପି ୧,୦୦୦ କୋଟି ଟଙ୍କାର ଅନିୟମିତତା ବିରୋଧରେ ଟିଏଏସଏମଏସିର ମୁଖ୍ୟାଳୟରେ ଧାରଣା ଦେବାକୁ କହିଥିଲା । ମଦ ଦୁର୍ନୀତି ମାମଲାରେ ଏକ ହଜାର କୋଟିରୁ ଅଧିକ ଟଙ୍କା ଦୁର୍ନୀତି ଅଭିଯୋଗ ରହିଛି । ତାମିଲନାଡୁ ମନ୍ତ୍ରୀ ସାନ୍‌ଥିଲ୍ ବାଲାଜୀ ଇଡିର ଅଭିଯୋଗକୁ ଭିତ୍ତିହୀନ କହି ତାମିଲନାଡୁ ସରକାରଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର ବୋଲି କହିଛନ୍ତି । ଏହି ମାମଲାରେ ପୋଲିସ ତାମିଲନାଡୁର ବିଜେପି ଅଧ୍ୟକ୍ଷ ଆନ୍ନାମଲାଇ, ବରିଷ୍ଠ ନେତ୍ରୀ ତାମିଲସାଇଙ୍କ ସମେତ ଅନେକ ନେତାଙ୍କୁ ଉଠାଇ ନେଇଛି । ଦଳର ମହିଳା ମୋର୍ଚ୍ଚା ମୁଖ୍ୟ ଏବଂ କୋଏମ୍ବାଟୁର ଦକ୍ଷିଣ ବିଧାୟକ ବନଥି ଶ୍ରୀନିବାସନ, ଦଳୀୟ ନେତା ବିନୋଜ ପି ସେଲଭାମ ଏବଂ ଅମର ପ୍ରସାଦ ରେଡ୍ଡୀଙ୍କ ଭଳି ଅନ୍ୟ ପଦାଧିକାରୀଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି । ଇଡି ଦାବି କରିଥିଲା ଯେ ମାର୍ଚ୍ଚ ୬ ତାରିଖରେ କର୍ମଚାରୀ, ଡିଷ୍ଟିଲେରୀ ଅଫିସ ଏବଂ ପ୍ଲାଣ୍ଟରେ ଚଢାଉ କରିବା ପରେ ଏହାର ପ୍ରମାଣ ମିଳିଛି ।

## ହାଫିଜ୍ ସଇଦର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କଲା ପାକିସ୍ତାନ

● ଅବୁ କତାଲର ହତ୍ୟା ପରେ ଆଇଏସ୍‌ଆଇ ତତ୍ପର



**ନୂଆଦିଲ୍ଲୀ,୧୭ା୩:** ପାକିସ୍ତାନ ୨୬ / ୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସଇଦ୍‌ର ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିଛି। ନିକଟରେ ସଇଦର ନିକଟତମ ସହଯୋଗୀ, ଅବୁ କତାଲର ହତ୍ୟା ପରେ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରି ଦେଇଛି। ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସଇଦର ସୁରକ୍ଷାର ସମୀକ୍ଷା କରିଛି ଏବଂ ତାର ଘରକୁ ଏକ ସବ୍-ଜେଲ୍‌ରେ ବଦଳାଇ ଦେଇଛି, ପାକିସ୍ତାନୀ ସାମ୍ବାଦିକ ଅଜାଜ୍ ସଇଦ ଏହି କଥା ସ୍ପଷ୍ଟ କରିଛନ୍ତି। ପୂର୍ବରୁ ହାଫିଜ୍ ସଇଦ ଉପରେ ଅନେକ ଥର ପ୍ରାଣଘାତୀ ଆକ୍ରମଣ ହୋଇଛି, କିନ୍ତୁ ସେ ପ୍ରତିଥର ଜୀବନ ବଞ୍ଚାଇ ଖସିବାରେ ସଫଳ ହୋଇଛି। ହେଲେ ହାଫିଜ୍ ସଇଦର ଘରକୁ ଏବେ ନିୟନ୍ତ୍ରିତ ହେପାଜତରେ ବଦଳାଇ ଦିଆ ଯାଇଛି, ଯେଉଁଠି ପ୍ରତ୍ୟେକ ଗତିବିଧି ଉପରେ ନଜର ରଖା ଯାଉଛି।

# 'ଭାଷା ଘୃଣାଯୋଗ୍ୟ ନୁହେଁ, ଦିଲ୍ଲୀରେ ଯୋଗାଯୋଗ ପାଇଁ ହିନ୍ଦୀ ଉପଯୋଗୀ'



**ନୂଆଦିଲ୍ଲୀ,୧୭ା୩:** ସୋମବାର ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାର ଏବଂ କେନ୍ଦ୍ର ମଧ୍ୟରେ ଚାଲିଥିବା ଭାଷା ବିବାଦ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ "ଜାତୀୟ ଭାଷା" ଦିଲ୍ଲୀରେ ହିନ୍ଦୀରେ ସରଳ କଥାବାର୍ତ୍ତା କରିବାକୁ ସକ୍ଷମ କରିବ। ବିଧାନସଭାକୁ ସମ୍ବୋଧିତ କରିବା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେବଳ ଯେଉଁମାନେ ନିଜ ମାତୃଭାଷାରେ ପଢ଼ନ୍ତି ସେମାନେ ହିଁ ସାରା ବିଶ୍ୱରେ ଉତ୍କର୍ଷ ଲାଭ କରୁଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏକ ଭୁଲ ଧାରଣା ରହିଛି ଯେ କେବଳ ଇଂରାଜୀ ଭାଷା ଜ୍ଞାନର ଗ୍ୟାରେଣ୍ଟି ଦେଇପାରିବ। "ଭାଷା କେବଳ ଯୋଗାଯୋଗ ପାଇଁ। ଜ୍ଞାନ ଭାଷା ସହିତ ଆସିବ ନାହିଁ। ଯେଉଁମାନେ ନିଜ ମାତୃଭାଷାରେ ପଢ଼ନ୍ତି ସେମାନେ ହିଁ ସାରା ବିଶ୍ୱରେ ଉତ୍କର୍ଷ ଲାଭ କରୁଛନ୍ତି। ଏହା ଶିଖିବା (ମାତୃଭାଷା ମାଧ୍ୟମରେ) ସହଜ, "ହୁଏ ବୋଲି ନାଇଡୁ କହିଛନ୍ତି। "ମୁଁ ଆପଣଙ୍କୁ ଏହା ସ୍ପଷ୍ଟ ଭାବରେ କହୁଛିଁ ଭାଷା ଘୃଣା ପାଇଁ ନୁହେଁ। ଏଠାରେ (ଆନ୍ଧ୍ରପ୍ରଦେଶରେ) ମାତୃଭାଷା ତେଲୁଗୁ। "ହିନ୍ଦୀ ହେଉଛି ଜାତୀୟ ଭାଷା ଏବଂ ଅନ୍ତର୍ଜାତୀୟ ଭାଷା ହେଉଛି ଇଂରାଜୀ, " ସେ ଦୃଢ଼ତାର ସହିତ କହିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ମାତୃଭାଷାକୁ ନ ଭୁଲି ଜୀବିକା ନିର୍ବାହ ପାଇଁ ଯଥାସମ୍ଭବ ଭାଷା ଶିଖିବା ଗୁରୁତ୍ୱପୂର୍ଣ୍ଣ। ଯେତେ ଲୋକ ଜାପାନ ଏବଂ ଜର୍ମାନୀ ଭଳି ଅନ୍ୟ ଦେଶକୁ ଯାଉଛନ୍ତି, ସେ କହିଛନ୍ତି ଯେ ଯଦି ସେହି ଭାଷାଗୁଡ଼ିକୁ ଏଠାରେ ମଧ୍ୟ ଶିଖାଯାଇପାରିବ, ତେବେ ଲୋକମାନେ ସେହି ବିଦେଶୀ ସ୍ଥାନଗୁଡ଼ିକୁ ପରିଦର୍ଶନ କରିବା ସମୟରେ ଏହା ବହୁତ ସହଜ ହେବ। ସେ ଆହୁରି ମଧ୍ୟ ନିବେଦନ କରିଛନ୍ତି ଯେ 'ଭାଷା ଉପରେ ଅନାବଶ୍ୟକ ରାଜନୀତି' କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ସେ ଯଥାସମ୍ଭବ ଭାଷା ଶିଖିବାକୁ ଆହ୍ୱାନ କରିଛନ୍ତି। ନାଇଡୁଙ୍କ ମନ୍ତବ୍ୟ ଉପ-ମୁଖ୍ୟମନ୍ତ୍ରୀ ଏବଂ ଜନସେନା ମୁଖ୍ୟ ପବନ କଲ୍ୟାଣ ଭାଷା ବିବାଦରେ ପ୍ରବେଶ କରିବା ପରେ ଆସିଛି, ଯେଉଁଠାରେ ସେ ତାମିଲ ରାଜନେତାମାନଙ୍କୁ ହିନ୍ଦୀକୁ ବିରୋଧ କରିବା ସହିତ ଆର୍ଥିକ ଲାଭ ପାଇଁ ସେମାନଙ୍କ ଚଳଚ୍ଚିତ୍ରକୁ ହିନ୍ଦୀରେ ଡବିଂ କରିବାକୁ ଅନୁମତି ଦେବା ପାଇଁ ସମାଲୋଚନା କରିଥିଲେ।

## କୁପୱାରାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ, ଯବାନ ଆହତ

**ଜମ୍ମୁ କଶ୍ମୀର,୧୭ା୩:** କୁପୱାରାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ। ଆତଙ୍କବାଦୀଙ୍କ ଗୁଳିରେ ଜଣେ ଯବାନ ଆହତ ହୋଇଛନ୍ତି। ଜମ୍ମୁ- କଶ୍ମୀରର କୁପୱାରାରେ କିଛି ଆତଙ୍କବାଦୀ ଲୁଛି ରହିଥିବା ସୂଚନା ମିଳିଥିଲା। ଆର୍ମି, ଜମ୍ମୁ- କାଶ୍ମୀର ପୋଲିସ ଏବଂ ସ୍ପେଶାଲ ଗ୍ରୁପ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀଙ୍କ ନିକଟବର୍ତ୍ତୀ ହେବା ସମୟରେ ଜଙ୍ଗଲରେ ଲୁଚି ରହିଥିବା ଦୁଇରୁ ତିନି ଜଣ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି। ଏଥିରେ ଜଣେ ଯବାନ ଆହତ ହୋଇଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁଳିବିନିମୟ ଜାରି ରହିଥିବାରୁ ସ୍ଥାନୀୟବାସିନ୍ଦାଙ୍କୁ ଘରୁ ନବାହାରିବାକୁ ପରାମର୍ଶ ଦେଇଛନ୍ତି ସୁରକ୍ଷାକର୍ମୀ। ଏହି ଅଞ୍ଚଳରେ ଜଣେ କିମ୍ବା ଦୁଇଜଣ ଆତଙ୍କବାଦୀ ଫସିଥାଇପାରନ୍ତି। କୁପୱାରା ଜିଲ୍ଲାର ରାଜୱାଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି। ସୁରକ୍ଷାବଳ ଅଞ୍ଚଳରେ ଘେରାବନ୍ଦୀ କରି ତଲାସୀ ଅଭିଯାନ ଜାରି ରଖିଛନ୍ତି। ସେପଟେ ଜମ୍ମୁ ଏବଂ କଶ୍ମୀରର ହିନ୍ଦୱାଡା ଜିଲ୍ଲାରେ ମଧ୍ୟ ସୁରକ୍ଷାବଳଙ୍କ ଅଭିଯାନ ଜାରି ରହିଛି। ସୁରକ୍ଷାବଳ ଜିଲ୍ଲାର ଜଚଲଦାରାର କୁମ୍ରୁରା ଅଞ୍ଚଳରେ ଘେରାବନ୍ଦୀ ଏବଂ ତଲାସୀ ଅଭିଯାନ ଚଳାଇଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ କାଶ୍ମୀର ରୌଜରୀ ଜିଲ୍ଲା ସୁନ୍ଦରବନୀରେରେ ସେନା ଗାଡି ଉପରେ ଆତଙ୍କୀ ହମଲା କରିଥିଲେ। ଦ୍ୱିପ୍ରହର ୧ଟା ବେଳେ ସେନା ଗାଡି ଯାଉଥିବା ସମୟରେ ଆତଙ୍କୀ ଫାୟାରିଂ କରିଥିଲେ। ଏଲଓସି ନିକଟ ଜଙ୍ଗଲରେ ଲୁଚିଥିବା ଆତଙ୍କୀ ସେନା ଗାଡିକୁ ୪ରୁ ୫ ରାଉଣ୍ଡ ଫାୟାରିଂ କରିଥିଲେ।

# ଖଲିସ୍ତାନୀ ଉଗ୍ରପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ



ନୂଆଦିଲ୍ଲୀ,୧୭ା୩:ଆମେରିକା ମାଟିରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଗୋଇନ୍ଦା ମୁଖ୍ୟ ତୁଲ୍‌ସୀ ଗାବାର୍ଡଙ୍କୁ ଜଣାଇଛନ୍ତି। ସୋମବାର ଗାବାର୍ଡଙ୍କ ସହ ବୈଠକରେ ରାଜନାଥ କହିଛନ୍ତି, ଖଲିସ୍ତାନୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛି। ଜାତୀୟ ସୁରକ୍ଷା ବିରୋଧରେ କାର୍ଯ୍ୟ କରୁଥିବା ଏହି ସଂଗଠନକୁ ଭାରତରେ ବେଆଇନ ଘୋଷଣା କରାଯାଇଛି। ଏଭଳି ବେଆଇନ ସଂଗଠନ ବିରୋଧରେ ଆମେରିକା ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ନୂଆଦିଲ୍ଲୀ କହିଛି। ଆମେରିକା ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ତୁଲ୍‌ସୀ ଗାବାର୍ଡ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ-ଆମେରିକା ସହଭାଗିତାକୁ ଆହୁରି ନିବିଡ଼ କରାଇବା ପାଇଁ ପ୍ରତିରକ୍ଷା, ସୂଚନା ଆଦାନପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ରାଜନାଥ କହିଛନ୍ତି। ଗାବାର୍ଡ ରବିବାର ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ଭେଟି ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଏବଂ ସୁରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଇସ୍‌ଲାମୀୟ ଆତଙ୍କବାଦ ଉଭୟ ଭାରତ ଓ ଆମେରିକା ପାଇଁ ବଡ଼ ବିପଦ ବୋଲି ଗାବାର୍ଡ କହିଛନ୍ତି। ଆତଙ୍କବାଦକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକାଠି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା ବେଳେ ଗାବାର୍ଡ କହିଥିଲେ, ଇସ୍‌ଲାମୀୟ ଆତଙ୍କବାଦୀ କେବଳ ଆମେରିକା କି ଭାରତକୁ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ଅନେକ ଦେଶକୁ ପ୍ରଭାବିତ କରିଛି।

## ଜେଡିୟୁରେ ସାମିଲ ହେବେ କି ନୀତିଶଙ୍କ ପୁଅ ?



**ନୂଆଦିଲ୍ଲୀ,୧୭ା୩:** ଜେଡିୟୁରେ ସାମିଲ ହେବେ କି ନୀତିଶଙ୍କ ପୁଅ ? ରାଜନୀତିରେ ଏଣ୍ଟ୍ରି ମାରିବେ କି ନିଶାନ୍ତ କୁମାର ? ବିହାର ରାଜନୀତିରେ ଏଭଳି କିଛି ଚର୍ଚ୍ଚା ଭିତରେ, ହୋଲିରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଜେଡିୟୁର ବରିଷ୍ଠ ନେତା ଓ କର୍ମୀଙ୍କୁ ଭେଟି ଆଲୋଚନା କରିଛନ୍ତି ନିଶାନ୍ତ। ଜେଡିୟୁର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା ଏବଂ ବରିଷ୍ଠ ନେତା ବିଜୟ କୁମାର ଚୌଧୁରୀଙ୍କ ସହ ନିଶାନ୍ତ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ଅନ୍ୟପଟେ ଜେଡିୟୁ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରେ ନିଶାନ୍ତଙ୍କୁ ସ୍ୱାଗତ କରିବା ପାଇଁ ଅନେକ ପୋଷ୍ଟର ଲଗାଇଛନ୍ତି। ଜେଡିୟୁ କର୍ମୀମାନେ ଦାବି କରୁଛନ୍ତି ଯେ, ନିଶାନ୍ତ ରାଜନୀତିରେ ପ୍ରବେଶ କରିବାକୁ ସମ୍ମତି ଦେଇଛନ୍ତି। ଏବେ କେବଳ ନୀତିଶ କୁମାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ। ଗୋଟିଏ କିମ୍ବା ଦୁଇ ଦିନ ଭିତରେ ନିଶାନ୍ତ ଆନୁଷ୍ଠାନିକ ଭାବରେ ଜେଡିୟୁରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବରିଷ୍ଠ ଜେଡିୟୁ ନେତା ତଥା ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ନୀତିଶ କୁମାର ନିଜେ ଜନତା ଦଳ ୟୁନାଇଟେଡକୁ ଛିଡା କରିଛନ୍ତି, ତେଣୁ ଶେଷ ନିଷ୍ପତ୍ତି ତାଙ୍କର ହେବ। ସେ ଆହୁରି ମଧ ସ୍ପଷ୍ଟ କରିଛନ୍ତି ଯେ, ନିଶାନ୍ତ ରାଜନୀତିରେ ପ୍ରବେଶ କରିବେ କି ନାହିଁ ତାହା କେବଳ ନୀତିଶ କୁମାର ନିଷ୍ପତ୍ତି ନେବେ। ଏହା ବ୍ୟତୀତ, ଦଳର ନେତୃତ୍ୱ ଏବଂ ଏହାର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର ମଧ ତାଙ୍କର ଅଛି ବୋଲି କହିଛନ୍ତି ବିଜୟ କୁମାର ଚୌଧୁରୀ। ତେବେ ନିଶାନ୍ତଙ୍କ ରାଜନୀତିରେ ପ୍ରବେଶ ନେଇ ଚାଲିଥିବା କଳ୍ପନାଜଳ୍ପନା ଉପରେ ଆର୍‌ଜେଡିର ପ୍ରତିକ୍ରିୟା ଆସିଛି।

## ସମ୍ଭଲରେ ନୂଆ ବିବାଦ, 'ନେଜା ମେଳା'କୁ ଅନୁମତି ଦେଲାନି ପୁଲିସ

ସମ୍ଭଲ ୧୭।୯: ଉତ୍ତରପ୍ରଦେଶ ସମ୍ଭଲ ଜିଲ୍ଲାରେ ପ୍ରଶାସନ ଓ ପୋଲିସ ମହମଦ ଗଜନବୀର ଭଣଜା ତଥା ସୈନ୍ୟ କମାଣ୍ଡର ସୟଦ ସାଲାର ମସୁଦ ଗାଜୀ ସ୍ମୃତିରେ ପାଳିତ ହୋଇ ଆସୁଥିବା 'ନେଜା ମେଳା'କୁ ଅନୁମତି ଦେବାକୁ ସୋମବାର ମନା କରିଦେଇଛି। ଜନୈକ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସମ୍ଭଲ ପୋଲିସ ନେଜା ମେଳା କମିଟିକୁ ସ୍ପଷ୍ଟ ରୂପେ କହିଛି ଯେ ଦେଶକୁ 'ଲୁଟି'ଥିବା ବ୍ୟକ୍ତିର ସ୍ମୃତିରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇ ପାରିବନି। ଏପରି ମେଳା ଆୟୋଜନକୁ ପୋଲିସ 'ଦେଶ ଦ୍ରୋହ' ବୋଲି କହିଛି। ନେଜା ମେଳା କମିଟି ସଦସ୍ୟ ସୋମବାର ମେଳା ଆୟୋଜନ ନିମନ୍ତେ ଥାନାରେ ଅପର ପୋଲିସ ଅଧିୟକ୍ଷକ (ଏଏସପି) ଶ୍ରୀଷ ଚନ୍ଦ୍ରଙ୍କୁ ଭେଟିଥିଲେ। ତେବେ ଅଧିକାରୀ ସ୍ପଷ୍ଟ ଶବ୍ଦରେ ସାଲାର ମାସୁଦ ଗାଜୀ ନାମରେ ମେଳା ଆୟୋଜନକୁ ଅନୁମତି ଦେବା ପାଇଁ ମନା କରିଦେଇଛନ୍ତି।

# ତେଲେଙ୍ଗାନା ସରକାରଙ୍କ, ଓବିସି ବର୍ଗଙ୍କୁ ମିଳିବ ୪୨% ସଂରକ୍ଷଣ !



**ହାଇଦ୍ରାବାଦ,୧୭ା୩:** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ସୋମବାର ବିଧାନସଭାରେ ବଡ଼ ଘୋଷଣା କରିଛନ୍ତି । ତେଲେଙ୍ଗାନାର କଂଗ୍ରେସ ସରକାର ରାଜ୍ୟରେ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ସଂରକ୍ଷଣ ସୀମାକୁ ୨୩% ରୁ ୪୨%କୁ ବୃଦ୍ଧି କରିବାକୁ ଯାଉଛନ୍ତି । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ରାଜ୍ୟରେ ସଂରକ୍ଷଣ ସୀମା ୬୨%କୁ ବୃଦ୍ଧି ପାଇବ । ଏହା ସୁପ୍ରିମକୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ୫୦% ସଂରକ୍ଷଣ ସୀମାର ଉଲ୍ଲଂଘନ ହେବ। କଂଗ୍ରେସ ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରୁ ଓବିସି କୋଟା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲା। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରତିଶ୍ରୁତି ଦେଇଥିଲେ ଯଦି କଂଗ୍ରେସ କ୍ଷମତାକୁ ଆସେ, ତେବେ ଓବିସି ସଂରକ୍ଷଣକୁ ୪୨ ପ୍ରତିଶତକୁ ବୃଦ୍ଧି କରାଯିବ। କ୍ଷମତା ଗ୍ରହଣ କରିବା ପରେ ଆମ ସରକାର ଜାତିଗତ ଜନଗଣନା ଆରମ୍ଭ କରିଥିଲେ । ପୂର୍ବରୁ କଂଗ୍ରେସ ସରକାର ଓବିସି ସଂରକ୍ଷଣକୁ ୩୭ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ରାଜ୍ୟପାଳଙ୍କୁ ଏକ ପ୍ରସ୍ତାବ ପଠାଇଥିଲା । ଏହି ସରକାର ପୂର୍ବ ପ୍ରସ୍ତାବକୁ ପ୍ରତ୍ୟାହାର କରୁଛି ଏବଂ ଏବେ ୪୨ ପ୍ରତିଶତ ସଂରକ୍ଷଣର ଏକ ନୂତନ ପ୍ରସ୍ତାବ ପଠାଉଛି। ଆମେ ଓବିସି ସଂରକ୍ଷଣକୁ ୪୨ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ଆଇନଗତ ସହାୟତା ମଧ ନେବୁ । ପଛୁଆ ବର୍ଗଙ୍କ ପାଇଁ ୪୨ ପ୍ରତିଶତ ସଂରକ୍ଷଣ ହାସଲ ନହେବା ପର୍ଯ୍ୟନ୍ତ ଆମେ ଚୁପ୍ ବସିବୁ ନାହିଁ । ୧୧୭ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭାରେ କଂଗ୍ରେସର ୬୪ ବିଧାୟକ ଅଛନ୍ତି। ତେଣୁ, ବିଧାନସଭାରେ ଓବିସି ସଂରକ୍ଷଣ ବିଲ୍ ଗୃହୀତ ହେବ କିନ୍ତୁ ଏହା କାର୍ଯ୍ୟକାରୀ ହେବା ପରେ ତେଲେଙ୍ଗାନାରେ ସଂରକ୍ଷଣ ସୀମା ୬୨% ରେ ପହଞ୍ଚିବ। ଏହା ସୁପ୍ରିମକୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ୫୦% ସଂରକ୍ଷଣ ସୀମାକୁ ଉଲ୍ଲଂଘନ କରିବ।

## ଅଯୋଧ୍ୟା ରାମ ମନ୍ଦିର, ସରକାର ନେଇଛନ୍ତି ୪ଶହ କୋଟିର ଟ୍ୟାକ୍ସ

**ଅଯୋଧ୍ୟା,୧୭ା୩:** ରାମ ମନ୍ଦିର ନିର୍ମାଣ ଏବଂ ପରିଚାଳନା ପାଇଁ ଗଠିତ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଗତ ପାଞ୍ଚ ବର୍ଷ ମଧରେ ସରକାରଙ୍କୁ ପ୍ରାୟ ୪୦୦ କୋଟି ଟଙ୍କାର ଟିକସ ପ୍ରଦାନ କରିଛି । ଏହି ସୂଚନା ଦେଇ ଟ୍ରଷ୍ଟ ସଚିବ ଚମ୍ପତ ରାୟ କହିଛନ୍ତି, ଏହି ରାଶି ୫ ଫେବୃଆରୀ ୨୦୨୦ ରୁ ୫ ଫେବୃଆରୀ ୨୦୨୫ ମଧରେ ଦିଆଯାଇଛି । କେତେ ଜିଏସ୍‌ଟି ଦିଆଯାଇଥିଲା ୪୦୦ କୋଟି ଟଙ୍କା ମଧରୁ ୨୭୦ କୋଟି ଟଙ୍କା ଜିଏସଟି ଭାବରେ ଦିଆଯାଇଛି ଏବଂ ବାକି ୧୩୦ କୋଟି ଟଙ୍କା ଅନ୍ୟାନ୍ୟ ଟିକସ ବର୍ଗ ଅଧୀନରେ ଦିଆଯାଇଛି । ଏହି ୧୩୦ କୋଟି ଟଙ୍କାରେ ଟିଡିଏସ୍, ଲେବର ସେସ୍, ଇଏସଆଇ, ବୀମା ଭଳି ଟାକ୍ସ ଅନ୍ତର୍ଭୁକ୍ତ। ଧାର୍ମିକ ପର୍ଯ୍ୟଟନ ସ୍ଥଳ ପାଲଟିଛି ଅଯୋଧା ଅଯୋଧାରେ ରାମ ମନ୍ଦିର ନିର୍ମାଣ ହେବା ପରଠାରୁ, ଏହି ସହର ଏକ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳ ପାଲଟିଛି । ଗତ ବର୍ଷ, ୧୬ କୋଟିରୁ ଅଧିକ ପର୍ଯ୍ୟଟକ ଅଯୋଧା ଆସିଥିଲେ, ଯେଉଁଥିରୁ ୫ କୋଟି ଲୋକ ରାମ ମନ୍ଦିର ଦର୍ଶନ କରିଥିଲେ । ଏହା ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ ବୃଦ୍ଧି କରିଛି । ପର୍ଯ୍ୟଟକ ଆସିବା ଦ୍ୱାରା ବ୍ୟବସାୟ ବଢୁଛି, ଲୋକେ ରୋଜଗାର ପାଉଛନ୍ତି। ମହାକୁମ୍ଭ ସମୟରେ ମଧ ୧.୨୬ କୋଟି ଭକ୍ତ ଅଯୋଧା ଆସିଥିଲେ ।

# 'ଚନ୍ଦ୍ରାୟାନ-୫ ମିଶନ'କୁ ମଞ୍ଜୁରୀ ଦେଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୧୭ା୩:** କେନ୍ଦ୍ର ସରକାର ମହତ୍ୱାକାଂକ୍ଷୀ 'ଚନ୍ଦ୍ରାୟାନ-୫ ମିଶନ'କୁ ଅନୁମୋଦନ କରିଛନ୍ତି। ଏହି ମିଶନ ଅଧୀନରେ, ଚନ୍ଦ୍ରପୃଷ୍ଠର ଅଧ୍ୟୟନ ପାଇଁ ୨୫୦ କିଲୋଗ୍ରାମର ଏକ ରୋଭର ପଠାଯିବ। ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ଏହି ଖବରକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଏହି ମିଶନ ଜାପାନ ସହଯୋଗରେ ପରିଚାଳିତ ହେବ। ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବରେ ଭାଷଣ ଦେଇ ଇସ୍ରୋ ମୁଖ୍ୟ କହିଛନ୍ତି, ଚନ୍ଦ୍ରାୟାନ-୫କୁ ନିକଟରେ ସବୁଜ ସଙ୍କେତ ଦିଆଯାଇଛି। ସେ କହିଛନ୍ତି, ପୂର୍ବରୁ, ଚନ୍ଦ୍ରାୟାନ-୩ ମିଶନ ଅଧୀନରେ ୨୫ କିଲୋଗ୍ରାମର ରୋଭର 'ପ୍ରଜ୍ଞାନ' ଚନ୍ଦ୍ରକୁ ପଠାଯାଇଥିଲା, ଯାହା ସଫଳତାର ସହ ଅବତରଣ କରିଥିଲା। ଏଥର ଚନ୍ଦ୍ରାୟାନ-୫ରେ ଏକ ଅଧିକ ସକ୍ଷମ ରୋଭର ପଠାଯିବ,

**ଜାପାନ କରିବ ସହଯୋଗ**

ଯାହା ଚନ୍ଦ୍ରପୃଷ୍ଠର ଅଧିକ ଗଭୀର ଅଧ୍ୟୟନ କରିବାକୁ ସକ୍ଷମ ହେବ। କହିରଖୁଛୁ ଯେ, ଇସ୍ରୋ ସଫଳତାର ସହ ଚନ୍ଦ୍ରାୟାନ-୩ ମିଶନ ଲଞ୍ଚ କରିଥିଲା, ଯେଉଁଥିରେ ଲ୍ୟାଣ୍ଡର୍ 'ବିକ୍ରମ' ୨୩ ଅଗଷ୍ଟ ୨୦୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ 'ସଫ୍ଟ ଲ୍ୟାଣ୍ଡିଂ' କରିଥିଲା। ଏହା ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଥିଲା, ଯାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପୂର୍ବରୁ, ଇସ୍ରୋ 'ଚନ୍ଦ୍ରାୟାନ-୪' ମିଶନ ଉପରେ ମଧ୍ୟ କାମ କରୁଛି, ଯାହାର ଲକ୍ଷ୍ୟ ଚନ୍ଦ୍ରରୁ ମାଟି ଏବଂ ପଥରର ନମୁନା ଆଣିବା। ରିପୋର୍ଟ ଅନୁସାରେ, ଏହାକୁ ୨୦୨୭ରେ ଲଞ୍ଚ କରାଯାଇପାରେ।



# ମୁମ୍ବାଇ ଇଣ୍ଡିଆନ୍ସକୁ ଦ୍ୱିତୀୟ ଡବ୍ଲ୍ୟୁପିଏଲ୍ ମୁକୁଟ



**ମୁମ୍ବାଇ, ୧୭।୩:** ଜେମିମା ରଡ୍ରିଗ୍ୱେଜ୍‌ଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଥର ଲାଗି ଡବ୍ଲ୍ୟୁପିଏଲ୍ ମୁକୁଟ କରାୟତ୍ତ କରିଛି। ଶନିବାର ମୁମ୍ବାଇର ବ୍ରାବର୍ଣ୍ଣ ଷ୍ଟାଡିୟମ୍‌ରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ହର୍ମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ ୮ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ମାତ୍ ଦେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ୧୪ ରନ୍‌ରେ ୨ ୱିକେଟ୍ ହରାଇ ସଂଙ୍କଟରେ ପଡ଼ିଥିଲା। ନାଟ୍ ଶିଭର ବ୍ରଣ୍ଟ୍ ଓ ଅଧିନାୟିକା ହର୍ମନପ୍ରୀତ ତୃତୀୟ ୱିକେଟ୍‌ରେ ୭୯ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କୋର୍ ୧୦୦ ପାର୍ କରିଥିଲେ। ବ୍ରଣ୍ଟ୍ ୩୦ ରନ୍ ଓ ହର୍ମନପ୍ରୀତ ଅର୍ଦ୍ଧଶତକ (୬୬, ୪୪ ବଲ୍, ୯ ଚୌକା, ୨ ଛକା) ଅର୍ଜନ କରିଥିଲେ। ଏମାନଙ୍କ ବାଦ୍ ଅମନଜୋତ କୌର (୧୪*, ୭ ବଲ୍), ଗୁନାଲାନ କମଳିନୀ (୧୦, ୭ ବଲ୍) କେବଳ ଦୁଇଅଙ୍କ ଛୁଇଁବାରୁ ଦଳ ୭ ୱିକେଟ୍ ହରାଇ ୧୪୯ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ନିୟମିତ ୱିକେଟ୍ ହରାଇବାରୁ ୧୪୧/୯ କରିବାକୁ ସକ୍ଷମ ହୋଇଥିଲା। ମାରିଜାନ କାପ୍ (୪୦, ୨୬ ବଲ୍, ୫ ଚୌକା, ୨ଛକା), ଜେମିମା ରଡ୍ରିଗ୍ୱେଜ୍ (୨୧ ବଲ୍‌ରୁ ୩୦), ଶିଖା ପାଣ୍ଡେ (୨୫ ରନ୍) ଲଢ଼ିଥିଲେ ମଧ୍ୟ ଦଳକୁ ବିଜୟ ଦେଇପାରି ନଥିଲେ। ବ୍ରଣ୍ଟ ୩, କେର୍ ୨ ୱିକେଟ୍ ନେଇଥିଲେ। ହର୍ମନପ୍ରୀତ କୌର ଫାଇନାଲ୍‌ର ଏବଂ ବ୍ରଣ୍ଟ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ସୂଚନାଯୋଗ୍ୟ ଯେ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୩ରେ ଖେଳାଯାଇଥିବା ଡବ୍ଲ୍ୟୁପିଏଲ୍‌ର ପ୍ରଥମ ସଂସ୍କରଣରେ ବିଜେତା ହୋଇଥିଲା। ଗତବର୍ଷର ବିଜେତା ଆର୍‌ସିବି ଏଥର ପ୍ଲେ ଅଫ୍ ଯୋଗ୍ୟତା ଅର୍ଜନ କରିପାରିନଥିଲା। ଟେବୁଲ୍ ଟପ୍ପର ହୋଇ ପ୍ରଥମ ଥର ଫାଇନାଲ୍ ଆସିଥିବା ଦିଲ୍ଲୀ କ୍ୟାପିଟାଲ୍ସ କିନ୍ତୁ ଉପ ବିଜେତାରେ ସନ୍ତୁଷ୍ଟ ହୋଇଛି। ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ଅଭିନନ୍ଦନ ଜଣାଇଛନ୍ତି ଏହାର ମାଲିକାଣି ନୀତା ଅମ୍ବାନି। 'ମୋ ବାଳିକା ଖେଳାଳିଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା। ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼ିବାକୁ ଆମେ କଥା ବି ହୋଇଥିଲୁ। ସେମାନେ ଏହା କରି ଦେଖାଇଲେ। ନାଟ୍ ବ୍ରଣ୍ଟ୍ ଓ ହର୍ମନପ୍ରୀତ୍ ଚମତ୍କାର ଖେଳିଲେ' ବୋଲି ଅମ୍ବାନି କହିଛନ୍ତି। ସୂଚନାଯୋଗ୍ୟ, ମୁମ୍ବାଇ ଇଣ୍ଡିଆନ୍ସର ଏହା ୧୨ତମ ବିଶ୍ୱସ୍ତରୀୟ ଟ୍ୱେଣ୍ଟି-୨୦ ଟାଇଟଲ୍।

## ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରି ୮୫୫କୋଟିର କ୍ଷତି ସହିଲା ପିସିବି

**ନୂଆଦିଲ୍ଲୀ, ୧୭।୩:** ଆୟୋଜକ ହୋଇ କ୍ଷତି ସହିଲା ପାକିସ୍ତାନ। ଲାଭ ଆଶା ରଖି ସହିଲା କ୍ଷତି। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବହୁତ ଆଶା ଏବଂ ବଡ଼ ସ୍ୱପ୍ନ ସହିତ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜନ କରିଥିଲା। କିନ୍ତୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ପାଇଁ ଦେଶ ଦୁଇଗୁଣ କ୍ଷତି ସହିଛି। ପ୍ରଥମତଃ, ଆୟୋଜକ ପାକିସ୍ତାନୀ ଦଳ ତିନୋଟି ମ୍ୟାଚରୁ ଦୁଇଟିରେ ପରାସ୍ତ ହୋଇ ନକଆଉଟ୍ ରାଉଣ୍ଡରେ ପହଞ୍ଚିପାରିନଥିଲା। ଏହି ଦୁଃଖରୁ ଦଳ ବାହାରିପାରିନଥିବା ବେଳେ ଏବେ ପିସିବି କୋଟି କୋଟି ଟଙ୍କାର କ୍ଷତି ସହିବାକୁ ଯାଉଥିବା ଜଣାଯାଇଛି। ରିପୋର୍ଟ ଅନୁଯାୟୀ, ପାକ୍ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ପାଇଁ ପ୍ରାୟ ୮୫୫କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏଥିରେ ଷ୍ଟାଡିୟମର ନବୀକରଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଶେଷରେ ଏହି କାର୍ଯ୍ୟକ୍ରମ ତାଙ୍କ ପାଇଁ ଏକ ବଡ଼ କ୍ଷତି ବୋଲି ପ୍ରମାଣିତ ହୋଇଛି। ଏଥିପାଇଁ ଖେଳାଳିଙ୍କ ପାରିଶ୍ରମିକ କମ କରିଛି ପାକିସ୍ତାନ। ପିସିବି କରାଚୀ, ଲାହୋର ଏବଂ ରାୱଲପିଣ୍ଡିରେ ଷ୍ଟାଡିୟମଗୁଡ଼ିକର ନବୀକରଣ ପାଇଁ ପ୍ରାୟ ୫୬୦କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏହା ସହ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ପାଇଁ ୩୪୭କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ପାକିସ୍ତାନ। ହେଲେ ଟିକେଟ୍ ବିକ୍ରୟରୁ ମାତ୍ର ୫୨କୋଟି ଟଙ୍କା ମିଳିବା ପରେ ପିସିବି ଏବେ ୮୫୫କୋଟିର କ୍ଷତି ସହିଛି। ଏହି କ୍ଷତି ପରେ ପିସିବି ଜାତୀୟ ଟି-୨୦ ଚାମ୍ପିଅନସିପ୍ ପାଇଁ ମ୍ୟାଚ୍ ଫିସ୍ ୯୦ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି ଏବଂ ରିଜର୍ଭ ଖେଳାଳିଙ୍କ ଦେୟ ୮୭.୫ ପ୍ରତିଶତ ହ୍ରାସ କରିଛି।



## ଆଇପିଏଲ୍‌ରେ ବୁମରାଙ୍କୁ ଅଧିକ ଡରନ୍ତି କୋହଲି



**ନୂଆଦିଲ୍ଲୀ,୧୭।୩:** ବିରାଟ କୋହଲିଙ୍କ ନାମ କ୍ରିକେଟ ଜଗତର ଶ୍ରେଷ୍ଠ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଗଣାଯାଏ। ତାଙ୍କ ଆଗରେ ସର୍ବୋତ୍ତମ ବୋଲରମାନେ ମଧ୍ୟ ଫିକା ଦେଖାଯାଆନ୍ତି, କିନ୍ତୁ ଆଇପିଏଲ ଆରମ୍ଭ ହେବା ପୂର୍ବରୁ, ସେ ପ୍ରକାଶ କରିଛନ୍ତି ଯେ ଏପର୍ଯ୍ୟନ୍ତ କେଉଁ ବୋଲରଙ୍କୁ ସେ ସବୁଠାରୁ ଭୟ କରନ୍ତି। ଯାହାଙ୍କ ବିପକ୍ଷରେ ତାଙ୍କୁ ରନ ସ୍କୋର କରିବା କଷ୍ଟକର ମନେହୁଏ। ପୂର୍ବତନ ଆରସିବି ଅଧିନାୟକ ବିରାଟ କୋହଲି ବର୍ତ୍ତମାନ ଆଇପିଏଲରେ ସର୍ବାଧିକ ରନ ସ୍କୋରର। ତାଙ୍କ ନାମରେ ୮୦୦୪ ରନ ଅଛି। ବୁମରାଙ୍କ ବିଷୟରେ କହିବାକୁ ଗଲେ, ସେ ବିରାଟ କୋହଲିଙ୍କ ପ୍ରଥମ ଆଇପିଏଲ ଉଇକେଟ୍ ନେଇଥିଲେ। ଏହି ମ୍ୟାଚରେ ସେ କୋହଲିଙ୍କ ସମେତ ୩ ଟି ଉଇକେଟ୍ ନେଇଥିଲେ। ବୁମରା ବର୍ତ୍ତମାନ ସବୁଠାରୁ ବିପଜ୍ଜନକ ବୋଲରମାନଙ୍କ ମଧ୍ୟରୁ ଜଣେ ଏବଂ ବିରାଟ କୋହଲି କହିଛନ୍ତି ବୁମ୍‌ରାଙ୍କ ସାମ୍ନାକରେ ଖେଳିବା କଷ୍ଟକର ହୋଇପଡେ। ଆରସିବି ଦ୍ୱାରା ଶେୟାର କରାଯାଇଥିବା ଏକ ଭିଡିଓରେ ବିରାଟ କୋହଲି କହିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜସପ୍ରିତ ସମସ୍ତ ଫର୍ମାଟରେ ବିଶ୍ୱର ସର୍ବୋତ୍ତମ ବୋଲର। ସେ ମୋତେ ଆଇପିଏଲ୍‌ରେ ଅନେକ ଥର ଆଉଟ କରିଛନ୍ତି, ମୁଁଆଇପିଏଲରେ ସଫଳତାର ସହ ସ୍ଥାନ ପାଇଛି। ତେଣୁ ଯେତେବେଳେ ତାଙ୍କ ବିପକ୍ଷରେ ବ୍ୟାଟିଂ କରିବାକୁ ଆସେ, ମୁଁ ଭାବୁଛି ଏହା ମଜାଦାର ହେବ। ଯେତେବେଳେ ଆମେ ନେଟ୍ସରେ ପରସ୍ପରର ମୁହାଁମୁହିଁ ହେଉ, ସେତେବେଳେ ମଧ୍ୟ ଏହା ଏକ ମ୍ୟାଚ ପରି ଅନୁଭବ ହୁଏ। ଏହା ଏପରି ଲାଗେ ଯେପରି ଆମେ ଆଇପିଏଲରେ ଏକ ମ୍ୟାଚ ଖେଳୁଛୁ।

## ବିସିସିଆଇର ନୂତନ ନିୟମକୁ ନେଇ ଦିଲ୍ଲୀ କ୍ୟାପିଟାଲ୍ସ ବୋଲର ମୋହିତ ଶର୍ମା ଖପ୍ପା

**ନୂଆଦିଲ୍ଲୀ, ୧୭।୩:** ଇଣ୍ଡିଆନ୍ ପ୍ରିମିୟର ଲିଗର ୧୮ତମ ସିଜିନ୍ ପାଇଁ ବିସିସିଆଇ ଏକ ନୂତନ ନୀତି କାର୍ଯ୍ୟକାରୀ କରିଥିଲା। ନୂତନ ନୀତିରେ ଅନେକ ନୂତନ ନିୟମ ଯୋଡା ଯାଇଥିଲା, ଯେଉଁଥିରୁ ଗୋଟିଏ ନିୟମ ଅନୁଯାୟୀ ଅଭ୍ୟାସ ସେସନ୍ କିମ୍ବା ମ୍ୟାଚ୍ ସମୟରେ ଖେଳାଳିଙ୍କ ପରିବାର ସଦସ୍ୟମାନେ ଡ୍ରେସିଂ ରୁମରେ ପ୍ରବେଶ କରିପାରିବେ ନାହିଁ କିମ୍ବା ସାକ୍ଷାତ କରିପାରିବେ ନାହିଁ। ଏବେ ଏହି ନିୟମ ବିସିସିଆଇ ପାଇଁ ଏକ ବଡ଼ ସମସ୍ୟା ହେବାକୁ ଯାଉଛି। ପୂର୍ବରୁ ବିରାଟ ଫେମିଲ ରୁଲର ଦୃଢ଼ ବିରୋଧ କରିଥିଲେ। ଏବେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲର ମୋହିତ ଶର୍ମା ମଧ୍ୟ ଏହି ନିୟମର ବିରୋଧ ପ୍ରକାଶ କରିଛନ୍ତି। ମୋହିତ ଶର୍ମା ପ୍ରଶ୍ନ ଉଠାଇ କହିଛନ୍ତି ଯେ ପରିବାରର ଉପସ୍ଥିତି କିପରି ଖରାପ ହୋଇପାରେ? କିଛି ଜିନିଷ ଆମ ନିୟନ୍ତ୍ରଣରେ ନଥାଏ। ଆମ ସମସ୍ତଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ ଭିନ୍ନ ହୋଇପାରେ, ଆମେ ଯେଉଁ ଜିନିଷଗୁଡ଼ିକୁ ନିୟନ୍ତ୍ରଣ କରିପାରିବା ସେଗୁଡ଼ିକ ଉପରେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ପରିବାରର ଉପସ୍ଥିତି କିପରି ଖରାପ ହୋଇପାରେ?" ପୂର୍ବରୁ ବିସିସିଆଇର ନୂତନ ଫେମିଲ ରୁଲର ବିରୋଧ କରି ବିରାଟ କୋହଲି କହିଥିଲେ, "ଯଦି ଆପଣ କୌଣସି ଖେଳାଳିଙ୍କୁ ପଚାରନ୍ତି ଯେ ସେ ସବୁବେଳେ ତାଙ୍କ ପରିବାର ସହିତ ରହିବାକୁ ଚାହାଁନ୍ତି କି, ତେବେ ଉତ୍ତର 'ହଁ' ହେବ।

## ସପ୍ତମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର
## ଅମିତଙ୍କୁ ପର୍ଗତ ସିଂହ ସମ୍ମାନ

**ଭୁବନେଶ୍ୱର, ୧୭।୩:** ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହର୍ମନପ୍ରୀତ୍ ସିଂହ ଏବଂ ମହିଳା ଦଳର ଗୋଲ୍‌ରକ୍ଷକ ସବିତା ପୁନିଆଙ୍କୁ ୨୦୨୪ ମସିହା ପାଇଁ ଶ୍ରେଷ୍ଠ ଖେଳାଳି ସମ୍ମାନ ପ୍ରଦାନ କରିଛି ହକି ଇଣ୍ଡିଆ। ନୂଆଦିଲ୍ଲୀରେ ଶନିବାର ଅନୁଷ୍ଠିତ ହକି ଇଣ୍ଡିଆର ସପ୍ତମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବରେ ଉଭୟଙ୍କୁ 'ବଲ୍‌ବୀର ସିଂହ ସିନିୟର୍ ପ୍ଲେୟାର୍ ଅଫ୍ ଦି ଇୟର୍' ସମ୍ମାନ ସହ ୨୫,୦୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଦିଆଯାଇଛି। ପ୍ୟାରିସ୍ ଓ ଟୋକିଓ ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ଭାରତୀୟ ଦଳର ଅଂଶ ଥିଲେ ହର୍ମନପ୍ରୀତ୍। ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାତଛଡ଼ା କରିଥିବା ଭାରତୀୟ ଦଳର ଅଂଶ ଥିବା ସବିତା ପୁନିଆ ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅବସରରେ ୩୦୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିଥିଲେ। ସବିତାଙ୍କ ପାଇଁ ମଧ୍ୟ ଶନିବାର ଖୁସି ଦ୍ୱିଗୁଣିତ ହୋଇଥିଲା, କାରଣ ସେ ମଧ୍ୟ ବର୍ଷର ଶ୍ରେଷ୍ଠ ଗୋଲ୍‌ରକ୍ଷକ ଭାବେ ହକି ଇଣ୍ଡିଆ ବଲଜିତ୍ ସିଂହ ପୁରସ୍କାର ଅର୍ଜନ କରିଥିଲେ। ଏଥି ପାଇଁ ସବିତାଙ୍କୁ ଅତିରିକ୍ତ ୫,୦୦,୦୦୦ ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ଓଡ଼ିଆ ପୁଅ ଅମିତ ରୋହିଦାସଙ୍କୁ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର୍ ଭାବେ ହକି ଇଣ୍ଡିଆ ପର୍ଗତ ସିଂହ ପୁରସ୍କାର, ହାର୍ଦିକ ସିଂହଙ୍କୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ହକି ଇଣ୍ଡିଆ ଅଜିତ ପାଲ୍ ସିଂହ ପୁରସ୍କାର, ଅଭିଷେକଙ୍କୁ ଶ୍ରେଷ୍ଠ ଫରୱାର୍ଡ ଭାବେ ହକି ଇଣ୍ଡିଆ ଧନରାଜ ପିଲ୍ଲେ ପୁରସ୍କାର ମିଳିଛି। ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଛି। ୨୧ ବର୍ଷରୁ କମ୍ ମହିଳା ଦଳର ଶ୍ରେଷ୍ଠ ଖେଳାଳି ଭାବେ ଦୀପିକାଙ୍କୁ ହକି ଇଣ୍ଡିଆ ଅସୁନ୍ତା ଲାକ୍ରା ପୁରସ୍କାର ଏବଂ ୨୧ ବର୍ଷରୁ କମ୍ ପୁରୁଷ ଦଳ ପାଇଁ ଅଭିଷେକ ସିଂହ ହୁଣ୍ଡାଲଙ୍କୁ ହକି ଇଣ୍ଡିଆ ଯୁଗରାଜ ସିଂହ ପୁରସ୍କାର ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ଦିଆଯାଇଛି। ସବୁଠାରୁ ବଡ଼ ଦଳଗତ ସମ୍ମାନ 'ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭମେଣ୍ଟ୍ ପୁରସ୍କାର' ପ୍ରଦାନ କରାଯାଇଛି ୧୯୭୫ ମସିହାର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳକୁ। ସମ୍ପୂର୍ଣ୍ଣ ଦଳର ଖେଳାଳିମାନଙ୍କୁ ୫୦,୦୦,୦୦୦ ଟଙ୍କା ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ଭାରତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ଏବଂ ବିଶ୍ୱକପ୍ ବିଜୟର ୫୦ ବର୍ଷ ପୂର୍ତ୍ତି ବି ଏହି ଅବସରରେ ପାଳନ କରାଯାଇଛି। ସୂଚନାଯୋଗ୍ୟ, ୧୯୭୫ ମସିହା ମାର୍ଚ୍ଚ ୧୫ ତାରିଖରେ କୁଆଲାଲୁମ୍ପୁରଠାରେ ଖେଳଯାଇଥିବା ଫାଇନାଲ୍‌ରେ ପାକିସ୍ତାନକୁ ହରାଇ ଭାରତ ପ୍ରଥମ ଓ ଶେଷ ଥର ପାଇଁ ବିଶ୍ୱକପ୍ ହକି ମୁକୁଟ ଜିତିଥିଲା। ଶନିବାର ଏହାର ଠିକ୍ ୫୦ ତମ ବାର୍ଷିକୀ ଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ସମ୍ପାଦକ ଭୋଳାନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



### ହର୍ମନପ୍ରୀତ, ସବିତା ଶ୍ରେଷ୍ଠ ଖେଳାଳି

### ୧୯୭୫ ବିଶ୍ୱ ବିଜେତାଙ୍କୁ ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ପୁରସ୍କାର

## ଜାତୀୟ ମହିଳା ବକ୍ସିଂ ପ୍ରତିଯୋଗିତାକୁ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୧୭।୩:** ଉତ୍ତରପ୍ରଦେଶର ନୋଏଡାସ୍ଥିତ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟଠାରେ ଚଳିତମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅଷ୍ଟମ ଜାତୀୟ ଏଲିଟ୍ ମହିଳା ବକ୍ସିଂ ଚାମ୍ପିଅନସିପ୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରତିଯୋଗିତା ସ୍ଥଗିତ ରହିଥିବା ଓଡ଼ିଶା ଆମେଚର ବକ୍ସିଂ ସଂଘ (ଓଏବିଏ) ଦାବି କରୁଥିଲା ବେଳେ ଜାତୀୟ ମହାସଂଘ (ବିଏଫ୍‌ଆଇ) ଏହାକୁ ଖଣ୍ଡନ କରିଛି। ଫଳରେ ବିନା ଦୋଷରେ ରାଜ୍ୟର ପ୍ରତିଭାବାନ ଖେଳାଳିମାନେ ହଇରାଣ ହେଉଛନ୍ତି। ଏକ ବଡ଼ ପ୍ରତିଯୋଗିତାରେ ଖେଳିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଯାହା ଓଏବିଏର ବକ୍ସିଂ ପ୍ରତିଥିବା ଭଲପାଇବା ଓ ଆନ୍ତରିକତାକୁ ପଦାରେ ପକାଇଛି।

ପରୀକ୍ଷା ଋତୁ ଚାଲୁଥିବାରୁ ପ୍ରଶିକ୍ଷଣ ଓ ଚୟନ ଶିବିର ଆୟୋଜନ କରିବା ଏବଂ ଦଳ ବାଛିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପାରି ନଥିବା ଦର୍ଶାଇ ଓଏବିଏ ସମେତ ୧୬ଟି ରାଜ୍ୟ ସଂଘ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖିବା ଲାଗି ବିଏଫ୍‌ଆଇକୁ ପତ୍ର ଲେଖିଥିବା ଓଏବିଏ ପକ୍ଷରୁ କୁହାଯାଇଛି। ହେଲେ ରବିବାର ସୁଦ୍ଧା ୩୮ଟି ରାଜ୍ୟ ସଂଘ ଓ ସଂସ୍ଥା ମଧ୍ୟରୁ ୩୧ଟି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସମ୍ମତି ଜଣାଇ ସାରିଥିବା ଏବଂ ମାତ୍ର ୧୦ ଦିନ ପରେ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହେବ ବୋଲି ବିଏଫ୍‌ଆଇ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଘୋଷଣା କରିଛି। ଓଏବିଏର ଦାବିକୁ ଖଣ୍ଡନ କରିବାକୁ ଯାଇ ପ୍ରତିଯୋଗିତା ବାତିଲ କିମ୍ବା ସ୍ଥଗିତ ରହିବା ଖବରରେ କୌଣସି ସତ୍ୟତା ନଥିବା କହିଛି। ସେହିଭଳି ମିଥ୍ୟା ଓ ବିଭ୍ରାନ୍ତିକର ଖବର ପ୍ରଚାର କରି ଖେଳାଳିଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାରୁ ବିରତ ରହିବାକୁ ରାଜ୍ୟ ସଂଘକୁ ଏକପ୍ରକାର ତାଗିଦ କରିଛି। ଗୋଟିଏପଟେ ଏହି ସମ୍ମାନଜନକ ପ୍ରତିଯୋଗିତା ଉପର ବର୍ଣ୍ଣିତ ତାରିଖରେ ହେବନାହିଁ ବୋଲି ରାଜ୍ୟ ସଂଘ ଦାବି କରୁଥିଲା ବେଳେ ଅନ୍ୟପଟେ ଜାତୀୟ ମହାସଂଘ ଏହା ନିର୍ଦ୍ଧାରିତ ସମୟରେ ହେବ ବୋଲି କହିବା, ଓଡ଼ିଶାର ମହିଳା ବକ୍ସରଙ୍କୁ ଚିନ୍ତାରେ ପକାଇଛି। ତା' ସହିତ ରାଜ୍ୟରେ ବକ୍ସିଂର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ କ୍ରୀଡ଼ାପ୍ରେମୀମାନେ ରାଜ୍ୟ କ୍ରୀଡ଼ା ମନ୍ତ୍ରାଳୟକୁ ଆହ୍ୱାନ କରିଛନ୍ତି। ଏହା ନହେଲେ ଓଡ଼ିଶା ବକ୍ସରମାନେ ଜାତୀୟ ପ୍ରତିଯୋଗିତାରେ ଖେଳିବାରୁ ବଞ୍ଚିତ ହେବେ ବୋଲି ସେମାନେ ଆଶଙ୍କା ଜାହିର କରିଛନ୍ତି। ଜଣେ ବକ୍ସିଂ ପ୍ରଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଆମ ଖେଳାଳିମାନେ ଏହି ପ୍ରତିଯୋଗିତା ଲାଗି କଠିନ ଅଭ୍ୟାସ କରିଆସୁଛନ୍ତି। ହେଲେ ରାଜ୍ୟ ସଂଘର ଅଜବ ନିଷ୍ପତ୍ତି ଓ ଦାବି ପାଇଁ ସେମାନେ ନିଜ ପ୍ରତିଭାର ପରିପ୍ରକାଶ କରିବାକୁ ଜାତୀୟ ପ୍ରତିଯୋଗିତା ଭଳି ଏକ ବଳିଷ୍ଠ ମଞ୍ଚ ହରାଇବାକୁ ଯାଉଛନ୍ତି। କ୍ରୀଡ଼ା ତାରକାଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଆମେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଗଣମାଧ୍ୟମ ଜରିଆରେ ଦାବି କରୁଛୁ। ଏଥିନେଇ ଓଏବିଏ ସଂପାଦକ ଅନିଲ ବହିଦାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପ୍ରଥମେ ଫୋନ୍ ଉଠାଇ ନଥିଲେ ଏବଂ ପରେ ଏହା ସୁଇଚ୍ ଅଫ୍ ଥିଲା। ତେବେ ଜାତୀୟସ୍ତରୀୟ ରେଫରି ତଥା ଓଏବିଏ ସଦସ୍ୟ ଶିଶିର କୁମାର ପାଣିଗ୍ରାହୀ କହିଛନ୍ତି ଯେ ଆମର ସବୁ ପ୍ରସ୍ତୁତି ସରିଛି। କିନ୍ତୁ ଏହି ପ୍ରତିଯୋଗିତା ଫେବୃଆରିରେ ହେବାର ଥିଲା। ଏବେ ପୁଣି ଥରେ ସ୍ଥଗିତ ହୋଇଛି। ଏବେ ଏପ୍ରିଲରେ ହେବ ବୋଲି ଭାବୁଛି। ଯଦି ମାର୍ଚ୍ଚ ୨୦ରୁ ୨୭ ପର୍ଯ୍ୟନ୍ତ ଖେଳାଯାଏ, ତାହେଲେ ଆମ ଦଳ ଏଥିରେ ଅଂଶଗ୍ରହଣ କରିବା ସମ୍ଭବ ହେବନି। ସୂଚୀକୁ ନେଇ ଅନେକ ସଂଘ ଏଥିନେଇ ପ୍ରତିବାଦ କରିଛନ୍ତି। ଅନ୍ୟାନ୍ୟ ସମସ୍ୟା ବି ରହିଛି। ଏକ ପରିବର୍ତ୍ତିତ ସୂଚୀରେ ଖେଳ ହେବ ବୋଲି ଭାବୁଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମନେ ରହିବେ...

ବିମାନବନ୍ଦରରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ପକ୍ଷରୁ ଡ. ପ୍ରଧାନଙ୍କ ମରଶରୀରକୁ ଗାର୍ଡ ଅଫ ଅନର ଦିଆଯାଇଛି। ବିମାନବନ୍ଦରରୁ ପାର୍ଥିବ ଶରୀର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଅନେକ ବରିଷ୍ଠ ନେତା, ଦଳୀୟ କର୍ମକର୍ତ୍ତା ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହାପରେ ତାଙ୍କ ମରଶରୀରକୁ ପ୍ରାଚୀବିହାରସ୍ଥିତ ବାସଭବନକୁ ନିଆଯାଇଛି। ଆସନ୍ତାକାଲି ସକାଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ଲୋକେ କହିଛନ୍ତି।

ଡ. ପ୍ରଧାନ ଦେବଗଡ଼ ଲୋକସଭା କ୍ଷେତ୍ରରୁ ଦୁଇ ଥର ସାଂସଦ ଭାବେ ନିର୍ବାଚିତ ହେବା ସହ ୧୯୯୮ରେ କେନ୍ଦ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୯୮ ଓ ୧୯୯୯ରେ ଦେବଗଡ଼ ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ୧୯୯୯ରେ ଶ୍ରୀ ପ୍ରଧାନ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ସଡ଼କ ଓ ପରିବହନ ବିଭାଗର ମନ୍ତ୍ରୀ ଦାୟିତ୍ୱ ପାଇଥିଲେ। ଏଥିସହ ୧୯୯୯ରୁ ୨୦୦୧ ମଧ୍ୟରେ ତାଙ୍କୁ ଅତିରିକ୍ତ ଭାବେ କୃଷି ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ବି ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଶ୍ରୀ ପ୍ରଧାନ ୧୯୮୦ରେ ତାଳଚେର ବିଜେପି ମଣ୍ଡଳ ସଭାପତି ଭାବେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଏହି ଦାୟିତ୍ୱରେ ୩ ବର୍ଷ ରହିବା ପରେ ଶ୍ରୀ ପ୍ରଧାନ ୧୯୮୩ରୁ ୧୯୮୮ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ଭାବେ କାର୍ଯ୍ୟ କରିଥିଲେ। ୧୯୮୮ରେ ସେ ରାଜ୍ୟ ବିଜେପି ସଭାପତି ଦାୟିତ୍ୱ ପାଇଥିଲେ ଓ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଥିଲେ।

ପରେ ସେ ୧୯୯୩ରୁ ୧୯୯୫ ପର୍ଯ୍ୟନ୍ତ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ, ୧୯୯୫ରୁ ୧୯୯୭ ପର୍ଯ୍ୟନ୍ତ ରାଜ୍ୟ ବିଜେପି ସଭାପତି, ୧୯୯୭ରୁ ୧୯୯୮ ପର୍ଯ୍ୟନ୍ତ ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରହିଥିଲେ। ପରେ ୧୯୯୫ରେ ମଧ୍ୟ ସେ ତୃତୀୟ ଥର ପାଇଁ ରାଜ୍ୟ ବିଜେପି ସଭାପତି ହୋଇଥିଲେ। ଏହାଛଡ଼ା ୨୦୦୧ରୁ ୨୦୦୨ ପର୍ଯ୍ୟନ୍ତ ସେ ବିଜେପି ରାଷ୍ଟ୍ରୀୟ ଉପସଭାପତି ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ରାଜ୍ୟରେ ବିଜେପିକୁ ଲୋକପ୍ରିୟ କରାଇବାରେ ଶ୍ରୀ ପ୍ରଧାନଙ୍କର ଅନବଦ୍ୟ ଭୂମିକା ଥିଲା। ତାଙ୍କ ପରଲୋକ ଖବର ପାଇବା ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ପ୍ରଧାନଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୪୧ ଜୁଲାଇ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଡ. ପ୍ରଧାନ ୧୯୬୬ରେ କଟକ ଏସ୍‌ସିବି ମେଡିକାଲ୍ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ବସନ୍ତ ମଞ୍ଜରୀ ପ୍ରଧାନଙ୍କୁ ବିବାହ କରିଥିବା ଡ. ପ୍ରଧାନ ୧୯୭୩ରେ ଡାକ୍ତରୀ ପେସାରୁ ଅବସର ନେଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ୧୯୮୦ ଜାନୁଆରୀ ୧୦ରେ ସେ ବିଜେପିରେ ଯୋଗଦେଇ ତାଙ୍କର ରାଜନୈତିକ କ୍ୟାରିଅର୍ ଆରମ୍ଭ କରିଥିଲେ।

### ୬,୧୧୭ କୋଟି...

କରିବ। ଏଠାରେ ୩୫୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆଶା ରହିଛି। ତା'ଛଡ଼ା ରାୟଗଡ଼ା, ବଲାଙ୍ଗିର ଓ କଳାହାଣ୍ଡିରେ ହାଇସ୍ପିଡ ଡିଜେଲ ଓ ପେଟ୍ରୋଲ ପାଇପଲାଇନ ପାଇଁ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ୮୬୮ କୋଟି ଟଙ୍କା ବିନିଯୋଗ କରିବ। ଏଆରସିଏଲ୍ ଅର୍ଗାନିକ୍ସ ଲିମିଟେଡ୍ ଜଗତସିଂହପୁରରେ ୫୦୦ କୋଟି ଟଙ୍କାର ସ୍ପେଶାଲିଟି କେମିକାଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୭୨୫ ଜଣଙ୍କୁ ନିଯୁକ୍ତି ଦେବ ଏବଂ ଆରସିସି ଲାବୋରେଟୋରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାର ପ୍ରି-କ୍ଲିନିକାଲ ଟେଷ୍ଟିଂ ଓ ପ୍ରାଣୀ ପ୍ରଜନନ କେନ୍ଦ୍ରରେ ୫୫.୩୬ କୋଟି ଟଙ୍କାର ନିବେଶ କରିବ।

ସେହିପରି ଇସ୍ପାତ ଓ ଆଲୁମିନିୟମ କ୍ଷେତ୍ରରେ ନେଜୋନ୍ ଷ୍ଟିଲ୍ସ ଉତ୍କଳ ଏଲ୍‌ଏଲ୍‌ପି ଯାଜପୁରରେ ୪୭୦ କୋଟି ଟଙ୍କାର କଲର କୋଟିଂ ସିଟ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୩୪୦ ନୂତନ ନିଯୁକ୍ତି, ସିଏମ୍‌ଆର୍ ଆଲୁମିନିୟମ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ୨୩୪.୧୪ କୋଟି ଟଙ୍କାର ଲିକ୍ୱିଡ୍ ଆଲୁମିନିୟମ୍ ମିଶ୍ରଧାତୁ ପ୍ଲାଣ୍ଟ ସ୍ଥାପନ କରି ୨୦୦ ନୂତନ ନିଯୁକ୍ତି, କୋରୱାୟାର ସର୍ଫେସ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରରେ ୫୦.୧୦ କୋଟି ଟଙ୍କାର ଷ୍ଟିଲ୍ ରୋଲ୍ସ ମାନୁଫାକ୍ଚରିଂ ଓ ରିବିଲ୍ଡିଂ ୟୁନିଟ୍ ସ୍ଥାପନ କରି ୮୫ ନୂତନ ନିଯୁକ୍ତି ଦେବ। ଏହାଛଡ଼ା ଜଗତସିଂହପୁରର ଜାହାଜ ନିର୍ମାଣ ଓ ମରାମତି ୟାର୍ଡ ନିମନ୍ତେ ଚୌଗୁଲେ ଲାଭଗନ୍ ଶିପ୍ ମରାମତି ପ୍ରାଇଭେଟ୍ ଲିମିଟେଡ୍‌କୁ ସୁଯୋଗ ମିଳିଥିବା ବେଳେ କମ୍ପାନୀ ୫୫୦ କୋଟି ନିବେଶ କରି ପାଖାପାଖି ୧ ହଜାର ଲୋକଙ୍କୁ ନିଯୁକ୍ତି ଦେବା ସହ ସିପ୍ ବିଲ୍ଡିଂ ଓ ମରାମତି କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଏହାଛଡ଼ା ପ୍ଲାଷ୍ଟିକ୍ କ୍ଷେତ୍ରରେ ସନ୍ୟାମ ଟାଇ ଅପ୍ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ସର୍ଫେସ୍ ପ୍ରୋଟେକ୍ସନ ଫିଲ୍ମସ୍, ଏଲଡିପିଇ ଫିଲ୍ମସ୍, ପିଇ ଲାଇନର୍ସ, ତାର୍ପୋଲିନ୍ ଏବଂ ରିସାଇକ୍ଲିଂ ପାଇଁ ୧୭୫ ନିଯୁକ୍ତି ସହ ୧୦୭.୫୦ କୋଟି ଟଙ୍କାର ଏକ ସୁବିଧା କେନ୍ଦ୍ର ସ୍ଥାପନ କରିବ। ଖୋର୍ଦ୍ଧାର ଏକ ପଞ୍ଚତାରକା ହୋଟେଲରେ ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ୧୩୯ କୋଟି ଟଙ୍କା ବିନିଯୋଗ କରି ୨୫୪ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ସୋମାଲୋ ଇକୋ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୧୧୦ କୋଟି ଟଙ୍କାର ବିଳାସପୂର୍ଣ୍ଣ ଇକୋ-ରିସୋର୍ଟର ବିକାଶ କରି ୨୧୯ ନିଯୁକ୍ତି ସୃଷ୍ଟି କରିବ ଏବଂ ତବସ୍ୟା ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ କନ୍ଧମାଳର ଏକ ଇକୋ ରିସୋର୍ଟରେ ୫୨.୨୦ କୋଟି ଟଙ୍କା ନିବେଶ କରିବା ସହ ୨୫୦ ନିଯୁକ୍ତି ସୁଯୋଗ ଦେବ ବୋଲି ବୈଠକରୁ ଜଣାପଡ଼ିଛି।

### ଝିଙ୍କିକା ମାରି...

କେହି ରୋକ ଲଗାଉନାହାଁନ୍ତି। ଟ୍ରାକ୍ଟରର ମାଲ୍ ଜବତ କରୁଛି ପ୍ରଶାସନ, ହେଲେ ମାଲ ଚାଲାଣ କରୁଥିବା ମାଫିଆ କି ଖଣିଜ ସମ୍ପଦ କିଣୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ।

ଲଘୁ ଖଣିଜ ପଦାର୍ଥର ଦାମ ୩୦ରୁ ୪୦ ପ୍ରତିଶତ ବଢ଼ାଇ ନେତାଙ୍କ ପକେଟ ଗରମ କରାଯାଉଥିବା ବିଜେଡି ଅଭିଯୋଗ କରିଛି। ବାଲିଗୋଡ଼ିର ଦାମ୍ ବଢାଇ ସାଧାରଣ ଲୋକଙ୍କ ମୁଣ୍ଡ ଉପରେ ବୋଝ ବଢ଼ାଉଛନ୍ତି ପ୍ରଶାସନ। ଇନ୍ଦିରା ଆବାସ ପାଇଁ ଟ୍ରାକ୍ଟରରେ ବାଲି ନେଲେ ବି ପୁଲିସ ବେଆଇନ ଚାଲାଣ ନାଁରେ ମାଡ଼ି ବସୁଛି। କ୍ରସର ଉପରେ ଚଢ଼ାଉ ହେଉନାହିଁ। ଯାଜପୁରରେ ପୂରା ବ୍ୟବସ୍ଥାର ଅପରାଧିକରଣ କରିଦେଇଛି ଏହି ତ୍ରିକୋଣୀୟ ପ୍ରେମ।

ମାର ମାର ଭଣ୍ଡାରିଆକୁ ମାର ନୀତିରେ ଛୋଟ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ବେଳେ କ୍ରସରରେ ହେଉଥିବା ବେଆଇନ କାରବାର ପ୍ରତି ଆଖି ବୁଜି ଦିଆଯାଉଛି। ଛୋଟ ଗାଡି ଚୋରି କଲେ ପେନାଲଟି ହେଉଛି, କିନ୍ତୁ ଯେଉଁ କ୍ରସର ବେଆଇନ ଖଣିଜ ଦ୍ରବ୍ୟ କିଣୁଛନ୍ତି ସେମାନଙ୍କଠୁ କେତେ ପେନାଲଟି ହେଉଛି ପ୍ରଶ୍ନ କଲେ କିଛି ଉତ୍ତର ମିଳୁନି। ଯାଜପୁରରେ ସାଧାରଣ ଲୋକଙ୍କ ବିରୋଧରେ ମିଥ୍ୟା କେଶ ରୁଜୁ କରି ଚୋରା କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି ଏହି ଅସାଧୁ ମେଣ୍ଟ ବୋଲି ବିଜେଡି ଅଭିଯୋଗ କରିଛି।

### ୧୯ରୁ...

ନେଇ ଗତକାଲି ଝାରସୁଗୁଡ଼ା ଓ ବୌଦ୍ଧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ୪ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ଅବଶ୍ୟ ଗତକାଲି ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୯ ତାରିଖ ପରେ ତାତିରୁ ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ପୂର୍ବାନୁମାନ କରାଯାଇଥିଲା। ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟକୁ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି କଳାବୈଶାଖୀ ସୃଷ୍ଟି ହେବାର ସମ୍ଭାବନା ରହିଛି। ରାଜ୍ୟରେ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ବୋଲି ଜଣାପଡ଼ିଛି। ଉକ୍ତ ସମୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏପରିକି ପବନର ବେଗ ୭୦ କିମି ପର୍ଯ୍ୟନ୍ତ ବଢ଼ିବା ନେଇ ମଧ୍ୟ ଆକଳନ କରାଯାଇଛି। କାଳବୈଶାଖୀଜନିତ ବର୍ଷା ସମୟରେ କେତେକ ଅଞ୍ଚଳରେ କୁଆପଥର ବର୍ଷା ବି ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ତଥ୍ୟ ଲୁଚାଇଥିଲା...

ବି ସେମାନଙ୍କୁ ମିଳିଥିଲା ମାତ୍ର ଏଗାର ଲକ୍ଷ ଟଙ୍କାର ଘୋଟାଲା। ହେଲେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ପାଇଛି ପ୍ରାୟ ୨୦୦ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି। ଏଥିରୁ ଜଳ ଜଳ ହୋଇ ଦିଶୁଛି ଯେ କେନ୍ଦୁଝର ଜିଲ୍ଲାରେ ପ୍ରାୟ ଛ' ବର୍ଷ ଧରି ଥିବା ପୂର୍ବତନ ଜିଲ୍ଲାପାଳ ଆଶିଷ ଠାକରେ ଓ ଏସପି ମିତ୍ରଭାନୁ ମହାପାତ୍ରଙ୍କ ସମେତ ସମବାୟ ବିଭାଗର କର୍ମଚାରୀମାନଙ୍କ ମିଳିତ ସହଯୋଗରେ କିଭଳି ଲୁଟ ହୋଇଛି।

ବିଜେଡି ନେତା ବବି ଦାସର ଇଙ୍ଗିତରେ ଏହି ମହାଲୁଟ୍ ଚାଲିଥିବା ସ୍ୱେଚ୍ଛାସେବୀମାନେ ଅଭିଯୋଗ ଆଣିବା ସହିତ ଏମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚକୁ ଦାବିପତ୍ର ଦେଇଛନ୍ତି। କ୍ରାଇମବ୍ରାଞ୍ଚ୍‌ର ଅର୍ଥନୈତିକ ଅପରାଧ ଶାଖା ଏହା ଉପରେ କି ପଦକ୍ଷେପ ନେଉଛି ଏବଂ ପୂର୍ବତନ ଏସ୍‌ପି, ଜିଲ୍ଲାପାଳଙ୍କ ସମେତ ଗିରଫ ହୋଇଥିବା ରାଜା ଚକ୍ରଙ୍କ ଗଡଫାଦର ବବି ଦାସଙ୍କୁ କେବେ ଜେରା କରୁଛି, ତାହା ଦେଖିବାକୁ ରହିଲା ବୋଲି ସେମାନେ ମତ ଦେଇଛନ୍ତି।

### ଆଜି ପହଞ୍ଚିବେ...

ତେବେ ଆସନ୍ତା ୧୯ ତାରିଖରେ ସେମାନେ ଭୂପୃଷ୍ଠକୁ ଫେରିବେ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ପାଗ ଅନୁକୂଳ ଥିବାରୁ ଗୋଟିଏ ଦିନ ଆଗରୁ ପହଞ୍ଚିବେ ବୋଲି ଜଣାପଡ଼ିଛି। ଆସନ୍ତାକାଲି ସନ୍ଧ୍ୟା ୫ଟା ୫୭ରେ ସୁନୀତା ଓ ବୁଚ୍ ଫ୍ଲୋରିଡ଼ା କୋଷ୍ଟରେ ପହଞ୍ଚିବେ। ଆଜି ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ଡ୍ରାଗନ୍ ସ୍ପେସ୍ କ୍ରାଫ୍ଟ ବାହାରିଥିବା ସୂଚନା ମିଳିଛି। ପାଣିପାଗ ଅନୁକୂଳ ଥିବାରୁ ଏହି ସ୍ପେସ୍ କ୍ରାଫ୍ଟ ସଠିକ୍ ସମୟରେ ଭୂପୃଷ୍ଠରେ ପହଞ୍ଚିବାର ସମ୍ଭାବନା ରହିଛି।

ସୁନୀତା ସାଥୀ ମହାକାଶଚାରୀଙ୍କ ସହ ମହାକାଶରେ ଝୁମିବା ସହ ବେଶ୍ ମସ୍ତି କରିଥିଲେ। ସେ ସମସ୍ତଙ୍କୁ ଆଲିଙ୍ଗନ କରି ତାଙ୍କ ଖୁସି ଜାହିର୍ କରିଥିଲେ। ମହାକାଶରେ ହୋଇଥିବା ଏହି ସେଲିବ୍ରେସନ୍‌ର ଭିଡିଓ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ବୋଇଂ ଓ ନାସାର ମିଳିତ 'କ୍ରୁ ଫ୍ଲାଇଟ୍ ଟେଷ୍ଟ ମିଶନ୍' ଅନୁସାରେ ସୁନୀତା ଓ ବୁଚ୍ ଗତବର୍ଷ ଜୁନ୍ ୫ ତାରିଖରେ ମହାକାଶକୁ ଯାଇଥିଲେ। ସେମାନଙ୍କୁ ସେଠାରୁ ପ୍ରାୟ ସପ୍ତାହେ ମଧ୍ୟରେ ପୃଥିବୀପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବାର ଥିଲା। କିନ୍ତୁ ସେମାନଙ୍କୁ ନେଇ ଯାଇଥିବା ବୋଇଂ ଷ୍ଟାରଲାଇନର ମହାକାଶଯାନରେ ବୈଷୟିକ ତ୍ରୁଟି ଯୋଗୁଁ ସେମାନେ ଦୀର୍ଘ ୯ ମାସ ପରେ ବି ମହାକାଶରେ ଫସିରହିଛନ୍ତି। ତେଣୁ ସେମାନଙ୍କୁ ଉଦ୍ଧାର କରିବା ସକାଶେ ବାଧ୍ୟହୋଇ ନାସା ସ୍ପେସ୍‌ଏକ୍ସର ମହାକାଶ ଯାନରେ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲା। ସେହି ଅନୁସାରେ, କ୍ରୁ-୧୦ର ଟିମ୍ ଗତ ଶନିବାର ଭାରତୀୟ ସମୟ ଭୋର୍ ପ୍ରାୟ ୪.୩୦ଟାରେ ସ୍ପେସ୍‌ଏକ୍ସର ଫାଲ୍‌କନ୍ ୯ ରକେଟ୍ ଜରିଆରେ ଡ୍ରାଗନ୍ ମହାକାଶଯାନରେ ଉଡ଼ାଣ ଭରିଥିଲେ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ ସେଣ୍ଟରରୁ ଏହାକୁ ଲଞ୍ଚ୍ କରାଯାଇଥିଲା।

ଗତକାଲି ଉକ୍ତ କ୍ରୁ-୧୦ ପୂର୍ବାହ୍ନ ୯.୪୦ରେ ଡକିଂ କରିଥିବାବେଳେ ୧୧.୦୫ରେ ହ୍ୟାଚ୍ ଓପନ୍ ହୋଇଥିଲା। ଏହାପରେ କ୍ରୁ-୧୦ ମିଶନ୍‌ର ମହାକାଶଚାରୀ ନାସାର ଆନ୍ନି ମାକ୍ଲେନ୍, ନିକୋଲ ଆୟାର୍ସ, ଜାପାନର ତାକୁୟା ଓନିଶି ଓ ରୁଷ୍‌ର କିରିଲ୍ ପେସ୍କୋଭ ସେଠାରେ ପୂର୍ବରୁ କାର୍ଯ୍ୟରତ ସୁନୀତା ଓ ତାଙ୍କ ସାଥୀମାନଙ୍କୁ ସାକ୍ଷାତ କରିଥିଲେ। ସୁନୀତା ଓ ବୁଚ୍ ଆଗାମୀ କିଛି ଦିନ ଧରି ନୂଆ ମହାକାଶଚାରୀମାନଙ୍କୁ ଆଇଏସ୍‌ଏସ୍ ସମ୍ପର୍କରେ ସୂଚନା ଦେବେ। ପରବର୍ତ୍ତୀ ସମୟରେ ସେ ଦୁଇ ଜଣଙ୍କ ସହ ଅନ୍ୟ ଦୁଇ ମହାକାଶଚାରୀ ନିକ୍ ହେଗ୍ ଓ ଆଲେକସାନ୍ଦ୍ର ଗୋରବୁନୋଭ ମଧ୍ୟ ପୃଥିବୀ ପୃଷ୍ଠକୁ ଫେରୁଛନ୍ତି।

### ପାଖାପାଖି ୨ କୋଟି ପାଇବେ ସୁନୀତା

ଦୀର୍ଘ ୯ ମାସ ଧରି ମହାକାଶରେ ଫସିଥିବା ସୁନୀତା ଧାର୍ଯ୍ୟ ସମୟଠାରୁ ଯଥେଷ୍ଟ ଅଧିକ ଦିନ ରହିଥିବା ବେଳେ ପ୍ରତ୍ୟାବର୍ତ୍ତନ ତାଙ୍କୁ ପାଖାପାଖି କୋଟିଏ ଟଙ୍କା ମିଳିବ। ଗତ ଜୁନ୍‌ରେ ମହାକାଶ ଯାତ୍ରା କରିଥିବା ସୁନୀତା ଆଇଏସ୍‌ଏସ୍‌ରେ ଫସିଥିବା ବେଳେ ତାଙ୍କୁ ଏହି ସମୟ ପାଇଁ ନିୟମିତ ଦରମା ସହ ସାମାନ୍ୟ ଓଭର୍‌ଟାଇମ୍ ମିଳିବ। ସୁନୀତା ଓ ତାଙ୍କ ସହ ଫସିଥିବା ବୁଚ୍ ୱିଲ୍‌ମୋର ଜିଏସ୍-୧୫ ର୍‍ୟାଙ୍କର କର୍ମଚାରୀ ହୋଇଥିବାରୁ ସେମାନଙ୍କୁ ବେତନ ବାବଦରେ ୮୧ ଲକ୍ଷରୁ ୧ କୋଟି ଟଙ୍କା ମିଳିବ। ଏହାଛଡ଼ା ଉଭୟ ଅତିରିକ୍ତ ସମୟ ମହାକାଶରେ କାଟିଥିବାରୁ ସେମାନଙ୍କୁ ୮୨ ଲକ୍ଷରୁ ୧ କୋଟି ୬ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଅର୍ଥ ମିଳିବ ବୋଲି ୨୦୧୦-୧୧ରେ ୧୫୯ ଦିନ ମହାକାଶରେ କଟାଇଥିବା ନାସା ମହାକାଶଚାରୀ କ୍ୟାଡି କୋଲ୍‌ମାନ୍ ଦେଇଥିବା ହିସାବରୁ ଅନୁମାନ କରାଯାଉଛି।

# ଜୀବନରେ ଶୃଙ୍ଖଳା ସବୁଠୁ ଗୁରୁତ୍ୱପୂର୍ଣ୍ଣ: ଜଷ୍ଟିସ୍ ଷଡ଼ଙ୍ଗୀ



**ଭୁବନେଶ୍ୱର, ୧୭।୩ (ସଂଚାର ବ୍ୟୁରୋ) :** ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଏବଂ ପ୍ରତ୍ୟେକ କ୍ଷଣରୁ ଶିକ୍ଷା ଗ୍ରହଣ କରାଯାଇପାରିବ। ଶିକ୍ଷା ଗ୍ରହଣ ପ୍ରକ୍ରିୟା ସବୁବେଳେ ଜାରି ରଖିବା ଜରୁରୀ। ଏହି ସହିତ ଜୀବନରେ ଶୃଙ୍ଖଳା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର କମିଶନର ସଦସ୍ୟ ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ। ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ୧୮ ବାର୍ଷିକ ଉତ୍ସବ 'ଜଷ୍ଟିସିଆ ୩୦-୨୦୨୫'ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଜଷ୍ଟିସ୍ ଷଡ଼ଙ୍ଗୀ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଉପଦେଶ ଦେଇଛନ୍ତି।

ସୋଆକୁ ଉଚ୍ଚ ପ୍ରଶଂସା କରି ଜଷ୍ଟିସ୍ ଷଡ଼ଙ୍ଗୀ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବାରୁ ଗର୍ବ ଅନୁଭବ କରିବା ଉଚିତ୍। ସାମାନ୍ୟ ସଫଳତାରେ ଉଲ୍ଲସିତ ନ ହୋଇ ଆହୁରି ଅଧିକ ସଫଳତା ସାଉଁଟିବା ଦିଗରେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି କହି ଜଣେ ଆଇନଜୀବିର ଯାତ୍ରା କେବେ ଶେଷ ହୁଏ ନାହିଁ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଏସ୍‌ଏନ୍‌ଆଇଏଲ୍‌ର ୫ ଜଣ ଛାତ୍ରଛାତ୍ରୀ ଓଡ଼ିଶା ନ୍ୟାୟିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ବିଶ୍ୱବିଦ୍ୟାଳୟକୁ ସେ ଶୁଭେଚ୍ଛା ଜଣାଇଥିଲେ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ବୃତି ପ୍ରତି ଏକାଗ୍ରତା ଓ ଭଲ ପାଇବା ରହିଲେ ଛାତ୍ରଛାତ୍ରୀମାନେ ଆଗକୁ ଯାଇପାରିବେ ବୋଲି କହିଥିଲେ। ନିଜର ବୃତିଗତ ଯାତ୍ରା ବିଶ୍ୱବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଏସ୍‌ଏନ୍‌ଆଇଏଲ୍‌ର ଆସିଷ୍ଟାଂଟ ପ୍ରଫେସର ଶ୍ରୀ ଆକାଶ ତ୍ରୀଖା ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜନୈତିକ ପଶାପାଲିରେ କେନ୍ଦ୍ର ସମବାୟ ବ୍ୟାଙ୍କ**

# ବୈଠକ ବାତିଲ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ନୟାଗଡ଼, ୧୭।୩ (ସଂଚାର ବ୍ୟୁରୋ) :** ରାଜନୈତିକ ପଶାପାଲିରେ ଝୁଲୁଚି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ। ବିଜେପି ସରକାରଙ୍କ ପରୋକ୍ଷ ସମର୍ଥନ ଏବଂ ବିଜେପି ନେତାଙ୍କ ଚାପରେ ଚାପଗ୍ରସ୍ତ ହୋଇ ପରିଚାଳନା ପରିଷଦକୁ କୋଣଠେସା କରିବାକୁ ପ୍ରୟାସ କରାଯାଉଛି । ରାଜ୍ୟ ସମବାୟ ନିବନ୍ଧକ ପରିଚାଳନା ପରିଷଦକୁ ନିଲମ୍ବନ ଆଦେଶ ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଲଗାଇବା ପରେ ଏବେ ପିଛିଲା ତାରିଖ ପକାଇ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭା ଆହ୍ୱାନ କରାଯାଇଛି । ଆସନ୍ତା ୧୯ ତାରିଖରେ ସୃଜନ ଗୃହରେ ସଭା କରିବାକୁ ଆହ୍ୱାନ କରାଯାଇଥିବା ବେଳେ ୧୨ ତାରିଖରେ ପ୍ୟାକ୍ସ ଗୁଡ଼ିକରେ ଚିଠି ପହଞ୍ଚିଛି । ନିୟମ ଅନୁସାରେ ୧୫ ଦିନ ପୂର୍ବରୁ ଏହି ନୋଟିସ ତଥା ଚିଠି ପହଞ୍ଚିବା କଥା । ମାତ୍ର ଚିଠିରେ ପିଛିଲା ତାରିଖ ପକାଇ ନୋଟିସ କରାଯାଇଛି । ଯାହାକୁ ଆଜି ଶତାଧିକ ପ୍ୟାକ୍ସ ପରିଚାଳନା ପରିଷଦ ଏବଂ ବ୍ୟାଙ୍କ ପରିଚାଳନା ପରିଷଦ ବିରୋଧ କରିଛନ୍ତି । ବ୍ୟାଙ୍କ ସମ୍ପାଦକ କରିଥିବା ହୀନ ଚକ୍ରାନ୍ତ ବିରୁଦ୍ଧରେ ଶତାଧିକ ପ୍ୟାକ୍ସ ସଭାପତିଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ, ସମବାୟ ସମିତି ସମୂହ ଉପ ନିବନ୍ଧକଙ୍କୁ ପ୍ରଦାନ କରାଯାଇଛି ।

ଯଦି ସାଧାରଣ ସଭା କରାଯାଏ, ତେବେ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦକୁ ବ୍ୟାଙ୍କରୁ ଦୂରେଇ ରଖିବା ପାଇଁ ବିଜେପିର ଜୈନିକ ବିଧାୟକ ଜୋରଦାର ଉଦ୍ୟମ ଚଳାଇଥିବା ଆଲୋଚନା ହେଉଛି । ପୂର୍ବରୁ ସମବାୟ ବିଭାଗ ଉପରେ ତାଙ୍କର ଦଖଲ ଥିବାରୁ ପଛରେ ରହି ରାଜନୈତିକ ଉଦ୍ଦେଶ୍ୟ ସମାଧାନ ଏଭଳି କରାଯାଉଥିବା ଚର୍ଚ୍ଚା ହେଉଛି । ଯାହାକୁ ନେଇ ଆଗାମୀ ଦିନରେ ସମବାୟ ବ୍ୟାପକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ରାଜନୈତିକ ପଶାପାଲିରେ ପେଶି ହେଉଥିବା ବେଳେ ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ପରେ ଜିଲ୍ଲାପାଳ ଆସନ୍ତାକାଲି ଆଲୋଚନା କରାଯିବ ବୋଲି ପରୋକ୍ଷରେ ସୂଚନା ଦେଇଥିବା ବ୍ୟାଙ୍କ ପରିଚାଳନା ପରିଷଦଙ୍କ ସୂତ୍ରରୁ ଜଣାପଡ଼ିଛି ।

# ପିକ୍‌ଅପ ଭ୍ୟାନ-ବାଇକ ମୁହାଁମୁହିଁ ଧକ୍କା, ବାଇକ ଚାଳକ ଗୁରୁତର

**ନାଉଗାଁ, ୧୭।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ବ୍ଲକଛକ ନିକଟସ୍ଥ ମୁଗେଇ ନିକଟରେ ଏକ ବୁଲେଟ ଗାଡି ସହିତ ପିକଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ହୋଇଥିବା ଜଣାଯାଇଛି। ବାଇକ ଚାଳକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ଶିଖର ପଞ୍ଚାୟତ ବୋଦଳ ଗ୍ରାମର କୁମର ଜେନାଙ୍କ ପୁତ୍ର ତୋଫାନ। ବୟସ ୨୫ବର୍ଷ। ତୋଫାନ ବୁଲେଟ ଯୋଗେ ନିଜ ଗ୍ରାମରୁ ଜଗତସିଂହପୁର ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଏକ ପିକ୍‌ଅପ ଭ୍ୟାନ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତୋଫାନ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ତୋଫାନକୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ପଠାଇଥିବା ବେଳେ ଘଟଣାସ୍ଥଳରୁ ପିକ୍‌ଅପ ଭ୍ୟାନଟି ପଳାଇ ଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତୋଫାନର ବୁଲେଟ ଗାଡିକୁ ଜବତ କରି ଥାନାକୁ ଆଣିଥିବା ଜଣାଯାଇଛି।

# ଦିବ୍ୟାଙ୍ଗଙ୍କୁ ମାଡ ମାରି ଫିଙ୍ଗିଦେଲେ ମଦ୍ୟପ, ଡାକ୍ତରଖାନାରେ ଭର୍ତ୍ତି



**ଯାଜପୁର, ୧୭।୩ (ସଂଚାର ବ୍ୟୁରୋ) :** ଜଣେ ମୁକବଧିର ଯୁବକଙ୍କୁ ନିର୍ଘୃଣ ମାଡ ମାରି ଫିଙ୍ଗି ଦେଇଛନ୍ତି ଦୁଇ ଜଣ ମଦ୍ୟପ ଯୁବକ। ପରେ ଦିବ୍ୟାଙ୍ଗ ପ୍ରକାଶ ସାହୁ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଆଜି ଯାଜପୁର ଟାଉନ ଥାନା ସାନୁଆର ପଞ୍ଚାୟତ ଚଣ୍ଡି ପଡ଼ିଆ ମେଳଣରେ ଉତ୍ସବ ଚାଲିଥିଲାବେଳେ ଦୁଇ ସ୍ଥାନୀୟ ମଦ୍ୟପ ଯୁବକ ଉକ୍ତ ଅଞ୍ଚଳର ମୁକ ଓ ବଧିର ଭିନ୍ନକ୍ଷମ ପ୍ରକାଶଙ୍କୁ ବିନା କାରଣରେ ମାଡମାରି ଲହୁଲୁହାଣ କରିଛନ୍ତି। ଭିନ୍ନକ୍ଷମ ଜଣକ ଆବର୍ଜନାରୁ ପ୍ଲାଷ୍ଟିକ ଓ କାଚ ବୋତଲ ସାଉଁଟି ପେଟ ପୋଷୁଥିବାବେଳେ ଭିନ୍ନକ୍ଷମଙ୍କୁ ଆକ୍ରମଣ ହୋଇଥିବା ତାଙ୍କ ପତ୍ନୀ ପାକି ସାହୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାକି ଏକ ଘରୋଇ ସ୍କୁଲରେ କେୟାରଟେକର ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରକାଶ ଦୈନିକ ବୋତଲ ସାଉଁଟି ପରିବାର ପାଇଁ ଅର୍ଥ ଯୋଗାଡ କରନ୍ତି। ଟାଉନ ପୁଲିସ ପ୍ରକାଶଙ୍କୁ ଚିକିତ୍ସାଳୟରେ ଭେଟିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଓଜେଏସ୍ ପରୀକ୍ଷାରେ ସୋଆର ୫ ଆଇନ୍ ଛାତ୍ରଛାତ୍ରୀଙ୍କ ସଫଳତା



**ଭୁବନେଶ୍ୱର, ୧୭।୩ (ସଂଚାର ବ୍ୟୁରୋ) :** ନିକଟରେ ପ୍ରକାଶ ପାଇଥିବା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍) ପରୀକ୍ଷାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୫ ଜଣ ଆଇନ ଛାତ୍ରଛାତ୍ରୀ କୃତିତ୍ୱର ସହ ସଫଳତା ହାସଲ କରିଛନ୍ତି। ନିକଟରେ ଓଡ଼ିଶା ନ୍ୟାୟିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ସୋଆ ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ଛାତ୍ରୀ ପାୟଲ୍ ଆଟା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାତୀ ସାମଲ ୧୫ ତମ, ଛାତ୍ର ରାହୁଲ ବିକ୍ରମ ପାଠୀ ୧୬ତମ, ଦେବଦତ ଜେନା ୨୧ତମ ଏବଂ ଛାତ୍ରୀ ସ୍ମୃତି ପଟ୍ଟନାୟକ ୨୭ ତମ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ନିମନ୍ତେ କୃତିତ୍ୱ ଅର୍ଜନ କରିଛନ୍ତି। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏସ୍‌ଏନ୍‌ଆଇଏଲ୍‌ର ଛାତ୍ରଛାତ୍ରୀଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍‌ରେ ସୋଆ ପରିଚାଳିତ ଏସ୍‌ଏନ୍‌ଆଇଏଲ୍ ୨୦୨୪ରେ ଦେଶରେ ୯ମ ସ୍ଥାନ ଲାଭ କରିଛି। ଏସ୍‌ଏନ୍‌ଆଇଲ୍ ଗତ ୩ ବର୍ଷ ଧରି ଦେଶର ଆଇନ୍ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଲଗାତାର ଭାବେ ଶ୍ରେଷ୍ଠ ୧୦ଟି ସ୍ଥାନ ମଧ୍ୟରେ ସ୍ଥାନୀତ ହୋଇ ଆସୁଛି।

# ଜୀବନ ପାଇଁ ସଂଘର୍ଷ କରୁଛି ମମତା

**● ଚିକିତ୍ସା ପାଇଁ ଅର୍ଥ ବାଧକ ● ସହାୟତା ପାଇଁ ନିବେଦନ**

**କାକଟପୁର/ଅସ୍ତରଙ୍ଗ, ୧୭।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଝାଡ଼ଲିଙ୍ଗ ପଂଚାୟତ ମଧୁପୁର ଗ୍ରାମର ଟୁଲୁ ବେହେରାଙ୍କ ଝିଅ ମମତା ବେହେରା ମାତ୍ର ୮ବର୍ଷ। ଆଜିକୁ ୩ ବର୍ଷ ତଳେ ଘରେ ଦୋଳି ଖେଳୁଥିବା ବେଳେ ପଡିଯିବା ଫଳରେ ପଛପାର୍ଶ୍ୱ ମୁଣ୍ଡ ମାଡ଼ ହୋଇଯାଇଥିଲା। କିଛି ଦିନ ପରେ ମୁଣ୍ଡ ଓ ବେକ ନିକଟରେ ଫୁଲିବା ସହ ଯନ୍ତ୍ରଣା ଆରମ୍ଭ ହେଲା। ପରିବାର ଲୋକେ ହସ୍ପିଟାଲ ନେବା ପରେ ଜଣାପଡିଥିଲା ସ୍ନାୟୁ ଜନିତ ରୋଗରେ ଆକ୍ରାନ୍ତ। ପରେ ସ୍ଥାନାନ୍ତର ହୋଇ କଟକ ଏସସିବି ମେଡିକାଲରେ ୩ମାସ ରହି ଚିକିତ୍ସା ହୋଇଥିଲେ। ଏହାପରେ ଅଗଷ୍ଟ ୨୦୨୪ରେ ନିମୋନିଆ ହେବା ଫଳରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡକ୍ଟରଙ୍କ ନିର୍ଦ୍ଦେଶକ୍ରମେ ଏମ୍ସରେ ଅପରେସନ ହୋଇଥିଲା। କିନ୍ତୁ ପରେ କୁନି ଝିଅଟିର ନିଶ୍ୱାସ ନେବାରେ ଅସୁବିଧା ହେବାରୁ ଏମ୍ସରେ ବାପା ମା ଝିଅକୁ ୨ମାସ ୫ଦିନ



ରଖିଲେ। ଚିକିତ୍ସା କରୁଥିବା ଡକ୍ଟର ମମତାଙ୍କୁ ହୋମଭେଣ୍ଟିଲେଟର ରଖିବା ପାଇଁ କହିବା ସହ ମମତାଙ୍କ ଶରୀରରେ ଏକ ପାଇପି ଲଗାଇ ପଠାଇଥିଲେ। ସମସ୍ତ ପ୍ରକାର ଚିକିତ୍ସା ସରିଯାଇଥିବା କହିଥିଲେ ହେଲେ ଝିଅ ଅବସ୍ଥା ପୂର୍ବ ପରି ରହିଥିବାରୁ ପୁରୀରେ ଏକ ଘର ଭଡା ନେଇ ମମତାଙ୍କ ଯତ୍ନ ନେଉଛନ୍ତି।

ମମତାଙ୍କ ଔଷଧ ପାଇଁ ପ୍ରତ୍ୟେକ ଦିନ ୨ହଜାର ଟଙ୍କା ଖର୍ଚ୍ଚ ହେଉଛି। ମମତାଙ୍କ ବାପା ଜଣେ ଦିନ ମଜୁରିଆ ଭାବେ ରାଜ୍ୟ ବାହାରେ ପଟା ସେଟ୍ରିଙ୍ଗ କାମ କରିଥାନ୍ତି। ଝିଅର ଦେହ ଅସୁସ୍ଥ ହେବାର ୩ବର୍ଷ ମଧ୍ୟରେ ସବୁ ଖର୍ଚ୍ଚ କରିସାରିଲେଣି। ପୁରୀରେ ଭଡା ଘର ଓ ଝିଅର ଚିକିତ୍ସା ପାଇଁ ଖର୍ଚ୍ଚ ଆବଶ୍ୟକ ହେଉଥିବା ବେଳେ ଏଥିପାଇଁ ସହାୟତା ଲୋଡିଛନ୍ତି ବାପା ଓ ମା। କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ଝିଅର ଭଲ ଭାବେ ଚିକିତ୍ସା କରାଇପାରନ୍ତେ ବୋଲି ବାପା ଟୁଲୁ ବେହେରା ଆକୁଳ ନିବେଦନ କରି କହିଛନ୍ତି। ଯଦି ଆପଣ ମମତାଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି ଟୁଲୁ ବେହେରା, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା, ଆକାଉଣ୍ଟ ନମ୍ବର -୩୬୮୭୯୦୦୧୪୬୩, ଆଇଏଫଏସସି କୋଡ଼ -ଏସବିଆଇଏନ ୦୦୧୨୦୩୬, ଫୋନ୍ ପେ ନମ୍ବର -୯୮୨୭୭୮୦୩୪୧। ଆପଣଙ୍କ ଏକ ଛୋଟ ସାହାଯ୍ୟ ମମତାଙ୍କ ମୁହଁରେ ହସ ଫୁଟାଇ ପାରିବ।

# ବିନାଅନୁମତିରେ ତେନ୍ତୁଳି ଗଛ କାଟିଲା ଏଏସଆଇ

**କୋଣାର୍କ, ୧୭।୩ (ସଂଚାର ବ୍ୟୁରୋ) :** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କୋଣାର୍କ ଏଏସଆଇ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ବନ ବିଭାଗର ବିନା ଅନୁମତିରେ ନବଗ୍ରହ ରାସ୍ତାର ପାର୍ଶ୍ୱରେ ଥିବା ଦୀର୍ଘ ଦିନର ପୁରାତନ ତେନ୍ତୁଳି ଗଛ କଟାକୁ ନେଇ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ, ଗବେଷକ, ପ୍ରକୃତିପ୍ରେମୀ ଓ ପରିବେଶବିତ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଗଛ ଦୀର୍ଘ ଦିନ ଧରି ପଥଚାରୀଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କୁ ଛାୟା ଓ ଫଳ ପ୍ରଦାନ କରି ଆସୁଥିଲା। କୋଣାର୍କ ବନ



ବିଭାଗର ବିନା ଅନୁମତିରେ ନବଗ୍ରହ ମନ୍ଦିର ରାସ୍ତା ପାର୍ଶ୍ୱରେ ଲାଇଟ ଲଗାଇବା ଆଳରେ ଏଏସଆଇ କର୍ତ୍ତୃପକ୍ଷ କାହା ନିର୍ଦ୍ଦେଶ କ୍ରମେ ଏଭଳି ପ୍ରକୃତି ମାରଣ ନୀତି ଆପଣାଇଛନ୍ତି ତାହାକୁ ନେଇ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି।

# ଦେବୀନଦୀରୁ ମୁଗୁନି ପଥର ମୂର୍ତ୍ତି ଉଦ୍ଧାର



**ନାଉଗାଁ, ୧୭।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ତାହସିଲ ଅନ୍ତର୍ଗତ ଶିଖରଘାଟ ଦେବୀନଦୀ ମଧ୍ୟରୁ ଏକ କଳା ମୁଗୁନି ପଥର ମୂର୍ତ୍ତି କିଛି ବ୍ୟକ୍ତି ଆସି ଉଦ୍ଧାର କରିଥିବା ସ୍ଥାନୀୟ ବାସିନ୍ଦା ଜାଣିବାକୁ ପାଇଥିଲେ। ମୂର୍ତ୍ତିକୁ ଗାଡିରେ ନେଇ ଯିବାକୁ ବସିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ମୂର୍ତ୍ତିଟିକୁ ଅଟକ ରଖାଯାଇଥିଲା। ସ୍ଥାନୀୟ ଲୋକ ଥାନାକୁ ଖବର ଦେବା ପରେ ଥାନା ଏସଆଇ ନିଳମଣୀ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୂର୍ତ୍ତି କିପରି ଆସିଲା ଓ କେଉଁ ଠାରେ ରହିବ ତହସିଲଦାର ଆସିଲେ ନିଷ୍ପତି ନିଆଯିବ ବୋଲି କହିଥିଲେ। ଶେଷରେ ମୂର୍ତ୍ତିଟିକୁ ବୋଇତ ବନ୍ଧାଣ ନିକଟରେ ଥିବା ମଙ୍ଗଳା ମନ୍ଦିର ପରିସରରେ ରଖାଯାଇଥିଲା। ମୁଗୁନି ପଥର ମୂର୍ତ୍ତିଟି ପାଖାପାଖି ୩ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବା ବେଳେ ଏକ ସିଂହ ଉପରେ ମା' ବସି ରହିଛନ୍ତି। ହାତରେ ନାଲିଶଙ୍ଖା, ପାଦରେ ରୂପା ପାଉଜି ଓ ଦେହରେ ଶାଢ଼ି ମଧ୍ୟ ରହିଛି। ମୂର୍ତ୍ତିଟିକୁ କେହି ନେଇ ଯାଉଥିବା ବେଳେ ଧରାପଡ଼ିବା ଭୟରେ ନଦୀକୁ ପକାଇ ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସେହିପରି ମୂର୍ତ୍ତିକୁ ଉଦ୍ଧାର କରିଥିବା ଏରସମା ଥାନା ଅନ୍ତର୍ଗତ ଗଡ଼ହରିଶପୁରର ମା' କାତ୍ୟାୟନୀ ପୀଠର ସାଧିକାଙ୍କ କହିବା ମୁତାବକ ମୋତେ ସ୍ୱପ୍ନାଦେଶ ହୋଇଥିଲା। ଶିଖରଘାଟ ଗଣ୍ଡରେ ମା' ରହିଥିବା ଓ ସେଠାରୁ ଉଦ୍ଧାର କରି ମୋତେ ପୀଠରେ ରଖି ପୂଜା କରିବା ପାଇଁ କହିଥିଲେ। କିନ୍ତୁ ସ୍ଥାନୀୟ ଲୋକ ଏହାକୁ ବିଶ୍ୱାସ କରୁ ନଥିବା ବେଳେ ମୂର୍ତ୍ତି ଅଳ୍ପ କିଛି ଦନ ତଳେ ନଦୀରେ ପକାଯାଇଛି। ଯାହାଫଳରେ ମୂର୍ତ୍ତିଙ୍କ ଦେହରେ ସିନ୍ଦୁର, ଶଙ୍ଖା ଆଦି ରହିଛି। ଯଦି ଅଧିକ ଦିନ ହେବ ନଦୀ ପାଣିରେ ମୂର୍ତ୍ତି ରହିଥାନ୍ତେ ତେବେ ସିନ୍ଦୁର, ଶଙ୍ଖା ଆଦି ନଷ୍ଟ ହୋଇଯାଇଥାନ୍ତା ବୋଲି କହିଛନ୍ତି। ଉକ୍ତ ମୂର୍ତ୍ତି କେଉଁ ଠାରୁ ଆସିଛି ଓ କିପରି ଏମାନେ ଏହାର ସନ୍ଧାନ ପାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି।

# ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର, ୧୭।୩ (ସଂଚାର ବ୍ୟୁରୋ) :** ଆଜି ଡ଼ାବୁଗାଁ ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ଚନ୍ଦ୍ର ମିଶ୍ର,ବ୍ଲକ୍ ଅଧ୍ୟକ୍ଷ ଶ୍ରୀମତି ବୀଣା ମାଝୀ ଓ ବି ଡି ଓ ଶରତ ମାଝୀ ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ଏହି ଜନ ଶୁଣାଣି ଶିବିରରେ ମୋଟ ୨୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଜିଲ୍ଲାପାଳ ଡ଼ା ମହାପାତ୍ର ୪ ଜଣଙ୍କୁ ସାମାଜିକ ସୁରକ୍ଷା ବିଭାଗ ପ୍ରଦତ୍ତ ହୁଇଲ ଚେୟାରକୁ ପ୍ରଦାନ କରିଥିଲେ।

# ବିଇଏମସି ପୋଲ୍ ଖୋଲୁଛନ୍ତି ପୀତବାସ

**ବ୍ରହ୍ମପୁର, ୧୭।୩ (ସଂଚାର ବ୍ୟୁରୋ) :** ଯାବତୀୟ କେଲେଙ୍କାରୀ ଓ ଅନିୟମିୟତାରେ ପ୍ରସିଦ୍ଧ ଅର୍ଜନ କରିଥିବା ବ୍ରହ୍ମପୁର ମହାନଗର ନିଗମ ସହରବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସହରବାସୀ ବର୍ଷ ତମାମ ମଶା ଦ୍ୱାରା ଆକ୍ରାନ୍ତର ଶିକାର ହେଉଥିବା ବେଳେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଥିବା ନଜରକୁ ଆସୁଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ସହରବାସୀଙ୍କୁ ମଶା ଦାଉରୁ ରକ୍ଷା ପାଇଁ କଣ ପଦକ୍ଷେପ ନେଇଛି, ମଶା ମାରିବା ମେସିନ୍ ମେସିନ୍‌କୁ କେତେ ଦିନ ବ୍ୟବହାର କରାଯାଇଛି ଓ ଏହି ବାବଦରେ କେତେ ଟଙ୍କା ପୌର ପରିଷଦ ଖର୍ଚ୍ଚ କରିଛି ବୋଲି ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଓ ବିଜେପି ନେତା ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ଚାହିଁଥିଲେ।

**ମଶା ମାରିବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ**
**ଉପକାର ପାଉନାହାଁନ୍ତି ସହରବାସୀ**

ମିଳିଥିବା ସୂଚନା ଅନୁଯାୟୀ ଗତ ପାଞ୍ଚ ବର୍ଷ ମଧ୍ୟରେ ମହାନଗର ନିଗମ ସହରରେ ମଶା ମାରିବା ପାଇଁ ମୋଟ ୬୯ ଲକ୍ଷ ୬୯ ହଜାର ୨୮୩ ଟଙ୍କା ଖର୍ଚ୍ଚ କରିଛି । ଏହି ବିପୁଳ ଧନ ରାଶି ଟିଫା ମେସିନ୍‌ରେ ବ୍ୟବହୃତ ହେଉଥିବା ଡିଜେଲ ପାଇଁ ମହାନଗର ନିଗମ ଖର୍ଚ୍ଚ କରିଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ୨୦୧୯-୨୦ରେ ସର୍ବନିମ୍ନ ୨୦ଘଣ୍ଟା ମଶା ମାରିବାକୁ ଟିଫା ମେସିନକୁ ବ୍ୟବହାର କରାଯାଇଥିଲା ଓ ଏଥିପାଇଁ ପନ୍ଦର ଶହ ଲିଟର ଡିଜେଲ୍ ଯାହାର ମୂଲ୍ୟ ୧ଲକ୍ଷ ୧୬ ହଜାର ୪୦ ଟଙ୍କା ପୌର ପରିଷଦ ଖର୍ଚ୍ଚ କରିଛି । ସେହିପରି ୨୦୨୩-୨୪ ବର୍ଷ ରେ ପ୍ରାୟ ୪୨୧ ଘଣ୍ଟା ମଶା ମାରିବା ପାଇଁ ଟିଫା ମେସିନ୍ ବୁଲିଥିବା ବେଳେ ଏହି ବାବଦକୁ ୩୧,୫୯୦ ଲିଟର ଡିଜେଲ୍ ଖର୍ଚ୍ଚ କରାଯାଇଛି ,ଯାହାର ମୂଲ୍ୟ ୩୦ଲକ୍ଷ ୩୭ ହଜାର ୬୧ ଟଙ୍କା ବୋଲି ମହାନଗର ନିଗମ ସୂଚନା ଦେଇଛି । ଏତେ ପରିମାଣର ବିପୁଳ ଧନରାଶି ମଶା ମାରିବା ପାଇଁ ପୌର ପରିଷଦ ଖର୍ଚ୍ଚ କରୁଥିବା ବେଳେ ସହରବାସୀ ଏଥିରୁ କେତେ ଉପକାର ପାଉଛନ୍ତି ତାହା ଏକ ବିରାଟ ପ୍ରଶ୍ନ ଛିଡା କରିଛି ।



ଯେତେବେଳେ ଦେଶରେ କରୋନା ଯୋଗୁଁ ୨୦୨୦ ଓ ୨୦୨୧ରେ ସମସ୍ତ ଜୀବନ ଜିବିକା ଠପ ହୋଇଯାଇଥିଲା ସେତେବେଳେ ମହାନଗର ନିଗମ ମଶା ମାରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସନ୍ଦେହ ସୃଷ୍ଟି କରୁଛି। ଏହା ତଦନ୍ତ ସାପେକ୍ଷ ବୋଲି ଆଇନଜୀବୀ ପୀତବାସ ପଣ୍ଡା ପ୍ରକାଶ କରିଛନ୍ତି।

# ଏକତା ସୂତ୍ରରେ ଯୋଡ଼ି ରଖେ ମହୋତ୍ସବ

**କାକଟପୁର/ଅସ୍ତରଙ୍ଗ, ୧୭।୩ (ସଂଚାର ବ୍ୟୁରୋ) :** ମହୋତ୍ସବ ସେହି ଅଞ୍ଚଳକୁ ଏକତା ସୂତ୍ରରେ ଯୋଡି ରଖେ। ଭାଇଚାରାକୁ ବଢ଼ାଏ। ଅଞ୍ଚଳର ବଣ ମଲ୍ଲୀକୁ ପ୍ରସ୍ଫୁଟିତ କରାଇବାରେ ସହଯୋଗ କରେ ବୋଲି ଅତିଥି ମତଦେଇଥିଲେ। କଳା, ସଂସ୍କୃତି ଅଞ୍ଚଳ ପୁରୀ ଜିଲ୍ଲା। ଏଠାକାର ପ୍ରତିଭା ସହ ଓଡ଼ିଶାର ବିଭିନ୍ନ ଲୋକକଳାକୁ ଲୋକଲୋଚନକୁ ଆଣୁଛି କାକଟପୁରରେ ଅନୁଷ୍ଠିତ ୧୪ତମ ମା 'ମଙ୍ଗଳା ମହୋତ୍ସବ।

ଚଳିତ ବର୍ଷ ଆୟୋଜିତ ୩ଦିନିଆଁ ମଙ୍ଗଳା ମହୋତ୍ସବରେ ପ୍ରତିଦିନ ଜମିଥିଲା ପ୍ରବଳ ଭିଡ଼। ଶୁକ୍ରବାର ଉଦଘାଟନ ସନ୍ଧ୍ୟାରେ ନିଜର ଗୀତ ଓ କମେଡି ମାଧ୍ୟମରେ ଦର୍ଶକ ମାନଙ୍କୁ ବାନ୍ଧିରଖିଥିଲେ ହାସ୍ୟ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ (ପପୁ ପମ୍ ପମ୍)। ଉଦ୍‌ଘାଟନ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ମା ମଙ୍ଗଳା ମହୋତ୍ସବ ସଭାପତି ତୁଷାରକାନ୍ତି ବେହେରା, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଖୁଣ୍ଟିଆ କହିଥିଲେ, କଳା,ସଂସ୍କୃତି ଓ ପରମ୍ପରାକୁ ପ୍ରଚାର ସହ ସ୍ଥାନୀୟ ଲୁକାୟିତ ପ୍ରତିଭାକୁ ପ୍ରସାର କରିବା ଦିଗରେ ମହୋତ୍ସବ ବେଶ ଭଲ। ପ୍ରଥମ ସନ୍ଧ୍ୟାରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ



ନୃତ୍ୟ ଦେଖି ମନୋରଞ୍ଜନ କରିଥିଲେ ଦର୍ଶକ। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ନୟାଗଡ ବିଧାୟକ ଅରୁଣ ସାହୁ ଉପସ୍ଥିତ ରହି ମହୋତ୍ସବକୁ ଉପଭୋଗ କରିବା ସହ ମହୋତ୍ସବ ସମ୍ପର୍କରେ ସ୍ମୃତି ସାଉଁଟିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଏଥିସହିତ ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଆମନ୍ତ୍ରିତ ଅତୀଥି ଉପସ୍ଥିତ ରହିବା ସହ ଶେଷ ସନ୍ଧ୍ୟାକୁ ବେଶ ମନୋରଞ୍ଜନ ଖୁରାକ ଯୋଗାଇଥିଲେ ମେଲୋଡି କିଙ୍ଗୀ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର। "ସକାଳ ପହିଲି ଗାଡ଼ିରେ" ଗୀତ ଠାରୁ ଆରମ୍ଭ କରି ଅନେକ ସୁପରହିଟ ଗୀତରେ ଶେଷ ସନ୍ଧ୍ୟାରେ ଝୁମିଥିଲେ ଦର୍ଶକ ।

**ଭିତ୍ତିପ୍ରସ୍ତରକୁ ବିତିଲା ୧୩ ମାସ**

# ଫଳକରେ ସୀମିତ କାର୍ଯ୍ୟାଦେଶ

**ବୋରିଗୁମ୍ମା, ୧୭।୩ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ବେଣାଗାଁ ପଞ୍ଚାୟତବାସୀଙ୍କ ପାଇଁ ଗମନା ଗମନ ସୁଗମ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବେଣାଗାଁ ଠାରୁ ପ୍ରଧାନୀଗୁଡା-ପିତେଇଗୁଡ଼ା-ଚଣ୍ଡାଳଗୁଡା ମୁଖ୍ୟ ପୂର୍ତ୍ତବିଭାଗ ରାସ୍ତାରେ ସଂଯୋଗୀକରଣ ପକ୍କା ପିଚୁରାସ୍ତା ନିର୍ମାଣ ହେବାକୁ ୫.୩୫୦କିମି ବାବଦରେ ୩,୮୩,୮୫,୫୬୪.୦୦ ଅଟକଳ ମୂଲ୍ୟ ଧାର୍ଯ୍ୟ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଏହା ଆରମ୍ଭ ହୋଇ ପାରି ନାହିଁ। ଫଳରେ ସରକାରଙ୍କ କୋରାପୁଟ ଜିଲ୍ଲାର ଦୁର୍ଗମ ଅଞ୍ଚଳବାସୀଙ୍କ ପ୍ରତି ଏହା ଏକ ଉପହାସ ସଦୃଶ୍ୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଗତବର୍ଷ ସାଧାରଣ ନିର୍ବାଚନ ସହ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳ ରଣନୀତି ପ୍ରସ୍ତୁତ କରି କୋରାପୁଟ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ ଭୋଟ ହାତେଇବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବେଣାଗାଁ - ପ୍ରଧାନୀ ଗୁଡା - ପିତେଇ ଗୁଡା- ଚଣ୍ଡାଳ ଗୁଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗୀକରଣ ପକ୍କା ପିଚୁରାସ୍ତା କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ରାସ୍ତା ଫଳକରେ ହିଁ ସୀମିତ







**ଚିହ୍ନଟ ରାସ୍ତାରେ ପଡ଼ିନି ଖଣ୍ଡିଏ ମେଟାଲ କି ମୁଠାଏ ମାଟି**

ରହିଛି ଓ କେତେକ ସ୍ଥାନରେ ଅଧାପନ୍ତରିଆ ଭାବେ ପଡିରହିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କାର୍ଯ୍ୟ ୦୨.୧୦.୨୦୨୪ରେ ଆରମ୍ଭ କରାଯାଇଥିବା ଏବଂ ୦୧. ୧୦. ୨୦୨୪ରେ କାର୍ଯ୍ୟ ଶେଷ ନେଇ ସୂଚନା ଫଳକ ଲଗାଯାଇଛି । ତେବେ ସମ୍ପୃକ୍ତ ନିର୍ମାଣକାରି ସଂସ୍ଥା ପ୍ରକାଶ କୁମାର ନାହକ ୨ରୁ ୩ କିମି ରାସ୍ତା କାର୍ଯ୍ୟ ଅଦ୍ୟାବଧି ଆରମ୍ଭ କରି ନଥିବା ବେଳେ ଚିହ୍ନଟ ସ୍ଥାନରେ ଖଣ୍ଡିଏ ମେଟାଲ କି ମାଟି ମୁଠାଏ ପଡ଼ିନଥିବା ଦେଖିବାକୁ ମିଳିଛି। ଏହି ଉନ୍ନତି ମୂଳକ ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇନଥିବା ବେଳେ ବ୍ୟୟ ବରାଦ କରାଯାଇଥିବା ଟଙ୍କା ଗଲା କୁଆଡେ ବୋଲି ଅଭିଯୋଗ କରିଛନ୍ତି ପାଞ୍ଚଟି ଗ୍ରାମର ଗ୍ରାମବାସୀ। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଗ୍ରାମବାସୀ ବାରମ୍ବାର ଏ ସମ୍ପର୍କରେ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ପଞ୍ଚଭୂତରେ ଲୀନହେଲେ 'ଶ୍ରୀରାଧା' ସ୍ରଷ୍ଟା

**ପୁରୀ,୧୭।୩(ସଂଚାର ବ୍ୟୁରୋ):** ଗତକାଲି ପରଲୋକ ଗମନ କରିଥିବା ରାଜ୍ୟର ପ୍ରଥିତଯଶା କବି ଓ ପୂର୍ବତନ ପ୍ରଶାସକ ରମାକାନ୍ତ ରଥଙ୍କର ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଛି। ପଞ୍ଚଭୂତରେ ଲୀନ ହୋଇଛନ୍ତି ଆଧୁନିକ କବିତାର ସ୍ରଷ୍ଟା ପଦ୍ମଭୂଷଣ କବି ରମାକାନ୍ତ। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ପିନାକୀ ରଥ ମୁଖାଗ୍ନି ଦେଇଛନ୍ତି। ଶେଷକୃତ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟପ୍ରେମୀ, ପୁରୀ ଏସ୍‌ପି ଓ ଜିଲ୍ଲାପାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ୟପକ୍ଷରେ ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ନୂଆଦିଲ୍ଲୀଠାରେ ଏକ ବୈଠକର ଆୟୋଜନ କରାଯାଇ ଶ୍ରୀ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ନିରବ ପ୍ରାର୍ଥନା କରାଯାଇଛି। ଏଥିସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକାଡେମୀର ସମସ୍ତ କାର୍ଯ୍ୟାଳୟକୁ



ଅପରାହ୍ନରେ ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତକାଲି ଭୋର୍ ସାଢ଼େ ୪ଟା ସମୟରେ ଖାରବେଳନଗରସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ କାବ୍ୟ ଓ ସାହିତ୍ୟ ଜଗତ ସ୍ତବ୍ଧ ହୋଇଛି। ବିଦେଶରେ ରହୁଥିବା ତାଙ୍କ ପୁଅ ପିନାକୀ ଓଡିଶା ଫେରିବା ପରେ ସ୍ୱର୍ଗତଃ ରଥଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଓଡ଼ିଆ କବିତାର ଏହି ବିରାଟ ସ୍ରଷ୍ଟା ଶ୍ରୀ ରଥ ୧୯୩୪ ଡିସେମ୍ବର ୧୩ରେ କଟକଠାରେ ଜନ୍ମଗ୍ରହଣ କରିଥିଲେ। ତତ୍କାଳୀନ ଭବାନୀପାଟଣା ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ପାଠ ପଢ଼ିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ହାସଲ କରିଥିଲେ। ୧୯୫୭ରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଭାବେ ଚାକିରିରେ ଯୋଗ ଦେଇଥିଲେ। ରାଜ୍ୟର ସର୍ବୋଚ୍ଚ ପ୍ରଶାସନିକ ପଦ ବା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୨ରେ ସେ ଏହି ପଦରୁ ଅବସର ଗ୍ରହଣ କରିଥିଲେ। ଶ୍ରେଷ୍ଠ କବିତା ଗ୍ରନ୍ଥ 'ଶ୍ରୀରାଧା' ପାଇଁ ସେ ସରସ୍ୱତୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହା ପ୍ରକାଶିତ ହେବା ପରେ ଓଡ଼ିଆ କାବ୍ୟ ସାହିତ୍ୟରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହି କାବ୍ୟ ସଂକଳନ ସମଗ୍ର ଦେଶରେ ଚର୍ଚ୍ଚିତ ଓ ଆଦୃତ ହୋଇଥିଲା। ୧୯୯୦ରେ ତାଙ୍କର ଏହି ଶ୍ରେଷ୍ଠ କୃତୀକୁ ହିନ୍ଦୀରେ ଅନୁବାଦ କରାଯାଇଥିଲା। ଏହି କାବ୍ୟ ଗ୍ରନ୍ଥ ଇଂରାଜୀ ଓ ୮ଟି ଭାରତୀୟ ଭାଷାରେ ଅନୁବାଦିତ ହୋଇଛି। ତାଙ୍କର ଅନ୍ୟତମ କୃତୀ 'ସପ୍ତମ ଋତୁ' ପାଇଁ ଶ୍ରୀ ରଥ ୧୯୭୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୮୪ରେ ପ୍ରସିଦ୍ଧ ସାରଳା ପୁରସ୍କାର ପାଇଥିବା ଶ୍ରୀ ରଥ ରାଜ୍ୟ ନୁହେଁ, ଜାତୀୟ ସ୍ତରରେ ପ୍ରତିଷ୍ଠିତ ଥିଲେ। ୧୯୮୮ରେ ଜଣେ ଏସୀୟ କବି ହିସାବରେ ସେ ସୋଭିଏତ୍ ସଂଘରେ ଭାରତୀୟ କବିଙ୍କ ପ୍ରତିନିଧିତ୍ୱ କରିଥିଲେ। ଏଥିସହ ଭାରତୀୟ ଲେଖକ ଗୋଷ୍ଠୀର ପ୍ରତିନିଧି ଭାବେ ସେ ଚୀନ, ଫ୍ରାନ୍ସ, ଇଂଲଣ୍ଡ ଓ ସ୍ୱିଡେନରେ କବିତା ପାଠ କରିଥିବା ବେଳେ ୨୦୦୧ରେ ଏକମାତ୍ର ଭାରତୀୟ ଲେଖକ ଭାବେ ତାଇୱାନକୁ ନିମନ୍ତ୍ରିତ ହୋଇଥିଲେ। କବିତା ଗ୍ରନ୍ଥ 'ସଚିତ୍ର ଅନ୍ଧାର' ପାଇଁ ୧୯୯୦ରେ ଜାତୀୟ ସଂହତି ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୧୯୯୦ରେ ବିଷୁବ ସମ୍ମାନ ଲାଭ କରିଥିଲେ। ୧୯୯୩-୧୯୯୮ ମସିହା ଯାଏ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଥିଲେ । ୧୯୯୮ରୁ ୨୦୦୩ ଯାଏ ଏକାଡେମୀର ସଭାପତି ଭଳି ଗୁରୁ ଦାୟିତ୍ୱ ତୁଲାଇଥିଲେ।

### ୨୦୨୪ ଓଡ଼ିଶା ନିର୍ବାଚନ

## ସରକାର ଖର୍ଚ୍ଚ କରିଥିଲେ ୧୧୫ କୋଟି ଟଙ୍କା

**ଭୁବନେଶ୍ୱର,୧୭।୩ (ସଂଚାର ବ୍ୟୁରୋ):** ୨୦୨୪ ରେ ଓଡ଼ିଶାରେ ଏକକାଳୀନ ଲୋକସଭା ଏବଂ ବିଧାନସଭା ନିର୍ବାଚନ ସମୟରେ ରାଜ୍ୟ ସରକାର ଗାଡ଼ି ଏବଂ ସାଉଣ୍ଡ ସିଷ୍ଟମ ଭଡା ଏବଂ ତମ୍ବୁ ଏବଂ ବ୍ୟାରିକେଡ୍ ଲଗାଇବା ପାଇଁ ୧୧୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଏହା ପ୍ରକାଶ କରିଛନ୍ତି। ଗତ ବର୍ଷ ଓଡ଼ିଶାରେ ଯୁଗ୍ମ ନିର୍ବାଚନ ସମୟରେ ରାଜ୍ୟ ସରକାର ଗାଡ଼ି ଏବଂ ସାଉଣ୍ଡ ସିଷ୍ଟମ ଭଡା ଏବଂ ତମ୍ବୁ ଏବଂ ବ୍ୟାରିକେଡ୍ ଲଗାଇବା ପାଇଁ ମୋଟ ୧୧୫.୯୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ବର୍ଷ ନିର୍ବାଚନ ସମୟରେ ସରକାର ଗାଡ଼ି ଭଡା ପାଇଁ ୮୦.୯୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ୨୦୨୪ ମସିହାରେ ରାଜ୍ୟରେ ନିର୍ବାଚନ ସମୟରେ ସାଉଣ୍ଡ ସିଷ୍ଟମ, ତମ୍ବୁ ଏବଂ ବ୍ୟାରିକେଡ୍ ପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## ୧୬ ବର୍ଷ ଧରି ଅଭିଯୋଗ ପ୍ରକୋଷ୍ଠ ଆସିନଥିଲେ ନବୀନ



**ଭୁବନେଶ୍ୱର,୧୭।୩:** ୨୦୦୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମାତ୍ର ୭୬ଥର ପାଇଁ ଆସିଛନ୍ତି। ୨୦୦୮ ପରଠାରୁ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିନାହାନ୍ତି। ତେବେ ୨୦୨୪ ଜୁନ୍‌ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ୯ଥର ପାଇଁ ଆସିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୦୦ ମସିହାରୁ ୨୦୨୪ ମଧ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାତ୍ର ୭୬ଥର ପାଇଁ ତାଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଛନ୍ତି। ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ୧୨ଥର ପାଇଁ ଆସିଥିବାବେଳେ ୨୦୦୧ ମସିହାରେ ସର୍ବାଧିକ ୨୦ଥର ପାଇଁ ଆସିଥିଲେ। ସେହିଭଳି ୨୦୦୨ରେ ୧୩ଥର, ୨୦୦୩ରେ ୯ଥର, ୨୦୦୪ରେ ୨ଥର, ୨୦୦୫ରେ ୪ଥର, ୨୦୦୬ରେ ମାତ୍ର ଥରୁଟିଏ ଆସିଥିବାବେଳେ ୨୦୦୭ରେ ୩ଥର ଏବଂ ୨୦୦୮ରେ ୧୨ଥର ପାଇଁ ଆସିଥିଲେ। ୨୦୦୮ ରୁ ୨୦୨୪ ମଇ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଆଉ ତାଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ନାହାନ୍ତି। ତେବେ ୨୦୨୪ ଜୁନ୍‌ରେ ନୂଆ ସରକାର ଗଠନ ହେବାପରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୯ଥର ପାଇଁ ଆସିବା ସହିତ ନିଜେ ଅଭିଯୋଗ ଶୁଣିଛନ୍ତି। ଏଥି ମଧ୍ୟରେ ୨୦୨୪ ମସିହା ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀ ପ୍ରଥମଥର ପାଇଁ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବାବେଳେ ୨୦୨୪ ଜୁଲାଇ ୧୫, ଅଗଷ୍ଟ ୫, ସେପ୍ଟେମ୍ବର ୨୩, ଅକ୍ଟୋବର ୨୧, ଡିସେମ୍ବର ୧୬ ଓ ଡିସେମ୍ବର ୨୩ ତାରିଖରେ ଆସିଥିଲେ। ସେହିଭଳି ୨୦୨୫ ଫେବୃଆରୀ ୩ ତାରିଖ ଓ ମାର୍ଚ୍ଚ ୩ତାରିଖରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। (ତଥ୍ୟ)

● ୩୧ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ

## ପୂର୍ବତନ ପ୍ୟାକ୍ସ ସମ୍ପାଦକ ଗିରଫ



**ବରଗଡ଼,୧୭।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଲଖନପୁର ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ ଧ୍ରୁବଚରଣ ସାହୁଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରିଛି। ତାଙ୍କ ବିରୋଧରେ ୩୧ ଲକ୍ଷ ୪୭ ହଜାର ୬୮୫ ଟଙ୍କାର ଠକେଇ ଅଭିଯୋଗ ରହିଛି। ଏହି ଅଭିଯୋଗର ତଦନ୍ତ ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଶ୍ରୀ ସାହୁ ଉପରୋକ୍ତ ଟଙ୍କା ଆଦାୟ କରିଥିଲେ ହେଁ ଏହାକୁ ସରକାରୀ ରାଜକୋଷରେ ଜମା କରିନଥିଲେ କି ସମିତି ପକ୍ଷରୁ ଏନେଇ ରହିଥିବା ପୁସ୍ତକରେ ଅର୍ଥ ସଂଗ୍ରହ ସଂକ୍ରାନ୍ତରେ କିଛି ବି ଉଲ୍ଲେଖ କରିନଥିଲେ। ନିଜ କ୍ଷମତାର ଦୁରୁପଯୋଗ କରିଥିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ପରେ ତାଙ୍କୁ ବରଗଡ଼ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ଚାଲାଣ କରାଯାଇଛି। ଏନେଇ ଆଜି ଭିଜିଲାନ୍ସ ପକ୍ଷରୁ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଏହି ଘଟଣାଟି ସମଗ୍ର ବରଗଡ଼ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ସରକାରୀ ବସ୍ ଧକ୍କାରେ ସ୍କୁଟିଚାଳକ ମୃତ

● ଜଣେ ଗୁରୁତର, ପ୍ରତିବାଦରେ ରାସ୍ତା ଅବରୋଧ

**ଭଞ୍ଜନଗର,୧୭।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚଭୂତି ନିକଟରେ ସ୍କୁଟିକୁ ଏକ ଓଏସଆରଟିସି ବସ୍ ଧକ୍କା ଦେବା ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ସ୍କୁଟି ଚଳାଉଥିବା ଭାଇର ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପଛରେ ବସିଥିବା ଭଉଣୀ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ଜଗନ୍ନାଥପ୍ରସାଦ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତକ ଜଣଙ୍କ ନିକଟସ୍ଥ ଚଢ଼ିଆପଲ୍ଲୀ ଗ୍ରାମର ଦୀପକ ନାଏକ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କଟକରୁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଭିମୁଖେ ଯାଉଥିବା ଓଏସଆରଟିସି ବସଟି ବିପରୀତ ଦିଗରୁ ଆସୁଥିବା ସ୍କୁଟିକୁ ଧକ୍କା ଦେଇଥିଲା। ଏହା ପ୍ରତିବାଦରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଘଟଣା ସ୍ଥଳରେ ଜଗନ୍ନାଥପ୍ରସାଦ ତହସିଲଦାର ଓ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୁଲିସ୍ ବସ୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

### ପିଶାଚ ସାଜିଲେ ବାପା-ସାବତ ମା'

## ପୁଅକୁ ଘରେ କବାଟ ବନ୍ଦକରି ନିଆଁ ଲଗାଇଦେଲେ

**ବଣାଇ,୧୭।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଳବହାଳୀ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘରେ ପୁଅ ଦଶରଥ ଭୂମିଜ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ବାପା ସମରା ଭୂମିଜ ଓ ସାବତ ମା' ରମାଦେଈ ଭୂମିଜ ମିଶି ବାହାର ପଟୁ କବାଟ ବନ୍ଦ କରିବା ସହ ଘରେ ନିଆଁ ଲଗେଇ ଦେଇଥିଲେ। ଘର ଜଳିବାରୁ ତାତିରେ ଦଶରଥ ନିଦ ଭାଙ୍ଗିଯାଇଥିଲା। ସେ ନିଆଁ ଦେଖି ଜୀବନ ବଞ୍ଚାଇବା ସକାଶେ ଚିତ୍କାର କରିବା ସହ ବାହାରକୁ ଆସିବାକୁ ଉଦ୍ୟମ କରିଥିଲା। କିନ୍ତୁ ବାହାର ପଟୁ କବାଟ ବନ୍ଦ ଥିବାରୁ ସେ ବାହାରକୁ ଆସିପାରିନଥିଲା। ଏପରିକି ଝରକା ପଟେ ତା'ର ବାପା ଓ ସାବତ ମା' ସବୁକିଛି ଦେଖୁଥିଲେ ହେଁ କବାଟ ଖୋଲିନଥିବା ସେ ଦେଖିବାକୁ ପାଇଥିଲା। କିନ୍ତୁ ଦଶରଥଙ୍କ କକା ଓ ପାଖ ପଡ଼ୋଶୀ ତା'ର ଚିତ୍କାର ଶୁଣି କବାଟ ଖୋଲିଥିଲେ। କିନ୍ତୁ ସେତେବେଳକୁ ଦଶରଥ ଶରୀରର ପ୍ରାୟ ୪୦ ଭାଗ ଜଳିଯାଇଥିଲା। କକା ଓ ପଡ଼ୋଶୀ ମିଶି ଦଶରଥକୁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ପରେ ଦଶରଥକୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦଶରଥ ଅବସ୍ଥା ସଙ୍କଟାପନ୍ନ ରହିଛି। ଏନେଇ ଦଶରଥର କକା ସମରା ଓ ରମାଦେଈ ନାଁରେ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଲହୁଣୀପଡ଼ା ପୁଲିସ ଅଭିଯୋଗ ଆଧାରରେ ଉଭୟଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ତେବେ ନିଜ ପୁଅକୁ ହତ୍ୟା କରିବା ପାଇଁ ସାବତ ମା' ସହ ବାପା କିପରି ହାତ ମିଳାଇ ପିଶାଚ ସାଜିଲା ଓ ଏହା ପଛର ରହସ୍ୟ କ'ଣ, ସେନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଘରେ ପଶି ମହିଳାଙ୍କୁ ଜାଳିଦେଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୧୭।୩ (ସଂଚାର ବ୍ୟୁରୋ):** ରାଜଧାନୀରେ ବିପର୍ଯ୍ୟସ୍ତ ହେଲାଣି କି ଆଇନଶୃଙ୍ଖଳା ପରିସ୍ଥିତି । ହୋଲିରେ ଦୁଇଟି ହତ୍ୟା ଘଟଣା ପରେ ଏବେ ପୁଣି ଚାଞ୍ଚଲ୍ୟ । ଗତ ରବିବାର ରାତିରେ ଜଣେ ମହିଳାଙ୍କ ଘରେ ପଶି ନିଆଁ ଲଗାଇ ଦେଇଛି ଦୁର୍ବୃତ୍ତ । ଘଟଣାଟି ଘଟିଛି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପଛପଟରେ । ମହିଳା ୭୦ ପ୍ରତିଶତ ପୋଡି ଯାଇଥିବା ବେଳେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ମହିଳାଙ୍କ ନା ସରୋଜିନି ପ୍ରଧାନ । ସେ କ୍ୟାପିଟାଲ ହସ୍ପିଟାଲର ପଛ ପଟେ ଥିବା ଆଇସିୟୁ ଓ୍ୱାର୍ଡ ପାଖରେ ଏକ ଛୋଟ ଚା' ଜଳଖିଆ ଦୋକାନ କରିଥିଲେ । ହେଲେ ଗତକାଲି(ରବିବାର) ରାତିରେ ତାଙ୍କ ସହ ଏପରି ଘଟିଥିଲା । କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଛି । ଥାନାରେ ଅଭିଯୋଗ ପରେ ଘଟଣାଟି ସାମ୍ନାକୁ ଆସିଛି। ଖବରପାଇ କ୍ୟାପିଟାଲ ଥାନାର ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି । ସେପଟେ ମହିଳାଙ୍କ ଶରୀରର ୭୦ ପ୍ରତିଶତ ପୋଡି ହୋଇଯାଇଥିବା କାରଣରୁ ମହିଳା ଏବେ ଗୁରୁତର ଅଛନ୍ତି । ତେବେ ମହିଳାଙ୍କ ସ୍ୱାମୀ ପଞ୍ଚାନନ ପ୍ରଧାନଙ୍କ କହିଛନ୍ତି, 'ଗତକାଲି(ରବିବାର) ରାତି ପ୍ରାୟ ୩ଟା ରାତି ପାଖ ପାଖି ହେବ। ଜଣେ ଦୁର୍ବୃତ୍ତ ଏକୁଟିଆ ଆସିଥିଲା । ପ୍ରଥମେ ଡବାଟାକୁ ଧରି ପେଟ୍ରୋଲ ମାରିବାକୁ ଆରମ୍ଭ କରିଥିଲା । ଯେତେବେଳେ ସେ ଢାଳିବା କଲା ମୋ ସ୍ତ୍ରୀ ଦେଖିବାକୁ ପାଇଲେ । ସେ ଡିଆସିଲ ମାରି ଛୁ ମାରିଲା । ସେ ଚିତ୍କାର କରିବା ପରେ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୋ ସ୍ତ୍ରୀ ୭୦ଭାଗ ପୋଡି ଯାଇଛି ପୁଅ ମଧ୍ୟ ଆଂଶିକ ପୋଡ଼ିଯାଇଛନ୍ତି ।'

### ଗୋ-ଚାଲାଣ ଓ ଏମବିକେ ସିଆରପି ନିଯୁକ୍ତିରେ ଅନିୟମିତତା

## ରାଜାଙ୍କ ବିରୋଧରେ ବିଜେପିର ଅଭିନବ ପ୍ରତିବାଦ

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର
● ସପ୍ତାହକ ମଧ୍ୟରେ ପଦକ୍ଷେପ ଦାବି

**ଆଠଗଡ଼,୧୭।୩(ସଂଚାର ବ୍ୟୁରୋ):** ଗୋ-ଚାଲାଣ ଓ ଏମ୍‌ବିକେ ସିଆରପି ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେପି ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ବିଜେପିର କର୍ମକର୍ତ୍ତାମାନେ ଲଣ୍ଠନ ଓ ମାଛଜାଲ ଧରି ଏହି ପ୍ରତିବାଦ ସଭାରେ ଯୋଗଦେଇଥିଲେ। ଏହାର ନେତୃତ୍ୱ ଅଭୟ କୁମାର ବାରିକ ନେଇଥିବା ବେଳେ ଏଦିଗରେ ଠୋସ୍ ପଦକ୍ଷେପ ସକାଶେ ଦଳ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଦଳୀୟ କର୍ମୀମାନେ ବିଜେଡି କାର୍ଯ୍ୟାଳୟ ସୂର୍ଯ୍ୟ ଭବନ ଭିତରେ ପଶିବା ସକାଶେ ଉଦ୍ୟମ କରିଥିଲେ।

ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବିରୋଧରେ ଶ୍ରୀ ବାରିକ ରଣହୁଙ୍କାର ଦେବା ସହ ଲଣ୍ଠନ ଧରି ଖୋଜିବା ସହ ମାଛ ଜାଲରେ ପକାଇବେ ବୋଲି ସ୍ଲୋଗାନ୍ ଦେଇଥିଲେ। ଗୋ-ଚାଲାଣ, ଦୁର୍ନୀତି, ମାଫିଆରାଜ ପ୍ରସଙ୍ଗରେ ସେ ରାଜାଙ୍କଠାରୁ ଜବାବ ମାଗିଛନ୍ତି। ତାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବିଧାୟକଙ୍କ ବାସଭବନରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ଏହାଛଡ଼ା ସେମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ। ସିଆରପି ଏମବିକେ ନିଯୁକ୍ତିରେ ଅନିୟମିତତା, ଗୋ-ଚାଲାଣ ଆଦିରେ ରାଜା ସ୍ୱାଇଁଙ୍କ ସମ୍ପୃକ୍ତି ଥିବା ନେଇ ଲେଖା ସମ୍ବଳିତ ପ୍ଲାକାର୍ଡ ସେମାନେ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ହାତରେ ଥିଲା ଲଣ୍ଠନ ଓ ମାଛ ଜାଲ। ରାଜା ମିଆଁ ମୁର୍ଦ୍ଦାବାଦ, ରାଜା ତୁମେ ସନାତନୀ ନା



ଆଉ ଅନ୍ୟ ଧର୍ମର, ଜବାବ ଦିଅ ଆଦି ସ୍ଲୋଗାନ୍ ଦେଇ ବିଜେପି କର୍ମୀମାନେ ଏହି ଶୋଭାଯାତ୍ରା କରିଥିଲେ।

ଏଥିସହ ଆଠଗଡ଼ ନିର୍ବାଚନମଣ୍ଡଳୀର ଟିଗିରିଆ ବ୍ଲକ ଅନ୍ତର୍ଗତ ବାରମାଣ ସଂରକ୍ଷିତ ଜଙ୍ଗଲରେ ଲକ୍ଷ ଲକ୍ଷ ଗୋରୁଗାଈଙ୍କ କଙ୍କାଳ ମିଳିବା ଘଟଣା ନେଇ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ବିଜେପି ପକ୍ଷରୁ ଟିଗିରିଆ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଏହି ଘଟଣାକୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ଏନେଇ ସ୍ଥାନୀୟ ବିଧାୟକ ମୁହଁ ନଖୋଲିବା ଏବଂ ତାଙ୍କ ବିରୋଧରେ ପୁଲିସ ପ୍ରଶାସନ କୌଣସି ପଦକ୍ଷେପ ନନେବା, ଟିଗିରିଆ ବ୍ଲକରେ ସିଆରପି ଏମବିକେ ନିଯୁକ୍ତିରେ ବ୍ୟାପକ ଅନିୟମିତତା, ବିଜେଡି କାର୍ଯ୍ୟାଳୟ ସିଆରପି ଏମବିକେ ପରୀକ୍ଷା କେନ୍ଦ୍ର ପାଲଟିଥିଲା ଅଭିଯୋଗ କରି ବିଜେପି ନେତା ଓ କର୍ମୀମାନେ ବିଧାୟକଙ୍କ କାର୍ଯ୍ୟାଳୟ ଆଡ଼କୁ ଯିବା ସମୟରେ ସେମାନଙ୍କୁ ଚାନ୍ଦବାଲି ଛକଠାରେ ପୁଲିସ ଅଟକାଇଥିଲା। ପରେ ବିଜେପି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ସପ୍ତାହକ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନନେଲେ, ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଜେଲରୁ ମୁକୁଳିବେ ଠକ ହଂସିତା ଏବଂ ଅନୀଲ, ହାଇକୋର୍ଟରୁ ମିଳିଲା ଜାମିନ



**କଟକ,୧୭।୩(ସଂଚାର ବ୍ୟୁରୋ):** ହଂସିତା ଅଭିଲିପ୍ସାଙ୍କୁ ମିଳିଲା ଜାମିନ। ସହଯୋଗୀ ଅନୀଲ ମହାନ୍ତିଙ୍କୁ ବି ଜାମିନ ପ୍ରଦାନ କରିଛନ୍ତି ଓଡିଶା ହାଇକୋର୍ଟ । ଉଭୟ ପାସପୋର୍ଟ ସରେଣ୍ଡର କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି । ସେହିପରି ୫୦ ହଜାର ଟଙ୍କାର ଜଣେ ଜାମିନଦାର ବଦଳରେ ଜାମିନ ପାଇଁ କୋର୍ଟ ସର୍ତ୍ତ ରଖିଛନ୍ତି। ମୂଳ ଠକେଇ ମାମଲାରେ ଉଭୟଙ୍କୁ ଜାମିନ ପ୍ରଦାନ କରିଛନ୍ତି କୋର୍ଟ । ଏଣିକି ଜେଲରୁ ମୁକୁଳିବା ବାଟ ଫିଟିଛି । ୫୦ ହଜାର ଟଙ୍କାର ଜଣେ ଜାମିନଦାର ସହ ପାସପୋର୍ଟ ଦାଖଲ ନିର୍ଦ୍ଦେଶ । ହଂସିତା ଅଭିଲିପ୍ସାଙ୍କୁ ହାଇକୋର୍ଟରୁ ପୂର୍ବରୁ ମଧ୍ୟ ଆଶ୍ୱସ୍ତ ମିଳିଛି। ଗୋଟିଏ ମାମଲାରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନକରିଛନ୍ତି। ଭୁଲ ତଥ୍ୟ ଦେଇ ପାସପୋର୍ଟ ହାତେଇବା ମାମଲାରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କୋର୍ଟ। ୪୦ ହଜାର ଟଙ୍କାର ଜଣେ ଜାମିନଦାର ବଦଳରେ ଜାମିନରେ ମୁକୁଳିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି । ସେହିପରି ଠକେଇ ଅଭିଯୋଗ ମାମଲାରେ ଜାମିନ ଆବେଦନର ଶୁଣାଣି ଶେଷ କରି, ରାୟ ସଂରକ୍ଷିତ ରଖିଥିଲେ କୋର୍ଟ। ସହଯୋଗୀ ଅନୀଲ ମହାନ୍ତିଙ୍କ ଆବେଦନର ଶୁଣାଣି ମଧ୍ୟ ଶେଷ କରିଥିଲେ କୋର୍ଟ । ଠକ ପାର୍ଟନର ଅନିଲ ମହାନ୍ତି ଓ ହଂସିତା ଅଭିଲିପ୍ସା ବିରୋଧରେ ସାଙ୍ଘାତିକ ଅଭିଯୋଗ ହୋଇଛି। ରାଜଧାନୀରେ ଯୁବତୀ ଚାଲାଣ କରୁଥିବା ଅଭିଯୋଗରେ ମାମଲା ରୁଜୁ କରିଛି ପୋଲିସ। ଏନେଇ ଉଭୟ ଠକ ପାର୍ଟନରଙ୍କ ନାଁରେ ମାମଲା ରୁଜୁ କରିଛି ପୋଲିସ ।

### ଶୁଭ ସଙ୍କେତ

## ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

**ପୁରୀ,୧୭।୩(ସଂଚାର ବ୍ୟୁରୋ):** ପୁରୀ ଶ୍ରୀମନ୍ଦିର ଚୂଡ଼ାରେ ଉଡୁଥିବା ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଛି। ଶୂନ୍ୟରେ ପତିତପାବନ ବାନାରେ ଆପେ ଆପେ ଗଣ୍ଠି ପଡ଼ିଗଲେ ଏହାକୁ ଶୂନ୍ୟ ଗଣ୍ଠି କୁହାଯାଏ। ତେବେ ଏହା ଦେଶ ଓ ରାଜ୍ୟ ପାଇଁ ଏକ ଶୁଭ ସଙ୍କେତ ବୋଲି କୁହାଯାଉଛି। କାରଣ ବିଶ୍ୱାସ ରହିଛି ଶୂନ୍ୟଗଣ୍ଠି ଘରେ ରଖିଲେ ସମସ୍ତ ପ୍ରକାରର



ବ୍ୟାଧିରୁ ମୁକ୍ତ ମିଳିଥାଏ। ବିପଦଆପଦ ଦୂର ହୋଇଥାଏ ବୋଲି ଜନୈକ ଚୂନରା ସେବକ କହିଛନ୍ତି। ଗତକାଲି ପ୍ରବଳ ପବନ ବହିବା ସମୟରେ ପତିତପାବନ ବାନାରେ ଗଣ୍ଠି ପଡ଼ିଯାଇଥିଲା। ଗଣ୍ଠି ପଡ଼ିଯାଇଥିବା ଅବସ୍ଥାରେ ପତିତପାବନ ବାନା ଉଡୁଥିବା ଦେଖାଯାଇଥିଲା। ଅବଶ୍ୟ ଏହାକୁ ଆଜି ସନ୍ଧ୍ୟା ସମୟରେ ଓହ୍ଲାଇଦିଆଯାଇ ନୂଆ ବାନା ଲଗାଯାଇଛି। କିନ୍ତୁ ଏହି ଶୂନ୍ୟ ଗଣ୍ଠିରେ ଦେଶ ଓ ରାଜ୍ୟରେ କିଛି ଶୁଭ ଫଳ ଫଳିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଦେଶ ଓ ରାଜ୍ୟ ପ୍ରତି ଥିବା ବିପଦକୁ ମହାପ୍ରଭୁ ଦୂର କରିବା ନେଇ ଶୂନ୍ୟଗଣ୍ଠି ମାଧ୍ୟମରେ ସଙ୍କେତ ଦେଇଛନ୍ତି ବୋଲି ଜଣେ ବରିଷ୍ଠ ଦଇତାପତି ସେବାୟତ କହିଛନ୍ତି।

## ରାଜଧାନୀରେ ୬ ମାସରେ ୧୮ ଫ୍ଲାଟ୍‌ରୁ ୩୮ ଲକ୍ଷ ଟଙ୍କା ଚୋରି



**ଭୁବନେଶ୍ୱର,୧୭।୩ (ସଂଚାର ବ୍ୟୁରୋ):** କମିସନରେଟ୍ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି ଆପାର୍ଟମେଣ୍ଟରୁ ଚୋରି। ନୂଆ ସରକାର ଆସିବାର ୬ ମାସରେ ଭୁବନେଶ୍ୱରରେ ୧୮ଟି ଫ୍ଲାଟ୍‌ରୁ ୩୮ ଲକ୍ଷ ୪୪ ହଜାର ଟଙ୍କା ଚୋରି ହୋଇଛି । ଏଥିରୁ ୩୧ ଲକ୍ଷ ୭୩ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ବିଧାନସଭାରେ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିପରି ଆବାସିକ ଘରୁ ୪୦୩ଟି ଚୋରିରେ ୧ କୋଟି ୮୨ ଲକ୍ଷ ୭ ହଜାର ୯୪୨ ଟଙ୍କାର ଚୋରି ଅଭିଯୋଗ ଆସିଛି । ଏଥିରୁ ଜବତ ହୋଇଛି ୭୯ ଲକ୍ଷ ୩୫ ହଜାର ଟଙ୍କା । କଟକର ଦୁଇଟି ଫ୍ଲାଟ୍‌ରୁ ୧୦ ଲକ୍ଷ ଟଙ୍କାର ଚୋରି ହୋଇଥିବା ବେଳେ ଆବାସିକ ଘରୁ ୫୭ଟି ଚୋରି ମାମଲାରେ ୩୯ ଲକ୍ଷ ୭୯ ହଜାର ଟଙ୍କା ଚୋରି ହୋଇଥିବା ନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ।

## ପୋଖରୀରେ ପଡ଼ି ମହିଳାଙ୍କ ସଲୀଳ ସମାଧି

**ଖଣ୍ଟାପଡ଼ା,୧୭।୩(ସଂଚାର ବ୍ୟୁରୋ):** ପୋଖରୀରେ ବୁଡ଼ି ଚାଲିଗଲା ମହିଳାଙ୍କ ଜୀବନ। ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ମହିଳାଙ୍କ ମୃତ୍ୟୁ ଘଟିଛି। ଖଣ୍ଟାପଡ଼ା ଥାନା ଅଧୀନସ୍ଥ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବାଇଗଡ଼ିଆ ଅଞ୍ଚଳରେ




ଏପରି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ବାଇଗଡ଼ିଆ ଅଞ୍ଚଳର ସୋନି ସିଂହ (୪୦) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ନୀଳଗିରି ଖଣ୍ଟାପଡ଼ା ଥାନା ଅଧୀନସ୍ଥ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବାଇଗଡ଼ିଆ ଅଞ୍ଚଳର ଟିପୁ ସିଂହଙ୍କ ଝିଅ ସୋନି (୪୦) ଆଜି ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ କୌଣସି କାରଣରୁ ପାଣିରେ ପଡ଼ିଯାଇଥିଲେ। ସୋନିଙ୍କ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ହେବ ସୋନିଙ୍କର କୌଣସି ପତ୍ତା ମିଳି ନଥିଲା। ତେବେ କିଛି ସମୟ ପରେ ଘର ନିକଟସ୍ଥ ପୋଖରୀରେ ସୋନି ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଖଣ୍ଟାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। କିନ୍ତୁ ସେତେବେଳକୁ ସୋନିଙ୍କର ମୃତ୍ୟୁ ହୋଇସାରିଥିଲା। ଡାକ୍ତରଖାନାରେ ପହଞ୍ଚିବା କ୍ଷଣି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ହାତୀ ଆକ୍ରମଣରେ ଜଣେ ମୃତ

● କାଠ ସଂଗ୍ରହ ପାଇଁ ଯାଇଥିଲେ

**ସମ୍ବଲପୁର,୧୭।୩ (ସଂଚାର ବ୍ୟୁରୋ):** ସମ୍ବଲପୁର ଯୁଯୁମୁରାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଯୁଯୁମୁରା ବ୍ଲକ ବୀରସିଂହଗଡ ପଞ୍ଚାୟତ ଅଧୀନ ବସିଆପଡ଼ାର ଜିନ ବାଦି ବୋଲି ଜଣାପଡ଼ିଛି। ଜିନ ନିକଟସ୍ଥ ରାୟ କଣ୍ଟା ଜଙ୍ଗଲକୁ ସକାଳୁ କାଠ ସଂଗ୍ରହ ପାଇଁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବା ପରେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରିବାର ଲୋକେ ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ଜିନଙ୍କ ମୃତଦେହ ଏକ ଗଛ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏନେଇ ପରିବାର ଲୋକେ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଜବତ କରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ଜିନଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ରାଜା ଚକ୍ରକୁ ଢାଲ ପରି ଜଗିଥିଲା ପ୍ରଶାସନ

### ଏଫ୍‌ଆଇଆର୍‌ରେ ନାଁ ଥାଇବି ଚାର୍ଜସିଟରୁ ଉଡ଼ିଗଲା



**ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଖଣି ଲୁଟ ଘଟଣାରେ ଗିରଫ ରାଜା ଚକ୍ରକୁ କିଏ ଦେଉଥିଲେ ସୁରକ୍ଷା। କାହା ଛତ୍ରଛାୟା ତଳେ ଲୁଟ କରୁଥିଲେ ଖଣି। ଏବେ ଏମିତି କିଛି ପ୍ରଶ୍ନ ଉଠୁଥିବା ବେଳେ ପୂର୍ବତନ ଜିଲ୍ଲା ପ୍ରଶାସନର ମୁଖ୍ୟଙ୍କ ଭୂମିକା ବି ସନ୍ଦେହ ଘେରରେ। ପୂର୍ବତନ ବିରୋଧୀଦଳ ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗାଡି ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଏଫଆଇଆରରେ ରାଜା ଚକ୍ର ନାଁ ଥିଲା। କିନ୍ତୁ ଚାର୍ଜସିଟରେ ତାଙ୍କ ନାଁକୁ କେମିତି କାଟିଦିଆଯାଇଥିଲା। ତାକୁ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି ସାମାଜିକ କର୍ମୀ। ଏନେଇ ସେମାନେ ଡିଜିପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

୨୦୨୧, ଅକ୍ଟୋବର ୧୦ ତାରିଖ ଦିନ ପ୍ରାୟ ୧୧ଟା ୪୫ ମିନିଟରେ ମଣ୍ଡୁଆ ଅରଡ଼େଇ ନାଳ ପାଖରେ ମୋହନ ମାଝୀଙ୍କ ଗାଡ଼ିକୁ ହୋଇଥିଲା ବୋମାମାଡ଼। ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ ମୋହନ ମାଝୀ। ଏତଲା କପିରେ ସ୍ପଷ୍ଟ ଭାବେ ଦର୍ଶାଇଥିଲେ ହତ୍ୟା ଉଦ୍ଦେଶ୍ୟରେ ସୌମ୍ୟଶଙ୍କର ଚକ୍ର ଓରଫ୍ ରାଜା କରିଥିଲା ବୋମାମାଡ଼। ଏତଲା ଆଧାରରେ ସଙ୍ଗିନ ଦଫା ବି ଲଗାଇଲା ପୁଲିସ। ତତ୍କାଳୀନ ଏସପି ତଦନ୍ତ ଭାର ନିଜ ହାତକୁ ନେଇଥିଲେ। ବୋମାମାଡ଼ ଘଟଣାରେ ବିଜେପି ବିଧାୟକମାନେ କେନ୍ଦୁଝରରେ ଆନ୍ଦୋଳନ ବି କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଚାର୍ଜସିଟରୁ ରାଜାର ନାଁ କାଟିଦେଇଥିବା ଅଭିଯୋଗ ହୋଇଛି। ଏପରିକି ଟାଉନ ଥାନାରେ ମାମଲା ଥିଲେ ବି ସେହି ଥାନାର ଅଧିକାରୀଙ୍କୁ ବାଦ୍ ଦେଇ ଦୁଇ ବୋଲକରା ଅଧିକାରୀଙ୍କୁ ଧରି ତଦନ୍ତ କରାଯାଇଥିବା ଅଭିଯୋଗ ହେଉଛି। କେବଳ ଗୋଟିଏ ମାମଲା ନୁହଁ, ରାଜା ବିରୋଧରେ ବିଭିନ୍ନ ଥାନାରେ ଥିବା ୧୪ରୁ ଅଧିକ ମାମଲା ମଧ୍ୟରୁ ଅଧିକାଂଶ ମାମଲାରେ ରାଜା ଚକ୍ର ପାଇଁ ପୂର୍ବତନ ଜିଲ୍ଲା ପ୍ରଶାସନ ଢାଲ ସାଜିଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝରର କିଛି ସାମାଜିକ କର୍ମୀ ଡିଜିପିଙ୍କୁ ଭେଟି ପୂର୍ବତନ ଜିଲ୍ଲା ପ୍ରଶାସନର ପ୍ରମୁଖ ଅଧିକାରୀଙ୍କୁ ମଧ୍ୟ ଏହି ଘଟଣାରେ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ୨୪ରୁ ଧର୍ମଘଟ: ୪ ଦିନ ବନ୍ଦ ରହିବ ବ୍ୟାଙ୍କ୍




**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୩:** ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ (ଆଇବିଏ) ସହିତ ଆଲୋଚନା ବିଫଳ ହେବା ପରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ ) ମାର୍ଚ୍ଚ ୨୪ ଏବଂ ୨୫ ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି। ୟୁଏଫବିୟୁର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ନିଯୁକ୍ତି, ଚାକିରି ସୁରକ୍ଷା ଏବଂ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଆଦି ରହିଛି। ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ମାର୍ଚ୍ଚ ୨୪ ଏବଂ ୨୫ ତାରିଖ ଦୁଇ ଦିନିଆ ଧର୍ମଘଟ ଡାକରା ଦେଇଛି। ୟୁଏଫବିୟୁର ଦାବିଗୁଡ଼ିକ ମଧ୍ୟରେ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ଏବଂ ବ୍ୟାଙ୍କିଙ୍ଗ ଶିଳ୍ପରେ ୫ ଦିନିଆ କାର୍ଯ୍ୟ ସପ୍ତାହ ଅନ୍ତର୍ଭୁକ୍ତ।

ସରକାରୀ ସୂତ୍ର ଅନୁଯାୟୀ, ପ୍ରମୁଖ ଦାବିଗୁଡ଼ିକ ଉପରେ ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସହିତ ୟୁଏଫବିୟୁ ଆଲୋଚନା କୌଣସି ସକାରାତ୍ମକ ଫଳାଫଳ ମିଳିପାରିନାହିଁ। ଫଳରେ ୟୁଏଫବିୟୁ ଏହାର ପ୍ରସ୍ତାବିତ ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟକୁ ଆଗକୁ ବଢ଼ାଇବାକୁ ଯୋଜନା କରିଛି। ଆଇବିଏ ସହିତ ଏକ ବୈଠକରେ, ସମସ୍ତ ୟୁଏଫବିୟୁ ସାଂଗଠନିକ ସଦସ୍ୟ ସମସ୍ତ କ୍ୟାଡରରେ ନିଯୁକ୍ତି ଏବଂ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ସମେତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ତଥାପି, ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଅସମାପ୍ତ ହୋଇ ରହିଛି, ନ୍ୟାସନାଲ କନଫେଡେରେସନ ଅଫ୍ ବ୍ୟାଙ୍କ ଏମ୍ପ୍ଲଇଜ୍ (ଏନସିବିଇ)ର ମହାସଚିବ ଏଲ୍ ଚନ୍ଦ୍ରଶେଖର କହିଛନ୍ତି।ରାଜ୍ୟର ୬ ହଜାର ସରକାରୀ ବ୍ୟାଙ୍କ ଶାଖାର ୩୭ ହଜାରରୁ ଅଧିକ କର୍ମଚାରୀ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀ କରି ୟୁଏଫବିୟୁ ଓଡ଼ିଶା ଶାଖା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଧର୍ମଘଟ ପୂର୍ବରୁ ମାର୍ଚ୍ଚ ୨୨ ଓ ୨୩ ତାରିଖ ସାପ୍ତାହିକ ଛୁଟି ଥିବାରୁ ଲଗାତାର ୪ ଦିନ ବନ୍ଦ ରହିବ ବ୍ୟାଙ୍କିଙ୍ଗ ସେବା ବନ୍ଦ ରହିବ ବୋଲି ୟୁଏଫବିୟୁ ଓଡ଼ିଶା ଶାଖାର ଆବାହକ ଅରୁଣ କୁମାର ବିଷୋୟୀ ସୂଚନା ପ୍ରଦାନ କରିଛନ୍ତି। ନଅଟି ବ୍ୟାଙ୍କ କର୍ମଚାରୀ ସଂଘର ଏକ ସଂଗଠନ ୟୁଏଫବିୟୁ ପୂର୍ବରୁ ଏହି ଦାବିଗୁଡ଼ିକ ପାଇଁ ଧର୍ମଘଟ ଘୋଷଣା କରିଥିଲା, ଯେଉଁଥିରେ ସରକାରୀ ବ୍ୟାଙ୍କଗୁଡ଼ିକରେ କର୍ମଚାରୀ ଏବଂ ଅଧିକାରୀ ନିର୍ଦ୍ଦେଶକ ପଦବୀ ପୂରଣ ଅନ୍ତର୍ଭୁକ୍ତ।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ପ୍ରକାରର ପଦକ୍ଷେପ ଚାକିରି ସୁରକ୍ଷାକୁ ବିପଦରେ ପକାଇଥାଏ ବୋଲି ଅଭିଯୋଗ କରି ସଂଘଗୁଡ଼ିକ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ କାର୍ଯ୍ୟଦକ୍ଷତା-ସଂଲଗ୍ନ ପ୍ରୋତ୍ସାହନ ସମ୍ପର୍କରେ ଆର୍ଥିକ ସେବା ବିଭାଗ (ଡିଏଫଏସ) ଦ୍ୱାରା ଦିଆଯାଇଥିବା ସାମ୍ପ୍ରତିକ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରିଛନ୍ତି।

ଦେଶର ୯ଟି ବ୍ୟାଙ୍କ ସଂଘ ଏହି ଧର୍ମଘଟରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି । ପର୍ଯ୍ୟାପ୍ତ ନିଯୁକ୍ତି ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା, ୫ ଦିନିଆ କାର୍ଯ୍ୟ ସପ୍ତାହ, ପିଏଲଆଇ ନେଇ ଡିଏଫଏସଙ୍କ ନିର୍ଦ୍ଦେଶାବଳୀ ପ୍ରତ୍ୟାହାର, ବ୍ୟାଙ୍କ କର୍ମଚାରୀଙ୍କ ସୁରକ୍ଷା, ରାଷ୍ଟ୍ରାୟତ ବ୍ୟାଙ୍କରେ ନିର୍ଦ୍ଦେଶକ ପଦବୀ ପୂରଣ, ଗ୍ରାଚୁଇଟି ଆଇନରେ ସଂଶୋଧନ, ଆଇଡିବିଆଇ ବ୍ୟାଙ୍କରେ ସର୍ବନିମ୍ନ ୫୧% ଅଂଶଧନ ରଖିବା ଭଳି ୯ଟି ଦାବୀ ନେଇ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇବେ।



## ଆଜିର ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୫୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୬୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୨୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୧୦୦ ଟଙ୍କା ଓ ୮୯,୫୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୨୫୦ ଟଙ୍କା ଓ ୮୯, ୭୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୫୬୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୧୦୦ ଓ ୮୯,୫୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।

# ଫେବୃଆରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୩୮% ରେ ସ୍ଥିର



ନୂଆଦିଲ୍ଲୀ,୧୭।୩: ସୋମବାର ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଫେବୃଆରୀରେ ଭାରତର ପାଇକାରୀ ମୁଦ୍ରାସ୍ଫୀତି ହାରରେ ସାମାନ୍ୟ ବୃଦ୍ଧି ଘଟିଛି, ଯାହା ୨.୩୮% ରେ ସ୍ଥିର ହୋଇଛି। ଏହି ସଂଖ୍ୟା ଜାନୁଆରୀ ମାସର ପାଇକାରୀ ମୁଦ୍ରାସ୍ଫୀତି ତୁଳନାରେ ସାମାନ୍ୟ ଅଧିକ, ଯାହା ୨.୩୧% ଥିଲା।

ମୁଦ୍ରାସ୍ଫୀତି ହାରରେ ଏକ ପ୍ରମୁଖ ଅବଦାନ ଥିଲା ଉତ୍ପାଦିତ ଖାଦ୍ୟ, ଖାଦ୍ୟ ସାମଗ୍ରୀ, ବୟନ, ଅଣ-ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉତ୍ପାଦନ ବର୍ଗର ମୂଲ୍ୟ ବୃଦ୍ଧି। ତଥାପି, ପ୍ରାଥମିକ ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ଖାଦ୍ୟ ଉତ୍ପାଦ ଉଭୟକୁ ନେଇ ଗଠିତ ଖାଦ୍ୟ ସୂଚକାଙ୍କ ଜାନୁଆରୀରେ ୭.୪୭% ରୁ ଫେବୃଆରୀରେ ୫.୯୪% ହ୍ରାସ ପାଇଛି – ଯାହା ଖାଦ୍ୟ ମୂଲ୍ୟ ଚାପରେ କିଛି ଆଶ୍ୱସ୍ତି ସୂଚକାଙ୍କ ସୂଚକାଙ୍କ। ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ବର୍ତ୍ତମାନ ଏକ ବର୍ଷରୁ ଅଧିକ ସମୟ ଧରି ସକାରାତ୍ମକ କ୍ଷେତ୍ରରେ ରହିଛି। ବିଶ୍ଳେଷକମାନେ ପ୍ରାୟତଃ ପରାମର୍ଶ ଦିଅନ୍ତି ଯେ ପାଇକାରୀ ମୁଦ୍ରାସ୍ଫୀତିରେ ଏକ ମଧ୍ୟମ ବୃଦ୍ଧି ଲାଭଦାୟକ, କାରଣ ଏହା ଚାହିଦା ପୂରଣ କରିବା ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ନିର୍ମାତାମାନଙ୍କୁ ଉତ୍ସାହିତ କରେ। ଐତିହାସିକ ଭାବରେ, ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ କ୍ରମାଗତ ୧୮ ମାସ ପାଇଁ ଦୁଇ ଅଙ୍କରେ ଥିଲା। ଗତ ବର୍ଷ ଏପ୍ରିଲରେ ସୂଚକାଙ୍କ କିଛି ସମୟ ପାଇଁ ନକାରାତ୍ମକ କ୍ଷେତ୍ରରେ ହ୍ରାସ ପାଇଥିଲା ଏବଂ କୋଭିଡ-୧୯ ମହାମାରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୦ ଜୁଲାଇରେ ମଧ୍ୟ ନକାରାତ୍ମକ ହୋଇଯାଇଥିଲା। ଭାରତ ଗତ କିଛି ମାସ ଧରି ଉଚ୍ଚ ଖାଦ୍ୟ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଛି, ଯାହା ମୁଖ୍ୟତଃ ପନିପରିବା, ଫଳ, ତେଲ ଏବଂ ଚର୍ବିର ଉଚ୍ଚ ମୂଲ୍ୟ ଯୋଗୁଁ ହୋଇଛି। ତଥାପି, ସାମ୍ପ୍ରତିକ ତଥ୍ୟ ସୂଚାଇ ଦେଉଛି ଯେ ଏହି ଚାପ ହ୍ରାସ ପାଇଛି।

# ରାଜ୍ୟରେ କମୁଛି ଏଟିଏମ୍ ସଂଖ୍ୟା

**ଭୁବନେଶ୍ୱର, ୧୭।୩:** ଡିଜିଟାଲ ବ୍ୟାଙ୍କିଂର ପ୍ରସାର ହୋଇଥିଲେ ମଧ୍ୟ ବ୍ୟାଙ୍କ ଶଖା, ଏଟିଏମ୍, ବ୍ୟାଙ୍କିଂ କରେସ୍‌ପଣ୍ଡେଣ୍ଟ୍ (ବିସି) ଆଦି ସଂଖ୍ୟା ଯଥେଷ୍ଟ ମାତ୍ରାରେ ବଢ଼ିବାର ଆବଶ୍ୟକତା ରହିଛି। ଲୋକମାନେ ଯେଭଳି ସେମାନଙ୍କ ଘର ନିକଟରେ ବ୍ୟାଙ୍କିଂ ସେବା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏଭଳି ସ୍ଥିତିରେ ରାଜ୍ୟରେ ବ୍ୟାଙ୍କିଂ ନେଟ୍‌ୱର୍କ ହ୍ରାସ ପାଇଛି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ରିପୋର୍ଟରୁ ଜଣାଯାଇଛି ଯେ ୨୦୨୪ ଡିସେମ୍ବର ସୁଦ୍ଧା ରାଜ୍ୟରେ ମୋଟ ୬୦୫୪ଟି ବ୍ୟାଙ୍କ ଶାଖା ରହିଛି। ୨୦୨୪ ସେପ୍ଟେମ୍ବର ତୁଳନାରେ ବ୍ୟାଙ୍କ ଶାଖା ସଂଖ୍ୟାରେ ୩୯ଟି ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ବ୍ୟାଙ୍କିଂ କରେସ୍‌ପଣ୍ଡେଣ୍ଟ୍ (ବିସି) ଏବଂ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ୨୦୨୪ ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ବିସି ସଂଖ୍ୟା ୪୫,୫୬୫ ରହିଥିଲା। କିନ୍ତୁ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଏହି ସଂଖ୍ୟା ୪୨୦୩୫କୁ ହ୍ରାସ ପାଇଛି। ଅର୍ଥାତ୍ ୩ ମାସରେ ବିସି ସଂଖ୍ୟା ୩୫୩୦ କମିଯାଇଛି। ସେହିଭଳି ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ରାଜ୍ୟରେ ଏଟିଏମ୍ ସଂଖ୍ୟା ୭୫୬୭ ରହିଛି। ୨୦୨୪ ସେପ୍ଟେମ୍ବର ବେଳକୁ ଏହି ସଂଖ୍ୟା ୭୬୧୧ ରହିଥିଲା। ତେଣୁ ଗୋଟିଏ ତ୍ରୟମାସରେ ଏଟିଏମ୍ ସଂଖ୍ୟା ୪୪ଟି କମିଯାଇଛି। ଆକ୍ସିସ ବ୍ୟାଙ୍କ, ସିଟି ୟୁନିୟନ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଦିର ଏଟିଏମ୍ ସଂଖ୍ୟା କମିଯିବା ଦ୍ୱାରା ମୋଟ୍ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ତଥ୍ୟରୁ ଜଣାଯାଇଛି ଯେ ୨୦୨୪ ଅକ୍ଟୋବର-ଡିସେମ୍ବର ଅବଧିରେ ଆକ୍ସିସ୍ ବ୍ୟାଙ୍କର ଏଟିଏମ୍ ସଂଖ୍ୟା ୨୯ଟି କମିଯାଇଛି। ସେହିଭଳି ସିଟି ୟୁନିୟନ ବ୍ୟାଙ୍କର ୧୩ଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୮ଟି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ୬ଟି ଏଟିଏମ୍ କମିଛି। ସେହିଭଳି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ବିସି ସଂଖ୍ୟା ଅକ୍ଟୋବର-ଡିସେମ୍ବର ଅବଧିରେ ୪୧୬୨ଟି କମିଯାଇଛି। ଡିସିବି ବ୍ୟାଙ୍କର ୨୪୨ଟି, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୭୧ଟି, କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ୬୨ଟି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୫୬ଟି, ଆର୍‌ବିଏଲ୍ ବ୍ୟାଙ୍କର ୩୭ଟି , ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୧୬ଟି, ଜନ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କର ୧୦ଟି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୨ଟି ଏବଂ ବ୍ୟାଙ୍କ ଅଫ୍ ବରୋଦାର ୨ଟି ବିସି ହ୍ରାସ ପାଇଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କ କହିବାନୁଯାୟୀ, କର୍ମଚାରୀ ଅଭାବ ବ୍ୟାଙ୍କିଂ ଶାଖା ଖୋଲିବା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହୋଇଛି। ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ ନୂଆ କର୍ମଚାରୀ ନିଯୁକ୍ତି ନହେବା ଫଳରେ ଶାଖା ଖୋଲିବା ସମ୍ଭବ ହେଉନାହିଁ। ସେହିଭଳି ବ୍ୟାଙ୍କ ଶାଖାଠାରୁ ଦୂରରେ ଏଟିଏମ୍ ସ୍ଥାପନ ହେଲେ ସେଗୁଡ଼ିକୁ ପରିଚାଳନା କରିବା ବ୍ୟାଙ୍କଗୁଡ଼ିକ ପକ୍ଷେ କଷ୍ଟସାଧ ହେଉଛି। ସେଥିପାଇଁ ବ୍ୟାଙ୍କଗୁଡ଼ିକ ଗାଁ ଗହଳିରେ ଏଟିଏମ୍ ଖୋଲିବା ଲାଗି ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ବ୍ୟାଙ୍କ ନେଟ୍‌ୱର୍କ ହ୍ରାସ ପାଇବା ଦ୍ୱାରା କିନ୍ତୁ ସାଧାରଣ ଲୋକ ବ୍ୟାଙ୍କିଂ ସେବା ସେମାନଙ୍କ ଘର ନିକଟରେ ପାଇ ପାରୁନାହାନ୍ତି। ବିଭିନ୍ନ ସରକାରୀ ଯୋଜନାରେ ଲୋକମାନଙ୍କ ଖାତାକୁ ସିଧାସଳଖ ଟଙ୍କା ହସ୍ତାନ୍ତର କରାଯାଉଛି। କିନ୍ତୁ ଏହି ଟଙ୍କା ଉଠାଇବା ପାଇଁ ଲୋକଙ୍କୁ ବ୍ୟାଙ୍କ କିମ୍ବା ଏଟିଏମ୍ ଖୋଜି ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ରାଜ୍ୟରେ ବ୍ୟାଙ୍କ ଏଟିଏମ୍ ଓ ଅନ୍ୟାନ୍ୟ ମାଧ୍ୟମ କିଭଳି ବୃଦ୍ଧି ପାଇବ ସେଥିପାଇଁ ଉଭୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।





## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଭଳି ଆଜି ମଧ୍ୟ ନୂଆ ତୈଳଦର ଜାରି ହୋଇଛି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

**ବିଶ୍ୱ ବଜାର ଉପରେ ଶୁଳ୍କ ଯୁଦ୍ଧ ପ୍ରଭାବ**

# ୪ ମାସରେ ୧ ଟ୍ରିଲିୟନ ଡଲାର ସ୍ୱାହା



**ମୁମ୍ବାଇ, ୧୭।୩:** ଆମେରିକାରୁ ସୃଷ୍ଟି ହୋଇଥିବା ଶୁଳ୍କ ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ବଜାର ଉପରେ ପଡ଼ିଛି। ଭାରତ ବି ଏଥିରୁ ବର୍ତ୍ତିପାରିନାହିଁ। କ୍ରମାଗତ ଭାବେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ଏବଂ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍‌ଟି ତଳମୁହାଁ ହୋଇଚାଲିଛି। ନିଜ ନିଜର ରେକର୍ଡ ସ୍ତରରୁ ଉଭୟ ସୂଚକାଙ୍କ ତଳକୁ ଖସିଯାଇଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ ଗତ ୪ ମାସରେ ଭାରତୀୟ ଇକ୍ୱିଟି ବଜାରର ମାର୍କେଟ୍ କ୍ୟାପ୍ ୧ ଟ୍ରିଲିୟନ ଡଲାର ସଂକୁଚିତ ହୋଇଛି। ଏଥିସହିତ ବିଶ୍ୱବ୍ୟାପୀ ମୋଟ ମାର୍କେଟ କ୍ୟାପ୍‌ରେ ଭାରତର ଅଂଶ କମିଛି। ୨୦ ଦିନର ହାରାହାରି ହିସାବ ଅନୁସାରେ, ବିଶ୍ୱ ଇକ୍ୱିଟି ବଜାର ମୂଲ୍ୟରେ ଭାରତର ଅଂଶ ୩%କୁ ଖସିଛି, ଯାହାକି ପୂର୍ବବର୍ଷ ୪%ରୁ ଅଧିକ ରହିଥିଲା। ଭାରତୀୟ ଷ୍ଟକ୍ ବଜାରରେ ଲମ୍ବା ସମୟ ଧରି ହ୍ରାସ ଜାରି ରହିଛି। ନିଜର ରେକର୍ଡ ସ୍ତରରୁ ଏହା ୧୬% ହ୍ରାସ ପାଇଛି। ଆମେରିକାରେ ମାନ୍ଦାବସ୍ଥା ଅନୁମାନ କରାଯାଉଛି। ଏହା ପ୍ରଭାବରେ ଏଠାରେ ସେୟାର ବଜାର ଏବେ ଧରାଶାୟୀ। ଉଡ଼ିଗଲାଣି ୪ ଟ୍ରିଲିୟନ ଡଲାର। ତେବେ ଆମେରିକାରେ ମାନ୍ଦାବସ୍ଥା ଭୟ ଭାରତୀୟ ବଜାରକୁ ଆହୁରି ଅସ୍ଥିରତା ଆଡ଼କୁ ଅଗ୍ରସର କରୁଥିବା ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି। ଏହାସତ୍ତ୍ୱେ ମୋର୍ଗାନ ଷ୍ଟାନ୍‌ଲି ଆକଳନ କରିଛି ଯେ, ବିଶ୍ୱ ବାଣିଜ୍ୟ ଯୁଦ୍ଧ ସତ୍ତ୍ୱେ ୨୦୨୫ ଡିସେମ୍ବର ସୁଦ୍ଧା ସେନ୍‌ସେକ୍ସ ୧୦୫,୦୦୦ ପଏଣ୍ଟ ଛୁଇଁବ।

## ଏଣିକି ଭଏସ କମାଣ୍ଡରେ ସ୍କ୍ରୋଲ କରିପାରିବେ ଇନ୍‌ଷ୍ଟାଗ୍ରାମ୍ ରିଲ୍ସ

**ନୂଆଦିଲ୍ଲୀ, ୧୭।୩:** ଏଣିକି ଭଏସ କମାଣ୍ଡ ଦେଲେ ଇନ୍‌ଷ୍ଟାଗ୍ରାମ୍ ରିଲ ସ୍ୱୟଂଚାଳିତ ଭାବରେ ସ୍କ୍ରୋଲ ହେବ। ଆପଣଙ୍କୁ ଡିସପ୍ଲେକୁ ଛୁଇଁବାକୁ ମଧ୍ୟ ପଡିବ ନାହିଁ। କେବଳ ଗୋଟିଏ ଭଏସରେ କାମ ହୋଇଯିବ। କିନ୍ତୁ ଏହା କିପରି ହେବ? ଏଥିପାଇଁ, ଆପଣଙ୍କୁ ଆପଣଙ୍କ ସ୍ମାର୍ଟଫୋନରେ ଏକ ଛୋଟ ସେଟିଂ କରିବାକୁ ପଡିବ। ଏହା ପରେ, ଆପଣ ରିଲଗୁଡ଼ିକୁ ନ ଛୁଇଁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ସ୍କ୍ରୋଲ କରିପାରିବେ। ଇନ୍‌ଷ୍ଟାଗ୍ରାମ୍ ରିଲ୍ସ ଗୁଡ଼ିକୁ ସ୍ପର୍ଶ ନକରି କିପରି ସ୍କ୍ରୋଲ କରାଯାଇପାରିବ? ଯଦି ଆପଣଙ୍କ ମନରେ ସମାନ ପ୍ରଶ୍ନ ଆସୁଛି। ଏଥିପାଇଁ ପ୍ରଥମେ ଆପଣଙ୍କର ସ୍ମାର୍ଟଫୋନରେ ସେଟିଂସ ଅପ୍ସନକୁ ଯାଆନ୍ତୁ। ଯଦି ଆପଣ ଟିକିଏ ତଳକୁ ସ୍କ୍ରୋଲ କରନ୍ତି, ତେବେ ଆକ୍ସେସିବିଲିଟି ବିକଳ୍ପ ଦୃଶ୍ୟମାନ ହେବ। ଆକ୍ସେସିବିଲିଟି ବିକଳ୍ପ ଉପରେ କ୍ଲିକ କରନ୍ତୁ। ଏବେ ଏଠାରେ ସେଟ୍‌ଅପ ଭଏସ କଣ୍ଟ୍ରୋଲ୍ ଉପରେ କ୍ଲିକ କରନ୍ତୁ। ଏହା ପରେ କ୍ରିଏଟ ନ୍ୟୁ କମାଣ୍ଡ୍ ବିକଳ୍ପ ଉପରେ କ୍ଲିକ କରନ୍ତୁ। ଏବେ ତୁମର ନିଜ ସ୍ୱରରେ ନେକ୍ସଟ କହିପାରିବେ। ଏହା ପରେ ରନ କଷ୍ଟମକୁ ଯାଆନ୍ତୁ। ଏଠାରେ ପୁଣି ନ୍ୟୁ କମାଣ୍ଡ ଉପରେ କ୍ଲିକ କରନ୍ତୁ। ଏବେ ଆପଣ ଇନଷ୍ଟାଗ୍ରାମ ରିଲ୍ସକୁ ଯେଉଁ ଦିଗରେ ସ୍କ୍ରୋଲ କରିବେ ସେହି ଦିଗରେ ସ୍କ୍ରିନରେ ଆପଣଙ୍କ ଆଙ୍ଗୁଠିକୁ ସ୍ଲାଇଡ କରନ୍ତୁ।

## ୬୦% ଷ୍ଟାର୍ଟଅପ୍ ଖୋର୍ଦ୍ଧାରେ

### ମାଲକାନଗିରିରେ ମାତ୍ର ଗୋଟିଏ

**ଭୁବନେଶ୍ୱର, ୧୭।୩:** ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୨୦୯୭ଟି ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ମିଳିଛି। ସେଥିରୁ ୬୦ ପ୍ରତିଶତ ଷ୍ଟାର୍ଟଅପ୍ ଖୋର୍ଦ୍ଧା ଜିଲ୍ଲାରେ ରହିଛି। ପ୍ରକୃତରେ ଅଧିକ ଷ୍ଟାର୍ଟଅପ୍ ଭୁବନେଶ୍ୱରରେ ଅଛି। ଯେହେତୁ ଏହା ଖୋର୍ଦ୍ଧା ଜିଲ୍ଲା ଅଧୀନରେ ଆସୁଛି, ତେଣୁ ଏହି ଜିଲ୍ଲା ତାଲିକାର ଶୀର୍ଷରେ ରହିଛି। କଟକ ଜିଲ୍ଲାରେ ୧୪୮, ଗଞ୍ଜାମରେ ୮୯ ଓ ବାଲେଶ୍ୱରରେ ୪୩ଟି ଷ୍ଟାର୍ଟଅପ୍ ରହିଛି। ବିଧାନସଭାରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଜିଲ୍ଲାୱାରୀ ତଥ୍ୟ ମୁତାବକ, ରାଜ୍ୟର ସର୍ବାଧିକ ୧୨୪୯ଟି ଷ୍ଟାର୍ଟଅପ୍ ଖୋର୍ଦ୍ଧାରେ ରହଛି। ସୁନ୍ଦରଗଡ଼ରେ ୬୯, ସମ୍ବଲପୁରରେ ୩୪, ପୁରୀରେ ୩୧, କେନ୍ଦୁଝରରେ ୨୫ ଓ କେନ୍ଦ୍ରାପଡ଼ାରେ ୨୪ଟି ଷ୍ଟାର୍ଟଅପ୍ ରହିଛି। ଷ୍ଟାର୍ଟଅପ୍ ବ୍ୟବସ୍ଥାରେ ଦୁର୍ବଳ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛି ମାଲକାନଗିରି। ସେଠାରେ ମାତ୍ର ଗୋଟିଏ ଷ୍ଟାର୍ଟଅପ୍ ରହିଛି। ବୌଦ୍ଧ ଓ କନ୍ଧମାଳରେ ୨ଟି ଲେଖାଏଁ, ସୋନପୁରରେ ୩ଟି, ନବରଙ୍ଗପୁର ଓ ନୂଆପଡ଼ାରେ ୫ଟି ଲେଖାଏଁ ଏବଂ କୋରାପୁଟ ଓ ଗଜପତିରେ ୬ଟି ଲେଖାଏଁ ଷ୍ଟାର୍ଟଅପ୍ ରହିଛି। ରାଜ୍ୟର ସବୁ ଜିଲ୍ଲାରେ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛନ୍ତି। ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଷ୍ଟାର୍ଟଅପ୍ ସଂଖ୍ୟା ୧୦-୨୦ ମଧ୍ୟରେ ରହିଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବାହାରେ ୧୪୨ଟି ଷ୍ଟାର୍ଟଅପ୍ ରହଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଷ୍ଟାର୍ଟଅପ୍‌କୁ ନବସୃଜନ ପାଇଁ ପ୍ରୋତ୍ସାହନ ରାଶି ବାବଦରେ ସରକାର ୨୫.୪୮ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ଟାଇଟନ୍‌ର ବଡ଼ ଅଂଶ ବିକିଲେ ରେଖା ଝୁନଝୁନୱାଲା



**ନୂଆଦିଲ୍ଲୀ, ୧୭।୩:** ଟାଟା ଗ୍ରୁପ୍‌ର କମ୍ପାନୀ ଟାଇଟନର ସେୟାର ଲଗାତାର କ୍ଷତିରେ ରହିଛି। କମ୍ପାନୀର ସେୟାର (ଅଂଶଧନ) ଚଳିତ ବର୍ଷରେ ଏବେସୁଦ୍ଧା ୧୦ ପ୍ରତିଶତ ହ୍ରାସ ପାଇଛି। ମାସକ ଭିତରେ ଏଥିରେ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଦେଖିବାକୁ ମିଳୁଛି। ଏହି ମଧ୍ୟରେ, ସେୟାର ବଜାରର ପ୍ରସିଦ୍ଧ ନିବେଶକ ରେଖା ଝୁନଝୁନୱାଲା ନିଜର ପୋର୍ଟଫୋଲିୟୋରେ ଟାଇଟନର ଅଂଶଧନରେ ବଡ଼ ହ୍ରାସ କରିଛନ୍ତି।

ସୂଚନାଯୋଗ୍ୟ, ଝୁନଝୁନୱାଲାଙ୍କ ପରିବାର ପାଖରେ ପାଖାପାଖି ଦୁଇ ଦଶକରୁ ଟାଇଟନର ଶେୟାର ରହିଛି ଏବଂ ଏବେ ଏଥିରୁ ଏକ ବଡ଼ ଅଂଶଧନ ବିକ୍ରି କରାଯାଇଛି। ବଜାର ଦର ହ୍ରାସ ମଧ୍ୟରେ ପ୍ରସିଦ୍ଧ ନିବେଶକ ଦିବଙ୍ଗନ୍ତ ରାକେଶ ଝୁନଝୁନୱାଲାଙ୍କର ପତ୍ନୀ ରେଖା ଝୁଲଝୁନୱାଲାଙ୍କ ଟାଇଟନରେ ଅଂଶଧନ ପାଖାପାଖି ୧୫ ପ୍ରତିଶତ କମ୍ ରହିଛି। ତଥ୍ୟରୁ ଜଣାପଡ଼ିଛି ଯେ, ସେପ୍ଟେମ୍ବର ତ୍ରୈମାସିକ ଶେଷରେ ଝୁନଝୁନୱାଲା ୧୭ ,୪୮୧ କୋଟି ଟଙ୍କାର ନିବେଶ କରି ଥିଲେ। ଡିସେମ୍ବର ତ୍ରୈମାସିକ ଶେଷରେ ଅଂଶଧନ ହ୍ରାସ ପାଇଁ ୧୪,୮୭୧କୋଟି ଟଙ୍କାରେ ରହିଛି। ଟାଟା ଗ୍ରୁପ୍‌ର ସହାୟକ କମ୍ପାନୀରେ ଝୁନଝୁନୱାଲାଙ୍କ ପରିବାରର ମୋଟ ଅଂଶଧନ ( ୩୧ ଡିସେମ୍ବର ସୁଦ୍ଧା)୫.୧୪ ପ୍ରତିଶତ ( ୪,୫୭,୧୩,୪୭୦ ସେୟାର ) ଅଛି। ଟାଇଟନ କମ୍ପାନୀ ଲିମିଟେଡ ୪ ଫେବ୍ରୁଆରୀରେ ଡିସେମ୍ବର ତ୍ରୈମାସିକର ଫଳାଫଳ ଘୋଷଣା କରିଥିଲା। ଟାଟା ଗ୍ରୁପ୍‌ର ଏହି କମ୍ପାନୀ ଗତ ବର୍ଷର ସମାନ ଅବଧିରେ ୧,୦୪୦ କୋଟି ଟଙ୍କାର ତୁଳନାରେ ନିଟ୍ ଲାଭରେ ୫ ପ୍ରତିଶତ ହ୍ରାସ କରିଛି, ଯାହାକି ମୁଖ୍ୟ ରୂପେ ୯୯୦ କୋଟି ଟଙ୍କା ରହିଛି। ତ୍ରୈମାସିକ ପାଇଁ ରେଭେନ୍ୟୁ ଗତ ବର୍ଷରେ ୧୩,୦୫୨ କୋଟିରୁ ୨୩.୩ ପ୍ରତିଶତ ବଢ଼ି ୧୬,୦୯୭ କୋଟି ଟଙ୍କା ହୋଇ ଯାଇଛି। ଡିସେମ୍ବର ତ୍ରୈମାସକ ପାଇଁ, ସୁଧ , କର , ମୂଲ୍ୟହ୍ରାସ ଓ ପରିଶୋଧନ ପୂର୍ବରୁ ଆୟ ବର୍ଷକର ସମାନ ତ୍ରୈମାସିକରେ ୧,୪୫୭ କୋଟି ଟଙ୍କାର ତୁଳନାରେ ୧,୫୧୦ କୋଟି ଟଙ୍କା ରହିଛି। ତ୍ରୈମାସିକ ପାଇଁ ମାର୍ଜିନ ୯.୪ ପ୍ରତିଶତ ରହିଛି , ଯାହାକି ବର୍ଷେ ପୂର୍ବରୁ ଏହି ତ୍ରୈମାସିକରେ ଏହା ୧୧.୨ ପ୍ରତିଶତ ଥିଲା।




## ୧୫ ହଜାର କୋଟିର ଆଇପିଓ ଆଣିବ ଏଲ୍‌ଜି ଇଣ୍ଡିଆ

**ନୂଆଦିଲ୍ଲୀ, ୧୭।୩:** ଦକ୍ଷିଣ କୋରିଆ ଭିତ୍ତିକ କମ୍ପାନି ଏଲ୍‌ଜି ଏହାର ଭାରତ ୟୁନିଟ ଲାଗି ପ୍ରାଥମିକ ପବ୍ଲିକ ଅଫର (ଆଇପିଓ) ଆଣିବ। ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏ ନେଇ ଏଲ୍‌ଜିର ଡ୍ରାଫ୍ଟ ପେପରକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ଆଇପିଓର ସାଇଜ ୧୫ ହଜାର କୋଟି ଟଙ୍କା ହେବ। ଅଫର୍ ଫର୍ ସେଲ୍ ଜରିଆରେ କମ୍ପାନି ୧୦.୧୮ କୋଟିର ଇକ୍ୱିଟି ଶେୟାର ବିକ୍ରି କରିବ। ଏହା ପୂର୍ବରୁ ୧୯ ଡିସେମ୍ବରରେ କମ୍ପାନି ସେବି ନିକଟରେ ଡ୍ରାଫ୍ଟ ପେପର ଜାରି କରିଥିଲା। ଏହି ଆଇପିଓ ଦେଶର ଟପ୍ ୫ ମଧ୍ୟରେ ସାମିଲ ହେବାକୁ ଯାଉଛି। ଏଲ୍‌ଜିର ଏହି ଆଇପିଓ ଲାଗି ମୋର୍ଗାନ ଷ୍ଟାନଲି, ଜେପି ମୋର୍ଗାନ, ଆକ୍ସିସ କ୍ୟାପିଟାଲ, ବୋଫା ସିକ୍ୟୁରିଟିଜ ଏବଂ ସିଟି ଗ୍ରୁପ ଲିଡ୍ ମ୍ୟାନେଜର ଭାବେ ନିଯୁକ୍ତ ହୋଇଛନ୍ତି।

# ସ୍କୁଲରେ ଦିଆଯାଉଛି ନିମ୍ନ ମାନର ୟୁନିଫର୍ମ

## ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ବ୍ଲକ ପ୍ରଶାସନ

**କନ୍ଧମାଳ,୧୭ା୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଶିକ୍ଷାର ବିକାଶ ଉନ୍ନତ ଉନ୍ନତ ମାନର ଶିକ୍ଷା ଓ ବିଦ୍ୟାଳୟ ମାନଙ୍କରେ ଶୈକ୍ଷିକ ବାତାବରଣ କୁ ଆଖି ଆଗରେ ରଖି ବିଦ୍ୟାଳୟ ମାନଙ୍କ ରେ ମାଗଣାରେ ମାଧ୍ୟାନ୍ନ ଭୋଜନ, ପାଠ ପଢିବା ପାଇଁ ପତ୍ର ଓ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣା ରେ ୟୁନିଫର୍ମ ଦେବାର ବ୍ୟବସ୍ଥା କରିଛନ୍ତି । ଅନେକ ସମୟରେ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ନିମ୍ନମାନର ମାଧ୍ୟାନ୍ନ ଭୋଜନ ଦିଆଯାଉଥିବା ବିଭିନ୍ନ ଗଣମାଧ୍ୟମ ରେ ପ୍ରକାଶ ପାଇସାରିଥିବା ବେଳେ ଏଭଳି ନିମ୍ନ ମାନର ମାଧ୍ୟାନ୍ନ ଭୋଜନ କୁ ନେଇ ଅନେକ ନଜିର ମଧ୍ୟ ରହିଛି । କିନ୍ତୁ ଏବେ କିଛିଦିନ ହେଲା ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ନିମ୍ନ ମାନର ୟୁନିଫର୍ମ ଦିଆଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । ବିଶେଷ କରି କନ୍ଧମାଳ ଜିଲ୍ଲା ର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବରେ ଜଣାଶୁଣା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ବିଦ୍ୟାଳୟ ମାନଙ୍କ ରେ ଚଳିତ ବର୍ଷ ଦିଆଯାଇଥିବା ସ୍କୁଲ ୟୁନିଫର୍ମ ଅତି ନିମ୍ନ ମାନର ହୋଇଥିବା ସାରା ଫିରିଙ୍ଗିଆ ଅଞ୍ଚଳରେ ଚର୍ଚ୍ଚାର ଆଲୋଚନା ପର୍ଯ୍ୟାଲୋଚନା ଜାରିରହିଛି । ତେବେ ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ଏହି ସ୍କୁଲ ୟୁନିଫର୍ମ ଦେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ବ୍ଲକ ପ୍ରଶାସନ ଦାୟିତ୍ୱ ଦେଇଥିଲେ। ଏହା ସହ ଏହି ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ବ୍ଲକ ଅଧୀନରେ କାର୍ଯ୍ୟକରୁଥିବା ମିଶନ ଶକ୍ତି ବିଭାଗ ଚୟନ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଡ୍ରେସ ବଣ୍ଟନ କରିବା ଆଗରୁ ଖୋଦ ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ସହ ମିଶନ ଶକ୍ତି ର ପ୍ରକଳ୍ପ ମ୍ୟାନେଜର ଙ୍କୁ ସ୍ୱତନ୍ତ୍ର ଭାବରେ ଡାକି ନିମ୍ନ ମାନର ଡ୍ରେସ ନଦେବା ପାଇଁ ତାଗିତ ମଧ୍ୟ କରିଛନ୍ତି। ତଥାପି ସ୍କୁଲ ମାନଙ୍କରେ ନିମ୍ନ ମାନର ଡ୍ରେସ ଦିଆଯାଇଥିବା ବ୍ଲକ ର କିଛି ସ୍କୁଲ ର ଅଭିଭାବକ ମାନେ ଅଭିଯୋଗ କରିଥିବା ବେଳେ ତଦନ୍ତ କରିବା ପାଇଁ ମଧ୍ୟ ଦାବି କରିଛନ୍ତି । ସେପଟେ ସୂଚନା ଅନୁସାରେ ଫିରିଙ୍ଗିଆ ବ୍ଲକ ରେ ୧୯୨ ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ପ୍ରାୟ ୨୪ ଟି ଉଚ୍ଚ ବିଦ୍ୟାଳୟ ରହିଛି। ବ୍ଲକ ରେ ଏହି ବିଦ୍ୟାଳୟ ମାନଙ୍କରେ ପାଖାପାଖି ପନ୍ଦର ହଜାର ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । ଏହି ଛାତ୍ର ଛାତ୍ରୀ ମାନଙ୍କୁ ବ୍ଲକ ଅଧୀନରେ କାର୍ଯ୍ୟକରୁଥିବା ପ୍ରାୟ ତେରେ ଗୋଟି ସ୍ୱୟଂ ସହାୟକ ଗୋଷ୍ଠି କୁ ମିଶନ ଶକ୍ତି ବିଭାଗ ତରଫରୁ ଡ୍ରେସ ଦେବା ପାଇଁ ଅନୁମତି ମିଳିଛି । ଅନ୍ୟପଟେ ଅଧିକ ଲାଭ ପାଇବା ଆଶାରେ । ବିବାଗୀୟ କିଛି ଅଧିକାରୀ ଙ୍କ ପିସି କାରବାର ପାଇଁ ବାଧ୍ୟ ହୋଇ ଏଭଳଜ ନିମ୍ନ ମାନର ଡ୍ରେସ ଦିଆଯାଉଥିବା ଏକ ବିଶେଷ ସୂତ୍ର ରୁ ଜଣାପଡ଼ିଛି। ବିଶେଷ କରି ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ରେ ବଣ୍ଟନ କରାଯାଇଥିବା ସ୍କୁଲ ୟୁନିଫର୍ମ ଅତି ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି । ତେବେ ଏହି ଡ୍ରେସ ଗୁଡିକୁ କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଅଧୀନରେ ଥିବା ସାରଙ୍ଗଗଡ଼ ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ ନାମକ ଜଣେ ବ୍ୟବସାୟୀ ଯୋଗାଇଥିବା ଜଣାପଡ଼ିଛି। ଅନ୍ୟପଟେ ଛାତ୍ର ଛାତ୍ରୀ ମାନଙ୍କୁ ୟୁନିଫର୍ମ ବଣ୍ଟନ କରିବାର ଦୁଇଦିନ ନପୂରୁଣୁ ୟୁନିଫର୍ମ ଗୁଡ଼ିକରୁ ସିଲେଇ ଖୋଲି ଯାଉଥିବା ଦେଖିବାକୁ ମିଳିଛି । ତେବେ ଏହି ସ୍କୁଲ ୟୁନିଫର୍ମ ବଣ୍ଟନ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତି କରିଥିବା । ଦୁର୍ନୀତି ରେ ଲିପ୍ତ ଥିବା ବିଭାଗୀୟ ଅଧିକାରୀ । ସ୍ୱୟସହାୟ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳର ଶତାଧିକ ଅଭିଭାବକ ।



## ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ



**କଳିଙ୍ଗନଗର,୧୭ା୩(ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ଗଣ୍ଡାସାହି ଠାରେ ଏକ ନୂତନ ସେତୁର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କରିଛନ୍ତି, ସୂଚନା ଥାଉକି ଏହି କୁସୁମଝରି ଠାରୁ ଗଣ୍ଡା ସାହି ରାସ୍ତାରେ ଲୋକଲ ନାଳ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଙ୍କ ଦ୍ୱାରା ସେତୁ ବନ୍ଧ ଯୋଜନା ର ଏକ ଦୀର୍ଘ ସ୍ଥାୟୀ ସେତୁ ହେବାକୁ ଯାଉଛି, ଶାଳୀଜଙ୍ଗା ଓ ଚିତ୍ରୀ ପଞ୍ଚାୟାତ ର ହଜାର ହଜାର ଜନସାଧାରଣ ବର୍ଷା ଦିନେ ଯାତାୟାତ ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେ ସମସ୍ୟା ଏହି ସେତୁ ନିର୍ମାଣ ହେଲେ ଦୂର ହେବ, ତିନି କୋଟିଟଙ୍କାର ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳର ନିର୍ମାଣ ହେବାକୁ ଥିବା ସେତୁଟି ଶୁଭ କାର୍ଯ୍ୟ ଖବର ର ଅଞ୍ଚଳ ବାସୀ ଖୁସି ଅଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର,୧୭ା୩(ସଂଚାର ବ୍ୟୁର):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ (ଭା.ପ୍ର.ସେ) ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୯୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୦୮ ଟି, ଆବାସ ଯୋଜନା ସମ୍ପର୍କୀୟ ୦୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୩୦ ଟି, ଭତ୍ତା ପାଇବା ପାଇଁ ୦୭ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ରୁ ସହାୟତା ନିମନ୍ତେ ୦୪ ଟି, ପୋଲିସ ସହାୟତା ପାଇବା ପାଇଁ ୦୨ ଟି ଏବଂ ଅନ୍ୟାନ୍ୟ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର,ଜ୍ୟୋତି ଶଙ୍କର ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ତୃପ୍ତିମୟୀ ପ୍ରଧାନ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ସୋଆ ପକ୍ଷରୁ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା



**ଭୁବନେଶ୍ୱର,୧୭ା୩(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ପ୍ରିଜରଭିସନ୍, ପ୍ରୋପାଗେସନ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ସୋମବାର ଦିବଙ୍ଗତ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି, ଆଶୁତୋଷ ପରିଡ଼ା, ଅଶ୍ୱିନୀ କୁମାର ମିଶ୍ର, ସାହିତ୍ୟିକ ଅସିତ୍ ମହାନ୍ତି, ସନ୍ତୋଷ କୁମାର ରଥ, ଗୌରାଙ୍ଗ ଚରଣ ଦାଶ, ଫଣୀନ୍ଦ୍ର ଭୂଷଣ ନନ୍ଦ, ପ୍ରଦୀପ୍ତ କୁମାର ପଣ୍ଡା, କ୍ଷୀରୋଦ ପରିଡ଼ା, ମିହିର କୁମାର ସାହୁ, ବିଶିଷ୍ଟ ପ୍ରକାଶକ ବନୋଜ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ କବି ରମାକାନ୍ତ ରଥଙ୍କ କବିତା ଓ ବ୍ୟକ୍ତିଗତ ଜୀବନର ସ୍ମୃତିଚାରଣ କରିଥିଲେ। ଦିବଙ୍ଗତ କବି କିପରି ଯୁବ କବିମାନଙ୍କୁ ଉତ୍ସାହିତ ଓ ପ୍ରେରିତ କରୁଥିଲେ ବୋଲି ପ୍ରାଚୀନର ମୁଖ୍ୟ ପ୍ରଫେସର ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ। ୨୦୨୩ ମସିହା ନଭେମ୍ବର ୨୬ ତାରିଖରେ ଦ୍ୱିତୀୟ ସୋଆ ସାହିତ୍ୟ ଉତ୍ସବରେ ରମାକାନ୍ତ ରଥଙ୍କୁ 'ସୋଆ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ପଲିଥିନ ପାଣି ପାଉଚ୍ ସାଜିଛି ଜହର

**ସୁବର୍ଣ୍ଣପୁର,୧୭ା୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହର ପର୍ଯ୍ୟନ୍ତ ସବୁଠି ପାଣି ପାଉଛ ବିକ୍ରି ହେଉଛି। ଏଭଳି ସ୍ଥଳେ ଲୋକଙ୍କ ନିତାନ୍ତ ଆବଶ୍ୟକତା ପାନୀୟ ସୋନପୁର ପୌରାଞ୍ଚଳରେ ଜଳ ନାମରେ ପଲିଥିନିରେ ଜହର ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପାଣି ପିଉଚ ମୂଲ୍ୟ ୨/୩ ଟଙ୍କା ମୂଲ୍ୟ ଲେଖାଯାଇଛି। ଚା, ପାନ ଦୋକାନରେ ଉପଲବ୍ଧ ପାଣି ପାଉଚରେ ନାଁ ଅଛି ବେଚ୍ ନମ୍ବର ନାଁ ଅଛି ପ୍ରସ୍ତୁତି ତାରିଖ। ଶୋଷ ମେଣ୍ଟାଇବା ପାଇଁ ଲୋକେ ଟଙ୍କାଦେଇ ଢକ ଢକ କରି ପିଇ ଯାଉଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ କେତେ ନିରାପଦ ସେ ନେଇ ଜିଲ୍ଲାସ୍ତରେ ମୁଖ୍ୟାଳୟରେ ନିଯୁକ୍ତ ଗଦା ଗଦା ଅଧିକାରୀ ତଥା ପୌର ପ୍ରଶାସନ ଏଥି ପ୍ରତି ନିରବ। କୌଣସି ତଦାରଖ ନାହିଁ କିମ୍ବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ ନାହିଁ। ଓଡ଼ିଆ ଅସ୍ମିତା କଥା କୁହାଯାଉଥିବା ବେଳେ ଓଡ଼ିଶାରେ ବିକ୍ରୟ ହେଉଥିବା ଏହି ପାଣି ପାଉଚରେ ଇଂରାଜୀରେ ମୁଦ୍ରଣ ରହିଛି।ଏପରିକି ପାଣି ପାଉଚରେ ଇଂରାଜିରେ'ବିଫୋ ଓ୍ୱାନ ମଛ ଫ୍ରେଶ୍ କିଙ୍ଗ' ବୋଲି ଉଲ୍ଲେଖ ରହିବା ସରକାରୀ ବାବୁ ମାନେ ହିଁ ବୁଝାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ବିବାହ, ପ୍ରହରୀ, ଶୁଦ୍ଧିକ୍ରିୟା ଆଦି ସମସ୍ତ କାର୍ଯ୍ୟ ନେଇ ପାଣି ପାଉଚର ବହୁଳ ବ୍ୟବହାର ହେଉଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ନେଇ ତାତି ବୃଦ୍ଧି ସହ ପାଣି ପାଉଚର ବର୍ଦ୍ଧିତ ବିକ୍ରୟ ଆରମ୍ଭ ହେଇଛି। ପାଉଚ୍ ପାଣିର ଗୁଣବତ୍ତା ନେଇ ସରକାରୀ ଅଧିକାରୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରିଛି। ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ତୃଷା ମେଣ୍ଟାଇବାକୁ ପାଉଚ ପାଣି ବ୍ୟବହାର କରୁଥିବା ବେଳେ ନିଦୁଆ ପ୍ରଶାସନ କେବେ ଚେଇଁବ ବୋଲି ସମାଜସେବୀ ମହଲରେ ଚିନ୍ତା ଉଦ୍ରେକ କରିଛି। ସ୍ୱାସ୍ଥ୍ୟ ପ୍ରତି ଖେଳ ନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।




### ଠାକୁରାଣୀଙ୍କ ଜାଗାରୁ କାଟିଦେଲେ ୪୦ ରୁ ଉର୍ଦ୍ଧ୍ୱ ବୃକ୍ଷ

## ଜବରଦଖଲ ଉଦ୍ୟମ କଲେ ଜମି ମାଫିଆ



**କଳିଙ୍ଗନଗର,୧୭ା୩(ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ର ମଙ୍ଗଳପୁର ପଞ୍ଚାୟାତ ଅନ୍ତର୍ଗତ ନୂଆଗାଁ ଗ୍ରାମର ଗ୍ରାମଦେବତୀ ମା ଖଣ୍ଡୁରାଇଙ୍କ ଜମି ଜବର ଦଖଲକୁ ଉଦ୍ୟମ କରୁଥିବା କିଛି ଜମି ଦଲାଲଙ୍କ କାର୍ଯ୍ୟ କୁ ଗ୍ରାମବାସୀ ମାନେ ଘୋର ବିରୋଧ କରିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ହେଲା ଗ୍ରାମ ଦେବତୀଙ୍କର ପାଞ୍ଚ ଏକର ଜାଗା କେଉଁ କାଳରୁ ଅଛି, ଗ୍ରାମଦେବତୀ ଙ୍କ ପାଖରେ ହନୁମାନଙ୍କ ପୀଠ, ଶନିଙ୍କର ପୀଠ ଅଛି, ଖାଲି ଥିବା ଜାଗାର ବିଭିନ୍ନ ପ୍ରକାର ୪୦ ରୁ ଉର୍ଦ୍ଧ୍ୱ ଗଛ ଥିଲା, କଳିଙ୍ଗନଗର ଶିଳ୍ପ ନଗରୀ ହେବାରୁ କିଛି ଜମି ଦଲାଲ ଶିଳ୍ପାଞ୍ଚଳ ଚାରିପାଖରେ ଥିବା ସବୁ ପଂଚାୟତମାନଙ୍କର ଅଳ୍ପ କିଛି ପଟ୍ଟା ସ୍ଥିତିବାନ ଜାଗା କିଣି ତାକୁ ଲାଗିକି ରହିଥିବା ଏକର ଏକର ଗୋଚର, ଅନାବାଦୀ ଜମିକୁ ଜୋର ଜବରଦସ୍ତ ଦଖଲ କରୁଛନ୍ତି, ସେହିପରି ନୂଆଗାଁର ଅଳ୍ପ କିଛି ସ୍ଥିତିବାନ ଜାଗା କିଣି ତା ପାଖକୁ ଲାଗିଥିବା ଗୋଚର ଠାକୁରାଣୀଙ୍କର ଏକ ଏକର ରୁ ଉର୍ଦ୍ଧ୍ୱ ଜାଗାକୁ ଜଣେ ଜମି ଦଲାଲ ମାଡିବସି ସେ ଜାଗାର ଥିବା ୪୦ ରୁ ଉର୍ଦ୍ଧ୍ୱ ବଡ଼ ବଡ଼ ବୃକ୍ଷ କାଟିବା ସହ ସେ ସ୍ଥାନର କାରଖାନାର ବର୍ଜ୍ୟ ପାଉଁଶ ଗଦା କରିଛି, ବେଆଇନ ଭାବେ କିପରି ସେ ଏତେ ବୃକ୍ଷ କାଟିଲା, ଗାଁ ଭିତରେ କିପରି ବର୍ଜ୍ୟ ପାଉଁଶ ଗୁଣ୍ଡ ପକାଇଲା ତାକୁ ବିରୋଧ କରି ଗ୍ରାମବାସୀ ମାନେ ଏକତ୍ରିତ ହୋଇ ବନ ବିଭାଗ ଓ ତହସିଲ ଅଫିସର ଅଭିଯୋଗ କରିବା ସହ କାମ ବନ୍ଦ କରିଛନ୍ତି, ଯଦି ଜୋର ଜବରଦସ୍ତ ଜମି ମାଫିଆ ଏପରି ବେଆଇନ କାମ କରେ ପ୍ରଶାସନ କିଛି ପଦକ୍ଷେପ ନ ନିଏ ତାହେଲେ ଆଗକୁ ତହସିଲ ଅଫିସ ସମ୍ମୁଖର ନୂଆଗାଁ ଗ୍ରାମବାସୀ ଧାରଣାର ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଗୋମାଂସ କାରବାର ନେଇ ଉତ୍ତେଜନା

● ତିନି ଜଣଙ୍କୁ ପୁଲିସ ଗିରଫ



**ସୁନ୍ଦରଗଡ଼,୧୭ା୩(ସଂଚାର ବ୍ୟୁରୋ):** ଭସ୍ମା ଥାନା ଅର୍ନ୍ତଗତ ମୁଣ୍ଡଗାଁରେ କିଛି ବ୍ୟକ୍ତି ବିଳମ୍ବିତ ରାତ୍ରୀରେ ଗୋଟିଏ ବାଛୁରୀକୁ ମାରି ମାଂସ ତିଆରି କରି ସକାଳେ ବିକ୍ରି ଉଦ୍ୟମ କରୁଥିବା ସମୟରେ ଗ୍ରାମବାସୀ ମାନେ କାବୁ କରିଥିଲେ। ଗ୍ରାମର ଗୋକୁଳାନନ୍ଦ ପଟେଲଙ୍କ ଗୋଟିଏ ୨ ବର୍ଷର ବାଛୁରୀ ୧୫ ତାରିଖରୁ ଘରକୁ ଆସି ନ ଥିଲା, ତାକୁ ଖୋଜି ପାଉ ନ ଥିବାରୁ ହଠାତ୍ ଆଜି ସକାଳେ କୌଣସି ସୂତ୍ରରୁ ଖବର ପାଇ ଗୋରୁ ମାଂସ ଥିବା ଘରକୁ ଯାଇ ଦେଖି ଥିଲେ। ପରେ ଭସ୍ମା ପୋଲିସ, ସଦର ଏସଡିପିଓ ଙ୍କୁ ଗ୍ରାମବାସୀ ଖବର ଦେବା ପରେ ପ୍ରାୟ ଦୁଇ ପ୍ଲାଟୁନ ଫୋର୍ସ ଆସି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ନିୟନ୍ତ୍ରଣ କରିଥିଲେ। ତାପରେ ବଜରଙ୍ଗ ଦଳର ଏକ ଟିମ ମଧ୍ୟ ଆସି ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିବାରେ ଗ୍ରାମବାସୀ ମାନଙ୍କ ସହ ପୋଲିସକୁ ସହଯୋଗ କରିଥିଲେ। ତାପରେ ଘଟଣା ସ୍ଥଳକୁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଭସ୍ମା ଥାନା ଅଧିକାରୀ ଅଶୋକ କୁମାର ଦାସ, ସର୍ଗିପାଲି ଫାଣ୍ଡି ଅଧିକାରୀଙ୍କ ସହ ପୋଲିସ ଟିମ ଯାଇ ଅନୁଧ୍ୟାନ କରି ଗୋମାଂସ କୁ ଜବତ କରିଥିଲେ। ପରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଭସ୍ମା ଥାନାରେ ଅଟକ ରଖିଛନ୍ତି। ଶ୍ରୀ ମହାପାତ୍ରଙ୍କ ପ୍ରତିକ୍ରିୟାରେ ଉକ୍ତ ଘଟଣା ଅତ୍ୟନ୍ତ ନିନ୍ଦନୀୟ, ଯେଉଁ ମାନେ ଉକ୍ତ ଘଟଣାରେ ସଂଶ୍ଲିଷ୍ଟ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଅତିଶିଘ୍ର ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ। ଭବିଷ୍ୟତରେ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

## ଷ୍ଟିଲସିଟି ପ୍ରେସ କ୍ଲବର ଜଳଛତ୍ର

**କଳିଙ୍ଗନଗର,୧୭ା୩(ସଂଚାର ବ୍ୟୁରୋ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ରୁ କଳିଙ୍ଗନଗରର କାର୍ଯ୍ୟରତ ଡିଜିଟାଲ ଓ ପ୍ରିଣ୍ଟ ମିଡ଼ିଆର ସାମ୍ବାଦିକ ମାନଙ୍କ ଦ୍ୱାରା ଗଠିତ ଷ୍ଟିଲସିଟି ପ୍ରେସ କ୍ଲବ ପକ୍ଷରୁ ଆଜି ଦାନଗଦି ହାଟ ସମ୍ମୁଖର ଏକ ଜଳଛତ୍ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହି ଜଳସେବା କାର୍ଯ୍ୟକ୍ରମଟିକୁ ମୁଖ୍ୟ ଅତିଥି ଭାବେ ଦାନଗଦିର ବି. ଡି. ଓ ପ୍ରଦୀପ କୁମାର ସେଠୀ ପହଁଚି ଫିତା କାଟି ଶୁଭାରମ୍ଭ କରିବା ସହ ନିଜ ହାତର ଦହିସର୍ବତ ଲୋକ ମାନଙ୍କୁ ବାଣ୍ଟିଥିଲେ, ସେ ଏହି ଅବସରରେ ତୃଷାର୍ତ୍ତ ଲୋକଙ୍କପାଇଁ ଏପରି ଜନ ମଙ୍ଗଳ କାର୍ଯ୍ୟକୁ ଆରମ୍ଭ କରିଥିବାରୁ ଷ୍ଟିଲ ସିଟି ପ୍ରେସ କ୍ଲବକୁ ଧନ୍ୟବାଦ ଦେଇଥିଲେ, ଅନ୍ୟତମ ଅତିଥି ଭାବେ ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ମାତ୍ର ଅଳ୍ପଦିନ ହେବ ଗଢିଉଠିଥିବା ଷ୍ଟିଲ ସିଟି ପ୍ରେସ କ୍ଲବର ଏପରି ଜନ ମଙ୍ଗଳକାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ଅତିଥି ଭାବେ ସ୍ଥାନୀୟ ତ୍ରିଜଙ୍ଗାସରପଞ୍ଚଙ୍କ ପ୍ରତିନିଧି ସୁଦାମ ପାତ୍ର ଉପସ୍ଥିତ ରହି ଏପରି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ।

## ନନ୍ଦ କଲୋନୀରେ ହୋଲି ଉତ୍ସବ ପାଳନ - ଦିବଂଗତ ଆତ୍ମା ପ୍ରତି ସାମୁହିକ ଶ୍ରଦ୍ଧା ସୁମନ



**ସୁବର୍ଣ୍ଣପୁର,୧୭ା୩(ସଂଚାର ବ୍ୟୁରୋ):** ସୋନପୁର ବିବେକା ନନ୍ଦ ନଗର ଠାରେ ହୋଲି ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦିବଙ୍ଗତ ଆତ୍ମା ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଏକ ନିଆରା ଢଙ୍ଗ ରେ ପାଳନ ହୋଇ ଯାଇଛି। ଦୀର୍ଘ ୧୯ ବର୍ଷ ଧରି ଖୁବ୍ ଧୁମ୍ ଧାମରେ ପାଳିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମ ରେ ଏହି କଲୋନୀ ର ସମସ୍ତ ପରିବାର ସଦସ୍ୟ ମିଶି ରଙ୍ଗ ଖେଳ ସହିତ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାମିଲ୍ ହୁଅନ୍ତି। ଆଜି ମଧ୍ୟ ରଙ୍ଗ ଖେଳ ସହିତ କଲୋନୀ ର ଛୋଟ ଛୋଟ ପିଲା ମାନଙ୍କୁ ଓ ଅଭିଭାବକ ଙ୍କୁ ନେଇ ସନ୍ଧ୍ୟା ରେ ନାଚ ଗୀତ ଓ ମ୍ୟୁଜିକ୍ ଚେଆର୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଥମେ ବରିଷ୍ଠ ସଭ୍ୟ ସୁଧାଂଶୁ ମିଶ୍ର, ଡ଼ଃ ସୁଶୀଲ ପଧାନ, ପ୍ରାକ୍ତନ ପ୍ରଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହି ଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଶୁଭାରମ୍ଭ କରଯାଇଥିଲା। କଲୋନୀ ର ଦିବଂଗତ ଆତ୍ମା ଙ୍କ ପ୍ରତି ସାମୁହିକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରଯାଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘୋଷିକା ସୁଶ୍ରୀ ଅଭିଜ୍ଞା ପଣ୍ଡା ଖୁବ୍ ସୁନ୍ଦର ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। କମିଟି ର ବରିଷ୍ଠ ସଦସ୍ୟ ମାନଙ୍କ ତତ୍ୱା ବଧାନ ରେ କାର୍ଯ୍ୟ କ୍ରମକୁ ସଫଳ କରଯାଇଥିଲା। ପବିତ୍ର ନେଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ୫-ଟି ଯୋଜନାରେ ମିଳିଥିବା ଅର୍ଥର ବିନିର୍ବିୟ ତଦନ୍ତପାଇଁ ଦାବି

**ନୀଳଗିରି,୧୭ା୩(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠର ନାନାବିଧ ଉନ୍ନତିକରଣ ପାଇଁ ପୂର୍ବତନ ବିଜେଡ଼ି ସରକାର ୧୬କୋଟି ପ୍ରଦାନ କରିଥିଲେ। ମାତ୍ର ଉକ୍ତଅର୍ଥର ସୁବିନିଯୋଗ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ପ୍ରକଳ୍ପପାଇଁ ଉଦ୍ଦିଷ୍ଟ ଅର୍ଥର ଦୁରୁପଯୋଗ ନେଇ ଶୈବପୀଠର ଦୋକାନୀ, ସ୍ଥାନୀୟ ଜନସାଧାରଣ ଏବଂ ଲୋକପ୍ରତିନିଧି ଔପଦା ବ୍ଲକରେ ଅନୁଷ୍ଠିତ ଜନଶୁଣାଣିରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ପାନୀୟଜଳ ସମସ୍ୟା, ପୀଠଟି ହାତୀ ଭାଲୁ ଆଦି ବନ୍ୟଜନ୍ତୁ ପ୍ରବଣ ଅଞ୍ଚଳ ହୋଇଥିବାରୁ ଆଲୋକିକରଣ ବ୍ୟବସ୍ଥା, ଯଜ୍ଞବେଦୀ ଏବଂ ଶୌଚାଳୟ ନିର୍ମାଣ, ପାର୍କିଂଷ୍ଟାଣ୍ଡ ଠାରୁ ବୟସ୍କବ୍ୟକ୍ତି ମାନଙ୍କୁ ବ୍ୟାଟେରୀ ଗାଡ଼ି ସାହାଯ୍ୟରେ ପୀଠ ଉପରକୁ ନେବାର ବ୍ୟବସ୍ଥା, ଦାନହୁଣ୍ଡିର ହିସାବ ନମିଳିବା, ଅନୁପଯୁକ୍ତ ଦୋକାନଗୃହ ନିର୍ମାଣ, ଟ୍ରଷ୍ଟଦ୍ୱାରା ନିଯୁକ୍ତ ମ୍ୟାନେଜର ସଠିକ ସମୟରେ ନଆସିବା, ବିଭିନ୍ନ ସମୟରେ ଆଦାୟ ହେଉଥିବା ଅର୍ଥର ରସିଦ ପ୍ରଦାନ କରାଯାଉନଥିବା, ପୋଲିସଫାଣ୍ଡି ନିର୍ମାଣ, ସ୍ଥାନୀୟ ଲୋକପ୍ରତିନିଧି, ବିଶିଷ୍ଟବ୍ୟକ୍ତି ଏବଂ ସ୍ଥାନୀୟ ସରପଞ୍ଚ ଏବଂ ଜନସାଧାରଣ ମାନଙ୍କୁ ବିଭିନ୍ନ ପର୍ବପର୍ବାଣିରେ ସାମିଲ ନକରିବା, ସର୍ବୋପରି ୫-ଟି ଯୋଜନାରେ ଆସିଥିବା ଅର୍ଥର ଦୁରୁପଯୋଗ ହୋଇଥିବା ନେଇ ଔପଦା ଜନଶୁଣାଣିରେ ଅଭିଯୋଗ କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ଦୋକାନୀ ଓ ଯାତ୍ରୀ ସୁରକ୍ଷା କମିଟିର ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ସିଦ୍ଧାର୍ଥ ସେଠୀ, ପଞ୍ଚଲିଙ୍ଗେଶ୍ୱର ବନମହୋତ୍ସବ କମିଟି ସଭାପତି ତଥା ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ ଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଦୋକାନୀ, ଲୋକପ୍ରତିନିଧି, ଜନସାଧାରଣ ଜିଲ୍ଲାପାଳଙ୍କୁ ଭେଟି ଅବଗତ କରିବା ସହିତ ଜିଲ୍ଲାପାଳ ଖୋଦ୍ ପଞ୍ଚଲିଙ୍ଗେଶ୍ୱର ଆସି ଅନୁଧ୍ୟାନ କରିବାକୁ ନିବେଦନ କରିଥିଲେ।



## ଜୁଆ ଆଡ୍ଡା ଉପରେ ଚଢ଼ାଉ: ଦୁଇ ଗିରଫ

**ହିଞ୍ଜିଳିକାଟୁ,୧୭ା୩(ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ତଥା ଆଡପଡା ଫାଣ୍ଡି ମୋହିଗୁଡା ଘୋଡାହାଡ ନଦୀ କୂଳରେ ରବିବାର ବିଳମ୍ବିତ ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ହିଞ୍ଜିଳି ପୋଲିସ ଚଢ଼ାଉ କରିଛି। ଚଢ଼ାଉରେ ୨ ଜଣ ଜୁଆଡିଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବାବେଳେ କିଛି ଜୁଆଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଜୁଆଡିମାନେ ହେଲେ କୋଟିନଡା ଥାନା ବାବନପୁର ଗ୍ରାମର ଜିତେନ୍ଦ୍ର ନାଇକ ଓ ପାଟପୁର ଥାନା ଖଲିଙ୍ଗି ଗ୍ରାମର ଅରୁଣ ରାଉତ। ଘଟଣାସ୍ଥଳରୁ ପୋଲିସ ୯ ହଜାର ୬ ଶହ ୩୦ ଟଙ୍କା ସମେତ ୨ଟି ମୋବାଇଲ ଫୋନ ଓ ୪ଟି ବାଇକ ଜବତ କରିଥିବା ସୂଚନା ମିଳିଛି।



## କାଠ ବୋଝେଇ ମହିନ୍ଦ୍ରା ଜବତ

**ପଦ୍ମପୁର,୧୭ା୩(ସଂଚାର ବ୍ୟୁରୋ):** ପଦ୍ମପୁର ବ୍ଲକ ବୋଡ଼େନ ଥାନା ଅନ୍ତର୍ଗତ ଧଉଁଳିବାହାଲ ଗ୍ରାମଠାରେ ବିଜା ଗଣ୍ଡି ଚୋରି କରି ନେଉଥିବା ମହିନ୍ଦ୍ରା ମ୍ୟାକ୍ସ ପିକପ (ଓଆର ୦୩ ଡି ୧୮୩୨) ଗାଡ଼ିକୁ ବନ ବିଭାଗ ଜବତ କରିଛି। ଜବତ କାଠ ୪୦ ସିଏଫ୍ଟି ହୋଇଥିବା ରେଞ୍ଜର ସୁଦାମ ଜଗଦଲା ସୂଚନା ଦେଇଛନ୍ତି। ରବିବାର ବିଳମ୍ବିତ ରାତ୍ରିରେ ଗନ୍ଧମାର୍ଦ୍ଧନ ରିଜର୍ଭ ଜଙ୍ଗଲଠାରେ ପିକପ ଯୋଗେ ମୂଲ୍ୟବାନ ବିଜା କାଠ ଚାଲାଣ ହେଉଥିଲା।ଖବର ପାଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା, ବନପାଳ ସରୋଜ କୁମାର ସାହୁ,ଚିନ୍ମୟୀ ମହାପାତ୍ର,ସ୍ୱାର୍ଡ ମାଧବ ଖର୍ସେଲ, ରଞ୍ଜନ ଭଏସା, ମାନ ଠେଠୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପିକପକୁ ଜବତ କରିଥିଲେ। କିନ୍ତୁ ଅନ୍ଧାର ରାତି ଓ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଡ୍ରାଇଭର ସମେତ ଅନ୍ୟ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

## କେଶବଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲିଗଲା ପ୍ରଶାସନ

### ପରିତ୍ୟକ୍ତ ସ୍କୁଲ କୋଠରୀରେ ବନ୍ଦୀ ଜୀବନରେ ପଡ଼ି ରହିଛନ୍ତି ମାନସିକ ରୋଗୀ

**କଳାହାଣ୍ଡି,୧୭ା୩(ସଂଚାର ବ୍ୟୁରୋ):** ଦିନେ କି ମାସେନୁହଁ, ଦୀର୍ଘ ଏକବର୍ଷ ଧରି ଗାଁର ପରିତ୍ୟକ୍ତ ରେ ପଡ଼ିଥିବା ସ୍କୁଲ କୋଠରିରେ ବନ୍ଦୀ ଜୀବନ କାଟୁଛନ୍ତି ଜଣେ ମାନସିକ ରୋଗାକ୍ରାନ୍ତ ଯୁବକ କେଶବ ମାଝି (୩୦)। ଘଟଣା ହେଉଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଶିବାହଲ ପଞ୍ଚାୟତ ସିଆଲଲଟିପଡା ଗାଁର ଘଟଣା। ଘରେ ବୃଦ୍ଧା ମା' ନେପୁର ମାଝି ଓ ଭାଇ ଭକ୍ତ ମାଝି ମାନସିକ ରୋଗାକ୍ରାନ୍ତ ଯୁବକର ସେବାଯତ୍ନ ନେଉଛନ୍ତି। ଧୀରେ ଧୀରେ ଯୁବକଙ୍କ ପାଗଳାମି ବଢ଼ିବାରେ ଲାଗିଛି। କିଛିଦିନ ତଳେ ସ୍କୁଲ କୋଠରିରେ ଥିବା ଟିଣ କବାଟକୁ ଭାଙ୍ଗିଦେଇ କେଶବ ଘରକୁ ଆସି ଆସବାବପତ୍ର ଫିଙ୍ଗିବା ସହ ମା' ଓ ଭାଇକୁ ମାଡ଼ ମାରିଥିଲା। ଏଭଳି ପାଗଳାମି କରିବାରୁ ଶେଷରେ ନିରୁପାୟ ମା' ଗାଁ ଲୋକଙ୍କୁ କହି କେଶବର ଦୁଇହାତରେ ଏବେ ଲୁହା ଶିକୁଳି ପକାଇ ନିଜ ଘରେ ଏକ କୋଠରିରେ ରଖିଥିବା ଜଣାପଡ଼ିଛି। ଗତ ନଭେମ୍ବର ମାସରେ ଏନେଇ ବିଭିନ୍ନ ଖବର କାଗଜ ରେ ପ୍ରକାଶନ ପରେ ବ୍ଲକରେ ଆୟୋଜିତ ଭିନ୍ନକ୍ଷମ ଶିବିରକୁ ଆସିଥିବା ଜିଲ୍ଲା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମେତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା.ତତ୍ତ୍ୱଦର୍ଶୀ ଦାସ, ବ୍ଲକପ୍ରଶାସନ ପକ୍ଷରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ବ୍ଲକଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପ୍ରମୁଖ ସିଆଲଲଟିପଡା ଗ୍ରାମରେ ପହଞ୍ଚି ସ୍କୁଲ ମଧ୍ୟରେ ବନ୍ଦଥିବା କେଶବର ଅବସ୍ଥା ଦେଖିଥିଲେ। ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି କିଛିଦିନର ମେଡ଼ିସିନ ଖାଇବାକୁ ଦେଇ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନହେଲ ଚିକିତ୍ସା ପାଇଁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ କିମ୍ବା ବ୍ଲକପ୍ରଶାସନ କେଶବର ସ୍ୱାସ୍ଥ୍ୟବସ୍ଥା କେମିତି ଅଛି ଥରୁଟିଏ ମଧ୍ୟ ପଚାରି ବୁଝୁନାହାଁ। ଫଳରେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଅଧୁକାରୀ ଦେଇଥିବା ଚିକିତ୍ସା ପ୍ରତିଶ୍ରୁତି ଗରିବ ପରିବାର ପାଇଁ ଉପହାସ ସଦୃଶ ହୋଇଛି। ଏଣେ ପୁଅ ପାଇଁ ବୃଦ୍ଧା ମା'ଙ୍କ ଦୁର୍ଦ୍ଦଶା ଦେଖିବାକୁ ମଧ୍ୟ କେହିନାହାଁ। ବଡ଼ଭାଇର ପାଗଳାମି ଯେଗୁଁ ସାନଭାଇ ମଧ୍ୟ କୌଣସି କାମଧନ୍ଦା କରିବାକୁ ନଯାଇ ଘରେ ରହୁଛି। ଫଳରେ ପରିବାର ଚଳିବା କଷ୍ଟକର ହେଉଛି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ଓ କୋକସରା ସିଏଚସିର ବିପିଏମ ସୁରଜିତ ସିଂ କୁମାରଙ୍କ ପ୍ରତିକ୍ରିୟା ନେବାରୁ ଘଟଣାଟି ଆମ ନଜରରେ ଅଛି, ଶୀଘ୍ର ଉଚ୍ଚସ୍ତର ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯିବ ବୋଲି ଦୁଇ ଅଧିକାରୀ ପ୍ରକାଶ କରିଛନ୍ତି।





# ଶୃଙ୍ଖଳିତ ଜୀବନଶୈଳୀ ପାଇଁ ସ୍ୱାସ୍ଥ୍ୟ ହିଁ ସମ୍ପଦ

ନିଜ ସ୍ୱାସ୍ଥ୍ୟ ଓ ଜୀବନଶୈଳୀର ପୁନଃମୂଲ୍ୟାୟନ ନିଜେ କରିବା ଉଚିତ। ଅଧିକାଂଶ ଲୋକ ବିଭିନ୍ନ କ୍ଷେତ୍ରରେ କିଛି ସଂକଳ୍ପ ବା 'ରିଜୋଲ୍ୟୁସନ୍' ନେଇଥିବେ ଓ ତାହାକୁ ପାଳନ କରିବାଲାଗି ଉଦ୍ୟମ କରିଥିବେ। ଏହା ଭିତରେ ଗୋଟିଏ ସପ୍ତାହ ବିତି ଯାଇଛି। ଏହି ପ୍ରଥମ ସପ୍ତାହ ଭିତରେ ସେହି ସଂକଳ୍ପ ଭିତରୁ କେଉଁଗୁଡ଼ିକ ପାଳନ କରିବା ସମ୍ଭବ ବା କେଉଁଗୁଡ଼ିକୁ ସଂଶୋଧନ କରିବା ଆବଶ୍ୟକ- ତାହା ପ୍ରାୟତଃ ସ୍ପଷ୍ଟ ହୋଇ ସାରିଥିବ! ଆସନ୍ତୁ! କେତେ ମିନିଟ୍ ସମୟ ଦେଇ ଆମେ ଆମ ତାଲିକାଟିକୁ ଆଉଥରେ ତର୍ଜମା କରିନେବା।

ପ୍ରଥମେ ସନ୍ତୁଳିତ ଆହାର ପାଇଁ ସଂକଳ୍ପ କରିପାରିବା। ସେଥି ସକାଶେ ଦୈନନ୍ଦିନ ଖାଦ୍ୟ ସାରଣୀରେ ବିଭିନ୍ନ ପ୍ରକାର ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଶସ୍ୟବୀଜ, ଫଳମୂଳ ଓ ପନିପରିବା ସମ୍ବଳିତ ଭୋଜନ ଯୋଡ଼ିବାକୁ ହେବ। ସେହିପରି ପ୍ରତ୍ୟହ ଅତି କମ୍‌ରେ ୩୦ ମିନିଟ୍ ଶାରୀରିକ ପରିଶ୍ରମ କରିବାକୁ ହେବ। କାରଣ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ମନୋଭାବରେ ଉନ୍ନତି ଆଣି ସମଗ୍ର ଶକ୍ତି ସ୍ତରକୁ ବର୍ଦ୍ଧିତ କରିପାରିବ। ଏଥିସହିତ ଯୋଗ, ଜର୍ନାଲିଂ (ବ୍ୟକ୍ତିଗତ ଚିନ୍ତାଧାରା, ଅନୁଭବ ଓ ଅଭିବ୍ୟକ୍ତିକୁ ଲିପିବଦ୍ଧ କରିବା) କିମ୍ବା ଶ୍ୱାସକ୍ରିୟା ବ୍ୟାୟାମ ଦ୍ୱାରା ମାନସିକ ସୁସ୍ଥତାକୁ ବଜାୟ ରଖିହେବ। ସେତିକି ନୁହେଁ, ଦୈନିକ ୮ରୁ ୧୦ ଗ୍ଲାସ ପାଣି ପିଇ ଦିନ ତମାମ ଶରୀରର ଜଳୀୟଅଂଶ ବଜାୟ ରଖିବାକୁ ଶପଥ କରିବା ଉଚିତ। ଏହା ବିଭିନ୍ନ ଶାରୀରିକ କ୍ରିୟାକୁ ସୁଗମ କରିବା ସହ ତ୍ୱଚାକୁ ସୁସ୍ଥ ରଖେ ଏବଂ ଶକ୍ତି ସ୍ତରକୁ ମଧ ବଢ଼ାଇଥାଏ।



ଯାବତୀୟ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଦୈନିକ ୮ରୁ ୧୦ ଘଣ୍ଟା ସୁନିଦ୍ରା ଯିବାର ଯୋଜନା ନିହାତି ଜରୁରି। ଉପରୋକ୍ତ ସ୍ୱାସ୍ଥ୍ୟପ୍ରଦ ପ୍ରକ୍ରିୟା ଆପଣେଇବା ସହିତ ନିୟମିତ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଉଚିତ। କୌଣସି ପ୍ରକାର ଶାରୀରିକ ପ୍ରତିକୂଳତାକୁ ଏହା ଦୂରେଇଦେଇ ପାରିବ। ସେହିପରି ନିଜର ମୋବାଇଲ ଫୋନ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଗ୍ୟାଜେଟ୍‌ର ପରଦାରେ ଦୃଷ୍ଟି ନିକ୍ଷେପ କରି ରହିବାର ସମୟକୁ ଧୀରେ ଧୀରେ ହ୍ରାସ କରିବାକୁ ପଡ଼ିବ। ଏହାଦ୍ୱାରା ଆଖି ଉପରେ ପଡୁଥିବା ଚାପକୁ କମାଇ ଦୃଷ୍ଟିଶକ୍ତିକୁ ଶାଣିତ କରିହେବ। ଏଥିସହ ତ୍ୱଚାକୁ ସଫା ରଖିବା ଲାଗି ଏହାର ନିୟମିତ ଯତ୍ନ ମଧ ଆବଶ୍ୟକ।

ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ପାଇଁ ବର୍ଜ୍ୟପଦାର୍ଥ ଫିଙ୍ଗିବାରେ ହ୍ରାସ, ପୁନର୍ବ୍ୟବହାରକ୍ଷମ ପଦାର୍ଥର ବ୍ୟବହାର ଏବଂ ଅଧିକ ଉଦ୍ଭିଦଜାତ ଖାଦ୍ୟ ଗ୍ରହଣ ପରି ପରିବେଶ-ଅନୁକୂଳ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେବାକୁ ସଂକଳ୍ପ କରିବା ଉଚିତ। ଏଥିସହିତ ରୋଷେଇ, ବଗିଚା କାମ, ଲେଖାପଢ଼ା କି ସଂଗୀତଶିକ୍ଷା ପରି ମନପସନ୍ଦ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ବିଧେୟ।

ସର୍ବୋପରି ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ସାମାଜିକ ସମ୍ପର୍କକୁ ପ୍ରାଧାନ୍ୟ ଦେବା ବି ଜରୁରି। ଏହି ସଂକଳ୍ପଗୁଡ଼ିକୁ ଯଥାସାଧ ଗ୍ରହଣ କରି ଆମେ ଏକ ସୁସ୍ଥ, ନିରାମୟ ତଥା କାର୍ଯ୍ୟକ୍ଷମ ଜୀବନ ଜିଇପାରିବା ବୋଲି ଆଶା କରାଯାଇପାରେ।



# ହୃଦ୍‌ଘାତ ଆଶଙ୍କା କମାଏ ଅଣ୍ଡା

ମାଛ ଓ ମାଂସ ପ୍ରତି ବିତୃଷ୍ଣ ଆମିଷାସୀମାନେ ପୁଷ୍ଟିସାରରେ ଭରପୂର ଥିବା ଅଣ୍ଡାରେ ହିଁ ସନ୍ତୋଷ ଲାଭ କରିଥା'ନ୍ତି। ଏମିତି ଦେଖିଲେ ଉଚ୍ଚ ଜୈବିକ ମୂଲ୍ୟ ସହିତ ଭିଟାମିନ୍ ବି, ଫୋଲେଟ୍, ଅପରିପୃକ୍ତ ଚର୍ବିଳାମ୍ଳ ଓ ପ୍ରମୁଖ ଖଣିଜସାର ପ୍ରଦାନ କରୁଥିବା ଅଣ୍ଡା ଏକ ଉଚ୍ଚ କୋଟୀର ପୁଷ୍ଟିକର ଖାଦ୍ୟ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ। ବୟସ୍କମାନଙ୍କ ପାଇଁ ଏହା ପୁଷ୍ଟିସାରର ଏକ ଅପେକ୍ଷାକୃତ ଶସ୍ତା ଉତ୍ସ ଭାବରେ ବିବେଚିତ। ବିଶେଷ କରି ଯେଉଁମାନଙ୍କ ଠାରେ ବାର୍ଦ୍ଧକ୍ୟ ଶାରୀରିକ ଓ ଇନ୍ଦ୍ରିୟଗତ କାର୍ଯ୍ୟଦକ୍ଷତାକୁ ହ୍ରାସ କରିଥାଏ, ସେମାନଙ୍କ ପାଇଁ ଅଣ୍ଡା ଏକ ମହାର୍ଘ ମହୌଷଧି। ଅଣ୍ଡାର ଏପରି ଅସାଧାରଣ ଗୁଣ ଯୋଗୁଁ ତାହା ବିଶେଷ କରି ୟୁରୋପୀୟମାନଙ୍କର ଉତ୍ତମ ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଦୀର୍ଘ ଆୟୁଷର କାରଣ ପାଲଟିଛି। ତେବେ ପୋଷକତତ୍ତ୍ୱ ଓ ହୃଦ୍ ସ୍ୱାସ୍ଥ୍ୟରେ ଅଣ୍ଡା ଦୀର୍ଘ ଦିନ ଧରି ଏକ ବିବାଦୀୟ ପ୍ରସଙ୍ଗ ହୋଇ ଆସିଛି। ମାତ୍ର ଆଶ୍ୱସ୍ତିର କଥା, ନିୟମିତ ଅଣ୍ଡା ଖାଇଲେ ହୃଦ୍‌ରୋଗ ସମ୍ବନ୍ଧୀୟ ମୃତ୍ୟୁ ଆଶଙ୍କା କମିପାରେ ବୋଲି ମୋନାସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଆଣ୍ଡ୍ ପ୍ରିଭେଣ୍ଟିଭ୍ ମେଡିସିନ୍‌ର ଗବେଷକମାନେ ଜାଣିବାକୁ ପାଇଛନ୍ତି।

ଗବେଷକମାନେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ୮,୭୫୬ ଜଣ ବୟସ୍କଙ୍କ ସ୍ୱାସ୍ଥ୍ୟକୁ ବିଶ୍ଳେଷଣ କରି ଏପରି ନିର୍ଯାସ ପାଇପାରିଛନ୍ତି। ଅନୁଧ୍ୟାନରେ ସାମିଲ ହୋଇଥିବା ବୟସ୍କ ଅଂଶଗ୍ରହଣକାରୀମାନେ ସପ୍ତାହକୁ କେତେ ଥର(କେବେ ନୁହେଁ ଅବା ମାସକୁ ଥରେ କି ଦି'ଥର ଅଥବା ସପ୍ତାହକୁ ଥରକରୁ ୬ ଥର ଭିତରେ କିମ୍ବା ପ୍ରତ୍ୟହ) ଅଣ୍ଡା ଖାଆନ୍ତି, ତାହା ସେମାନେ ରିପୋର୍ଟ କରିଥିଲେ। ସେଥିରୁ ଯେଉଁମାନେ ସପ୍ତାହକୁ ଥରକରୁ ଛଅ ଥର ଯାଏ ଅଣ୍ଡା ଖାଆନ୍ତି, ସେମାନଙ୍କର କ୍ୱଚିତ୍ କିମ୍ବା ଆଦୌ ଅଣ୍ଡା ଖାଉନଥିବା ବୟସ୍କଙ୍କ ତୁଳନାରେ ଯେ କୌଣସି କାରଣରୁ ମୃତ୍ୟୁ ଆଶଙ୍କା ୧୫ ପ୍ରତିଶତ କମ୍ ଥାଏ ଏବଂ ହୃଦ୍‌ଘାତ ଜନିତ ମୃତ୍ୟୁ ଆଶଙ୍କା ୨୯ ପ୍ରତିଶତ ହ୍ରାସ ପାଇଥାଏ। ସେହିପରି ମଧ୍ୟମରୁ ଉଚ୍ଚମାନର ଖାଦ୍ୟ ଗ୍ରହଣ କରୁଥିବା ବୟସ୍କ ବ୍ୟକ୍ତିମାନଙ୍କର ହୃଦ୍‌ରୋଗରେ ମୃତ୍ୟୁ ଆଶଙ୍କା ଯଥାକ୍ରମେ ୩୩ ପ୍ରତିଶତ ଓ ୪୪ ପ୍ରତିଶତ କମ୍ ହୋଇଥାଏ।

ଏଥିରୁ ଏହା ସ୍ପଷ୍ଟ ଅନୁମେୟ ଯେ, ଉଚ୍ଚମାନର ଖାଦ୍ୟ ସହିତ ଅଣ୍ଡା ସେବନ ଆପଣଙ୍କୁ ଦୀର୍ଘାୟୁ କରିପାରେ ଏବଂ ହୃଦ୍‌ରୋଗ ବିରୋଧରେ ଅତିରିକ୍ତ ଲାଭ ଦେଇପାରେ।



# 'ଟାଟୁ' କରୁଥିଲେ ସାବଧାନ !



ଭାରତୀୟ ସଂସ୍କୃତିରେ ଚିତା କୁଟାଇବା ଏକ ପ୍ରାଚୀନ ପରମ୍ପରା ହୋଇ ରହି ଆସିଛି। ତେବେ ସମ୍ପ୍ରତି ଯୁବପିଢ଼ିଙ୍କ ଭିତରେ ଶରୀରର ତ୍ୱଚା ଉପରେ ବିଭିନ୍ନ ଆକୃତିର ଚିତା କୁଟାଇବା ବା ଟାଟୁ ଆଙ୍କିବା ଏକ ଫେସନ ପାଲଟିଛି। ମାତ୍ର ନିଜ ତ୍ୱଚାର କ୍ଷତ କରି ଟାଟୁ କରିବା କେତେ ଯେ ବିପଜ୍ଜନକ ହୋଇପାରେ, ତାହା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଉକ୍ତ ଅନୁଧ୍ୟାନ ଅନୁସାରେ ଯେଉଁମାନେ ନିଜ ଦେହରେ ଆଦୌ ଟାଟୁ କରିନାହାନ୍ତି, ସେମାନଙ୍କ ତୁଳନାରେ ଟାଟୁ କରିଥିବା ବ୍ୟକ୍ତିଙ୍କର ଚର୍ମ ଓ ଲସିକା ଗ୍ରନ୍ଥି ବା ଲିମ୍ଫ୍ ନୋଡ୍‌ସ କର୍କଟର ଆଶଙ୍କା ଅଧିକ ରହିଥାଏ। ଦକ୍ଷିଣ ଡେନମାର୍କ ବିଶ୍ୱବିଦ୍ୟାଳୟର ଜନସ୍ୱାସ୍ଥ୍ୟ ବିଭାଗ ଓ ନୈଦାନିକ ଗବେଷଣା ବିଭାଗର ଗବେଷକମାନଙ୍କ ସହିତ ହେଲସିଙ୍କି ବିଶ୍ୱବିଦ୍ୟାଳୟର ଗବେଷକମାନେ ଟାଟୁରେ ବ୍ୟବହୃତ କାଳିର ସ୍ୱାସ୍ଥ୍ୟଗତ ପରିଣାମକୁ ବିଶ୍ଳେଷଣ କରିଥିଲେ। ସେମାନଙ୍କ ଅନୁଧ୍ୟାନ ଅନୁଯାୟୀ, ଟାଟୁ ପାଇଁ ଚର୍ମ ଉପରେ ଯେଉଁ କାଳି ବା ରଙ୍ଗକୁ ଭେଦ କରାଯାଇଥାଏ, ତାହା କେବଳ ସେହି ସ୍ଥାନରେ ସ୍ଥିର ନରହି ଶରୀରର ବିଭିନ୍ନ ଅଂଶରେ ଥିବା ରୋଗପ୍ରତିରୋଧକ ପ୍ରଣାଳୀର ଲସିକା ଗ୍ରନ୍ଥିକୁ ସ୍ଥାନାନ୍ତରିତ ହୋଇ ସେଠାରେ ଜମା ହୋଇଥାଏ। ଫଳରେ ତାହା ଦୀର୍ଘକାଳୀନ ପ୍ରଦାହକୁ ଉତ୍‌ପ୍ରେରିତ କରି ସମୟକ୍ରମେ ଅସ୍ୱାଭାବିକ କୋଷବୃଦ୍ଧି କରିବା ସହ କର୍କଟ ଆଶଙ୍କା ବଢ଼ାଇଥାଏ।

ଗବେଷକମାନେ ଦୁଇଟି ଅଧ୍ୟୟନର ତଥ୍ୟକୁ ବିଶ୍ଳେଷଣ କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସେଥି ମଧ୍ୟରୁ ଗୋଟିଏ ଅଧ୍ୟୟନ ୩୧୬ ଜଣ ଯମଜ ଶିଶୁଙ୍କ ଉପରେ ଏବଂ ଅନ୍ୟଟି ୧୯୬୦ରୁ ୧୯୯୬ ମସିହା ଭିତରେ ୨,୩୬୭ ଜଣ ଯମଜ ଶିଶୁଙ୍କ ଉପରେ ହୋଇଥିଲା। ଏଥି ସହିତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଆନୁବଂଶିକ ଓ ପରିବେଶଗତ କାରଣକୁ ମଧ ବିଶ୍ଳେଷଣ କରାଯାଇଥିଲା। ଯମଜ ଶିଶୁଙ୍କ ଏହି ଅଧ୍ୟୟନରୁ ଗବେଷକମାନେ କର୍କଟ ଆକ୍ରାନ୍ତଙ୍କ ଠାରେ ଟାଟୁ ପ୍ରଚଳନ ଅଧିକ ବୋଲି ଲକ୍ଷ୍ୟ କରିଛନ୍ତି। ଏଥି ସହିତ ଟାଟୁ କରିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କର୍କଟ ଆଶଙ୍କା ୬୨ ପ୍ରତିଶତ ଅଧିକ ବୋଲି ସ୍ପଷ୍ଟ ହୋଇଛି। ସେହିପରି ଟାଟୁର ଆକାର ଯେତେ ବଡ଼, କର୍କଟ ଆଶଙ୍କା ସେତେ ଅଧିକ ବୋଲି ମଧ ସେମାନେ ଜାଣିବାକୁ ପାଇଛନ୍ତି। ଏହାର କାରଣ ହେଲା ଟାଟୁର ଆକାର ବଢ଼ିବା ସହିତ ଲସିକା ଗ୍ରନ୍ଥିରେ ଅଧିକ ଟାଟୁ କାଳି ଠୁଳ ହୁଏ ଏବଂ ତାହା ଅଧିକ କର୍କଟ ସୃଷ୍ଟି କରିଥାଏ।

ଭେଷଜ ବିଜ୍ଞାନରେ ମହିଳାଙ୍କ ପ୍ରଜନନ ନଳୀ ଦେଇ ଡିମ୍ବାଣୁ ପର୍ଯ୍ୟନ୍ତ ଶୁକ୍ରାଣୁର ପହଞ୍ଚିବା ଏବଂ ତାହାକୁ ନିଷିକ୍ତ କରିବା ଲାଗି ସଠିକ୍ ଭାବରେ ପହଁରି ପାରିବାର କ୍ଷମତାକୁ ଶୁକ୍ରାଣୁର ଗତିଶୀଳତା କୁହାଯାଏ। ସ୍ୱାଭାବିକ ଭାବେ ଜଣେ ପ୍ରଜନନକ୍ଷମ ପୁରୁଷ ପାଇଁ ଏକ ମିଲିଲିଟର ବୀର୍ଯ୍ୟରେ ସାଢ଼େ ୧୨ କୋଟି ଶୁକ୍ରାଣୁ ରହିବା ଆବଶ୍ୟକ। ତେବେ ଦୁର୍ବଳ ବା କମ୍ ପହଁରି ପାରୁଥିବା ଶୁକ୍ରାଣୁ ବହନ କରୁଥିବା ପୁରୁଷଙ୍କ ତୁଳନାରେ ଅଧିକ ସକ୍ରିୟ ଶୁକ୍ରାଣୁ ଥିବା ପୁରୁଷମାନେ ଅଧିକ ଦିନ ବଞ୍ଚନ୍ତି ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଏହି ଅଧ୍ୟୟନରେ ପ୍ରାୟ ୮୦,୦୦୦ ଜଣ ପୁରୁଷଙ୍କୁ ୫୦ ବର୍ଷ ଧରି ପର୍ଯ୍ୟବେକ୍ଷଣ କରାଯାଇଥିଲା। ସେଥିରୁ ସ୍ପଷ୍ଟ ହୋଇଛି ଯେ, ପ୍ରତି ମିଲିଲିଟର ବୀର୍ଯ୍ୟରେ ୧୨ କୋଟିରୁ ଅଧିକ ଗତିଶୀଳ ଶୁକ୍ରାଣୁ ଥିବା ପୁରୁଷମାନେ ମୋଟ ୫୦ ଲକ୍ଷ ମଧ୍ୟରେ ଗତିଶୀଳ ଶୁକ୍ରାଣୁ ଥିବା ପୁରୁଷମାନଙ୍କ ତୁଳନାରେ ହାରାହାରି ୨.୭ ବର୍ଷ ଅଧିକ ବଞ୍ଚିବାର ଆଶା କରାଯାଏ। 'ହ୍ୟୁମାନ୍ ରିପ୍ରଡକ୍ସନ' ପତ୍ରିକାରେ ଏ ସଂକ୍ରାନ୍ତ ସବିଶେଷ ବିବରଣୀ ପ୍ରକାଶ ପାଇଛି। ଡେନ୍‌ମାର୍କର କୋପେନ୍‌ହେଗେନ୍ ବିଶ୍ୱବିଦ୍ୟାଳୟ ଡାକ୍ତରଖାନାର ପ୍ରଜନନ ଓ ବୃଦ୍ଧି ବିଭାଗ ଗବେଷକମାନେ ଶୁକ୍ରାଣୁର ଗୁଣବତ୍ତା ଓ ଦୀର୍ଘ ଆୟୁଷ ମଧ୍ୟରେ ସମ୍ପର୍କ ଅନୁସନ୍ଧାନ ସମ୍ପର୍କରେ କହିଛନ୍ତି।

## ଶୁକ୍ରାଣୁ ଯେତେ ସୁସ୍ଥ, ପୁରୁଷ ସେତେ ଦୀର୍ଘାୟୁ



# ଟ୍ରୋଲିଂ ବଢ଼ାଇଛି ମାନସିକ ଆଘାତ

ସେଲିବ୍ରିଟି ଓ ଟ୍ରୋଲିଂ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ହୋଇଗଲେଣି। ବିଶେଷ କରି ବଲିଉଡ୍ ତାରକାମାନେ ନିଜ ମନ୍ତବ୍ୟ ପାଇଁ ସାମାଜିକ ଗଣମାଧ୍ୟମରେ ଭୀଷଣ ଭାବରେ ଟ୍ରୋଲିଂର ଶିକାର ହେଉଛନ୍ତି। ଏହି ଟ୍ରୋଲିଂ କିପରି ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ସେ ବାବଦରେ ପୂର୍ବରୁ ଦୀପିକା ପାଦୁକୋନ୍, କରନ ଜୋହର, ଅନନ୍ୟା ପାଣ୍ଡେ ଓ ରବିନା ଟଣ୍ଡନ ପ୍ରମୁଖ କ୍ଷୋଭ ପ୍ରକାଶ କରି ସାରିଛନ୍ତି। ଏବେ ସାରା ଅଲ୍ଲୀ ଖାଁ ମଧ ମୁହଁ ଖୋଲିଛନ୍ତି। ସମାଲୋଚନା ଓ ଟ୍ରୋଲିଂ ତାଙ୍କ ଜୀବନକୁ ଭୀଷଣ ପ୍ରଭାବିତ କରୁଛି ବୋଲି ସାରା ଏକ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କ କହିବାନୁସାରେ, ସମାଲୋଚନା ଓ ଟ୍ରୋଲିଂକୁ ସହ୍ୟ କରିବା ବହୁତ କଷ୍ଟକର। ବିଶେଷ କରି ତାହା ବ୍ୟକ୍ତିଗତ ଆକ୍ଷେପ ହୋଇଥିଲେ, ଆଦୌ ସହନଯୋଗ୍ୟ ନୁହେଁ। ତେବେ ଧୀରେ ଧୀରେ ସେଥିରୁ କ୍ଷାନ୍ତ ହେବା ସେ ଶିଖିପାରିଛନ୍ତି। କାରଣ ସେ ଯାହା କରୁଛନ୍ତି, ତାହା ସମସ୍ତଙ୍କୁ ଭଲ ଲାଗି ନପାରେ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ତେଣୁ ତାଙ୍କର କାର୍ଯ୍ୟକଳାପରେ କିଏ କ'ଣ ପ୍ରତିକ୍ରିୟା ରଖିଲା, ସେଥିପ୍ରତି ପ୍ରତିକ୍ରିୟାଶୀଳ ନ ହୋଇ ବରଂ ସମାଜରେ ନିଜର ଭୂମିକାକୁ ଆହୁରି ବଳିଷ୍ଠ କରିବା ଉପରେ ଗୁରୁତ୍ୱାରୋପ ଆରମ୍ଭ କରିଛନ୍ତି। ଅପରପକ୍ଷେ, ସମାଲୋଚନା ଆତ୍ମସମୀକ୍ଷା ପାଇଁ ଖୋରାକ ଯୋଗାଉଛି ବୋଲି ସେ ଧରିନେଇଛନ୍ତି। ଆକ୍ଷେପମୂଳକ ମତାମତକୁ ଆତ୍ମସମ୍ମାନ ପ୍ରତି ଆଞ୍ଚ ବୋଲି ବିଚାରିବା ପରିବର୍ତ୍ତେ ତାହା ଆତ୍ମପ୍ରଗତି ପାଇଁ ବାଟ ଖୋଲିଦେଇଛି ବୋଲି ସାରା କହିଛନ୍ତି। ଏହି ଅବସରରେ କ୍ୟାରିଅର ଆରମ୍ଭ ବେଳେ କିପରି ସାରାଙ୍କୁ ନିଜକୁ ପ୍ରମାଣିତ କରିବାରେ ଓ ସମସ୍ତଙ୍କର ଆଶା ପୂରଣ କରିବାରେ ଭୀଷଣ ଚାପର ଶିକାର ହେବାକୁ ପଡ଼ିଥିଲା ତାହା ସେ କଥା ପ୍ରକାଶ କରିଛନ୍ତି।



# ହୃତ୍‌ପିଣ୍ଡ ପାଇଁ ଲାଲ୍ ଫଳ

ସୁସ୍ଥ ଶରୀର ପାଇଁ ଫଳର ଉପକାରିତା କାହାକୁ ଅଛପା ନୁହେଁ। ଫଳାହାର ଆମକୁ ଦୀର୍ଘାୟୁ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଫଳାହାରର ଉପକାରିତା ଉପରେ ବିଭିନ୍ନ ସମୟରେ ହୋଇଥିବା ଭିନ୍ନ ଭିନ୍ନ ଅଧ୍ୟୟନରୁ ଜଣାଯାଇଛି ଯେ ଫଳଯୁକ୍ତ ଭୋଜନ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ରକ୍ତ ସଂଚାଳନରେ ସକାରାତ୍ମକ ପ୍ରଭାବ ପକାଇଥାଏ। 'କରେଣ୍ଟ୍ ମେଡିସିନାଲ୍ କେମିଷ୍ଟ୍ରି ଜର୍ଣ୍ଣାଲ୍'ରେ ପ୍ରକାଶିତ ତଥ୍ୟ ଅନୁସାରେ, ଅଧିକ ଫଳାହାର ସ୍ୱାସ୍ଥ୍ୟ ପ୍ରତି ହିତକର ଏବଂ ଏହା ହୃଦ୍‌ଜନିତ ସମସ୍ୟାକୁ ଦୂରେଇଥାଏ। ସେହିପରି ଲାଲ୍ ରଙ୍ଗର ଫଳ ସେବନ ଶରୀରକୁ ଅଧିକ ସୁଫଳ ଦେଇଥାଏ।

**ଚେରି:** ଚେରିକୋଳିରେ ଭରପୂର ଆନ୍ଥୋସିଆନିନ୍ସ ନାମକ ଆଣ୍ଟିଅକ୍ସିଡାଣ୍ଟ୍ ମହଜୁଦ ଅଛି। ଏହା ଶରୀରର ଶିରାପ୍ରଶିରା ଓ ଧମନୀକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ସାଲାଡ୍, ଛତୁଆ, ପିଠା, କେକ୍ ଆଦିରେ ଶୁଖିଲା ଚେରି ପକାଇ ଖାଇବା ସ୍ୱାସ୍ଥ୍ୟକର।

**ରସ୍ପବେରି:** ଏହି ଛୋଟ ଆକାରର ଲାଲ୍‌କୋଳି ହୃଦ୍‌ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ସୁସ୍ୱାଦୁ ମଧ। ଏହି କୋଳି ପ୍ରାକୃତିକ ଭାବେ ମିଠା। ରସ୍ପବେରି ଖାଇବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ରକ୍ତଚାପ ସନ୍ତୁଳିତ ହୁଏ, ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ କମିଥାଏ, ଓଜନର ସୁପରିଚାଳନା ହେବା ସହ ଶରୀରର ପ୍ରଦାହ କମିଥାଏ।

**ଟମାଟୋ:** ଟମାଟୋ ବା ବିଲାତି ବାଇଗଣ ଏକ କୋଳି ପ୍ରଜାତିର ପରିବା। ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ୍‌ରେ ଭରପୂର ଟମାଟୋକୁ ସପ୍ତାହକୁ ୫ରୁ ଅଧିକ ଥର ୧୧ ବର୍ଷ ପାଇଁ ନିୟମିତ ଖାଇଲେ ହୃଦ୍‌ରୋଗର ଆଶଙ୍କା ୨୬% କମିଥାଏ ବୋଲି ବୋଷ୍ଟନର ଟୁଫ୍ଟସ୍ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଜଣାପଡ଼ିଛି। କଞ୍ଚା ଟମାଟୋ ଅପେକ୍ଷା ରନ୍ଧା ଟମାଟୋ ଦେହ ପାଇଁ ଅଧିକ ହିତକାରୀ। ଏହାଦ୍ୱାରା ଶରୀରର ଲାଇକୋପିନ୍ ଶୋଷଣର କ୍ଷମତା ବଢ଼ିଥାଏ।

**ସେଓ:** ବଜାରରେ ଲାଲ୍ ଓ ସବୁଜ ଦୁଇ ପ୍ରକାର ସେଓ ଉପଲବ୍ଧ ଥିବା ବେଳେ ଲାଲ୍ ସେଓ ହୃତ୍‌ପିଣ୍ଡ ପାଇଁ ହିତକାରୀ। ଓହାଇଓ ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଲାଲ୍‌ସେଓ ଖାଇବା ଦ୍ୱାରା କ୍ଷତିକାରକ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ସ୍ତର ୪୦% ଯାଏ ହ୍ରାସ ପାଇପାରେ। ୩୪,୦୦୦ ରଜୋନିବୃତ୍ତ ମହିଳାଙ୍କୁ ନେଇ କରାଯାଇଥିବା ଇଓଲା ଓମେନ୍‌ସ୍ ହେଲ୍‌ଥ ଷ୍ଟଡିରୁ ଜଣାଯାଇଛି ଯେ ପ୍ରତ୍ୟହ ସେଓ ଖାଇଲେ ହୃଦ୍‌ଘାତରେ ପ୍ରାଣ ହରାଇବାର ଆଶଙ୍କା ବହୁ ମାତ୍ରାରେ କମିଯାଏ। ସେଓଚୋପାରେ ଆଣ୍ଟିଅକ୍ସିଡାଣ୍ଟ୍ ଥିବାରୁ ପୂରା ଫଳକୁ ଖାଇଲେ ଭଲ।

**ଷ୍ଟ୍ରବେରି:** ଷ୍ଟ୍ରବେରି ଯେତିକି ସୁସ୍ୱାଦୁ, ହୃତ୍‌ପିଣ୍ଡ ପାଇଁ ମଧ ସେତିକି ଲାଭକାରୀ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ସକ୍ରିୟ କରେ। ଏଥିରେ ଥିବା ତନ୍ତୁ ଓ ପେକ୍‌ଟିନ୍ ଏନ୍‌ଜାଇମ୍ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ପରିମାଣକୁ କମାଇଥାଏ।



# ୩୦ରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତ

● ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କରିବେ



**କଳାହାଣ୍ଡି,୧୭।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ କଳାହାଣ୍ଡି ଗସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଭାଜପା ପକ୍ଷରୁ ଭବାନୀପାଟଣା ସାର୍କିଟ ହାଉସଠାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଧର୍ମଗଡ଼ ବିଧାୟକ ସୁଧର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବିଧାୟକ ଅନାମ ନାଏକ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା, , ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଅନିରୁଦ୍ଧ ପ୍ରଧାନ, ରମେଶ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଜିଲ୍ଲା ସଂଘଠନର ସମସ୍ତ କର୍ମକର୍ତ୍ତା, ସମସ୍ତ ମୋର୍ଚ୍ଚାର ସଭାପତି ଓ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ସଦସ୍ୟା ମାନେ ସଂଘବଧ ଭାବେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ସଫଳ କରିବା ପାଇଁ ଧର୍ମଗଡ଼ ବିଧାୟକ ଶ୍ରୀ ପଟ୍ଟଯୋଶୀ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ଏକାମ୍ର ପ୍ରତିଭା ରତ୍ନରେ ସମ୍ମାନିତ ହେଲେ ନୃତ୍ୟ ଶିଳ୍ପୀ ଶ୍ରୀୟାଶ୍ରୀ



**ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ):** ଓଡ଼ିଶାର ଲୋକପ୍ରିୟ ନୃତ୍ୟ ଓଡିଶୀ। ଖାଲି ଓଡ଼ିଶା, ନୁହେଁ ଓଡ଼ିଶା ବାହାରର ବିଭିନ୍ନ ସ୍ଥାନରେ ଏବେ ଏହି ନୃତ୍ୟ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି ନୃତ୍ୟ କେବଳ ଗୋଟେ ନୃତ୍ୟ ନୁହେଁ ଏହା ଏକ ସାଧନା। ଆଉ ଏହି ସାଧନା କରୁଥିବା ନୃତ୍ୟଶିଳ୍ପୀ ମାନେ ନିଜର ନୃତ୍ୟ ମାଧ୍ୟମରେ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନ କରିଥାନ୍ତି। ଦୀର୍ଘ ବହୁ ବର୍ଷ ହେଲା ଏହି ନୃତ୍ୟ ସାଧନା କରି ଚର୍ଚ୍ଚାରେ ଭୁବନେଶ୍ୱର ର ଝିଅ ଅନ୍ତର୍ଜାତିକ ନୃତ୍ୟଶିଳ୍ପୀ ଶ୍ରୀୟାଶ୍ରୀ ପତି। ଅନ୍ତର୍ଜାତିକ ନୃତ୍ୟଶିଳ୍ପୀ ଶ୍ରୀୟାଶ୍ରୀ ପତି ଙ୍କୁ ଓଡ଼ିଶା ର ଅଗ୍ରଣୀ ସଂଗଠନ ହାପି ମୁମେଣ୍ଟସ୍ ତରଫରୁ ଆୟୋଜିତ ଆନ୍ତର୍ଜାତିକ ପୁରସ୍କାର ସମାରୋହ ରେ ଏକାମ୍ର ପ୍ରତିଭା ରତ୍ନ ସମ୍ମାନ ରେ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମ ଟି ଓଡ଼ିଶା ରାଜଧାନୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଅର୍ଜ୍ଜୁନ ପୁରସ୍କାର ପ୍ରାପ୍ତ ମିନତୀ ମହାପାତ୍ର, ହାପି ମୁମେଣ୍ଟସ୍ ଇଣ୍ଡିଆ ର ମୁଖ୍ୟ ରାଜେନ୍ଦ୍ର ପଣ୍ଡା, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ମାନିତ କରିଥିଲେ।

# ଭକ୍ତ ଓ ଭଗବାନଙ୍କ ମିଳନର ଅପୂର୍ବ ଦୃଶ୍ୟ

● ଉଦୟପୁର ଓ ଅସ୍ତରଙ୍ଗରେ ଦୋଳ ମେଳଣ



**କାକଟପୁର/ଅସ୍ତରଙ୍ଗ,୧୭।୩(ସଂଚାର ବ୍ୟୁରୋ):** ପୁରାଣରେ ବର୍ଣ୍ଣିତ ଅଛି 'ଦୋଳେଚ ଦୋଳ ଗୋବିନ୍ଦ, ଚାପେଚ ମଧୁସୂଦନ, ରଥେ ତୁ ବାମନ ଦୃଷ୍ଟା, ପୁନଃ ଜନ୍ମ ନ ବିଦ୍ୟତେ'। ଏହି ଉକ୍ତିକୁ ଆଧାର କରି କେଉଁ ଆବାହନ କାଳରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ ରାଧାକୃଷ୍ଣ ମେଳଣ ପଡ଼ିଆ ଓ ଅସ୍ତରଙ୍ଗ ଜାଗୁଲାଇ ପଡ଼ିଆରେ ଦୋଳ ଯାତ୍ରା ତଥା ହରିହର ଭେଟ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହେଉଛି। ଓଡିଶାରେ ପାଳିତ ହେଉଥିବା ପର୍ବ ମାନଙ୍କ ମଧ୍ୟରେ ଏକ ବିଶେଷ ପର୍ବ ହେଉଛି ଦୋଳ ପର୍ବ। ଫାଲ୍ଗୁନ ଶୁକ୍ଳଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହାର ଅନ୍ୟ ନାମ ଦୋଳଯାତ୍ରା। ଏଥିରେ ଦୋଳ ବା ଦୋଳ ଗୋବିନ୍ଦ ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ। ବିମାନରେ ଝୁଲି ଝୁଲି ଆସୁଥାନ୍ତି ରାଧା କୃଷ୍ଣ। ଘଣ୍ଟ, ଘଣ୍ଟା, ଧ୍ୱନିରେ ପ୍ରକମ୍ପିତ ହେଉଥାଏ ସମଗ୍ର ଅଞ୍ଚଳ। ଆନନ୍ଦ ଉଲ୍ଲାସ ସହ ଠାକୁରଙ୍କୁ ପାଛୋଟି ଆଣୁଥାନ୍ତି ଶ୍ରଦ୍ଧାଳୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ ରାଧାକୃଷ୍ଣ ମେଳଣ ପଡ଼ିଆରେ ରବିବାର ସନ୍ଧ୍ୟାରେ ଦୋଳ ମେଳଣ ପଡ଼ିଆକୁ କେନ୍ଦ୍ରାପଟି, ପାପିରା, ବନ୍ତିଲୋ, ମୁଦୁଗଲ, ଉଦୟପୁର ସରିପୁର, ସିଦ୍ଧିପୁର, ରାଇବେରୁଆଁ ସମେତ ବିଭିନ୍ନ ସ୍ଥାନରୁ ପାଖାପାଖି ୧୮ଟି ଦୋଳ ଏକତ୍ରିତ ହୋଇଥିଲା।ସେହିପରି ଅସ୍ତରଙ୍ଗ ପଂଚାୟତ ଜାଗୁଲାଇ ପଡ଼ିଆରେ ବାଲିଆପଟା, ଝାଡ଼ଲିଙ୍ଗ, ବେଗୁନିଆବସ୍ତ, ଅସ୍ତରଙ୍ଗ, ବରାଙ୍ଗ, କରଞ୍ଜପୁର ଅଞ୍ଚଳ ଦୋଳ ଏକତ୍ରିତ ହୋଇଥିଲା। ବିମାନରେ ରାଧାକୃଷ୍ଣ ଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ ଭକ୍ତ ମାନେ ବାଜା, ବାଣ ରୋଷଣୀ ସହ ମେଳଣ ପଡ଼ିଆକୁ ଆଣିଥିଲେ। ଉଦୟପୁର ମେଳଣ ପଡ଼ିଆ ଓ ଅସ୍ତରଙ୍ଗ ଜାଗୁଲାଇ ପଡ଼ିଆରୁ ପୁରୋହିତ ଙ୍କ ବେଦ ମନ୍ତ୍ର ମାଧ୍ୟମରେ ଠାକୁର ଙ୍କୁ ନିମନ୍ତ୍ରଣ କରିଥିଲେ। ପାରମ୍ପରିକ ବାଦ୍ୟ ଓ ଲଉଡ଼ି ଖେଳ ସହ ଶ୍ରୀଜିଉକୁ ଆଣିବା ସମୟରେ ଶ୍ରଦ୍ଧାଳୁଙ୍କ ଆବେଗ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିଲା। ରାତିରେ ଠାକୁର ଙ୍କ ନିକଟରେ ଭୋଗ ଲାଗି ପରେ ଆକର୍ଷଣୀୟ ବାଦ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ମନ୍ଦିରରେ ଠାକୁର ଙ୍କ ବିଶେଷ ନୀତିକାନ୍ତି କରାଯାଇ ସିଂହାସନ ବିଜେ କରାଯାଇଥିଲା। ମେଳଣକୁ ସୁରୁଖୁରୁ ରେ ସାରିବା ପାଇ ମେଳଣ କମିଟି ଓ ସ୍ଥାନିୟ ପୋଲିସ ପକ୍ଷରୁବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ



**ସୁବର୍ଣ୍ଣପୁର,୧୭।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ସୋନପୁର ବ୍ଲକ୍ ସ୍ଥିତ ପିଏମ୍ ଶ୍ରୀ କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଆଜି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାବୁଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ ଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶ୍ରୀ କରମ୍ ଚାନ୍ଦ ମହାନ୍ତି ମୁଖ୍ୟ ଅତିଥି, ଐତିହାସିକ ତଥା ଗବେଷକ ସୁଦାମ୍ ନାଏକ୍ ମୁଖ୍ୟ ବକ୍ତା, ନାଏବ ସରପଞ୍ଚ ଗୀତାଞ୍ଜଳି ପଲିଆ, ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଲିଆ, ସଭ୍ୟ ଗିରିଶ ଚନ୍ଦ୍ର ଭରାସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଚକାନୟନ ମେହେରଙ୍କ ସଂଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସଭ୍ୟ ମନୋଜ ପଲିଆ, ଅର୍ଜୁନ କୁଶଲ୍, ଶିକ୍ଷୟତ୍ରୀ ନନ୍ଦିନୀ ମହାନା, ଜୟନାରାୟଣ ମିଶ୍ର, ଏକାଦଶ ବର୍ଗେଇ, ସ୍ନେହଲତା ଖେତି, ସଞ୍ଜୟ ପଧାନ, ମାନସ ରଞ୍ଜନ ଭୋଇ, ସଂଯୁକ୍ତା ଦାସ୍, ପୁଷ୍ପାଞ୍ଜଳି ନାୟକ୍, ମାନସୀ ରାଣୀ, ନୀବେଦିତା ମିଶ୍ର, ନୀହାରିକା ମିଶ୍ର, ନର୍ମଦା ପାତ୍ର, ସଂଯୁକ୍ତା ଗାଇଗୋରିଆ ଏବଂ ଆଦିତ୍ୟ କିଶୋର ପାଢ଼ୀ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କ୍ରିଡ଼ା ଶିକ୍ଷକ ଚୌଧୁରୀ ବିଭାର ଧନ୍ୟବାଦ୍ ଅର୍ପଣ କରିଥିଲେ। ବାଳ ମୁକୁନ୍ଦ ସେଠୀ, ଚମାର୍ ବାଘ, ୱାଡ଼ ମେମ୍ବର ତଥା ଜନ ପ୍ରତିନିଧି ଏଥିରେ ସହଯୋଗ କରିଥିଲେ। ନିକଟସ୍ଥ ଗ୍ରାମକୁ ଯାଇ ଏକ ସ୍ୱଚ୍ଛତା ସଚେତନତା ରାଲି ମଧ୍ୟ ଆୟୋଜନ କରାଯାଇଥିଲା।

## ପାଣି ବୁନ୍ଦେ ପାଇଁ ଲୋକେ ହନ୍ତସନ୍ତ

# ବିଦ୍ୟୁତ୍ ବିଭାଗର ଅବହେଳା, ପାନୀୟ ଜଳ ଯୋଗାଣ ଠପ୍



**ବାଲିପାଟଣା,୧୭।୩(ସଂଚାର ବ୍ୟୁରୋ):** ପମ୍ପାଲୋ ଗ୍ରାମ ପଞ୍ଚାୟତ ର ର ତରଡପଡା, ସାହାଣୀସାହି, ନୂଆପଡ଼ା ସମେତ ପ୍ରାୟ ୧୦ ରୁ ଅଧିକ ଗ୍ରାମରେ ଗତ ତିନିଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା।ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ ବିଭାଗ ର ଚରମ ଅବହେଳାରୁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।ସରପଞ୍ଚ ଓ ବିଡ଼ିଓ ଙ୍କ ଅନୁରୋଧ କୁ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଭ୍ରୁକ୍ଷେପ ନକରିବାରୁ ଏହି ଅଞ୍ଚଳ ର ଶତାଧିକ ଲୋକ ବାଲିପାଟଣା ସ୍ଥିତ କାର୍ଯ୍ୟାଳୟ ରେ ଧାରଣା ଦେଇଥିଲେ। ଜୟଦେବ ର ବିଧାୟକ ନବକିଶୋର ମଲ୍ଲିକ ଙ୍କ ହସ୍ତକ୍ଷେପ ପରେ ପୋଡ଼ି ଯାଇଥିବା ସ୍ମାର୍ଟ ମିଟର ଲାଗିଥିଲା ଓ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇ ଜଳ ଯୋଗାଣ ଆରମ୍ଭ ହୋଇଥିଲା।ଏହି ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଉପଭୋକ୍ତା ମାନେ ଅତିଷ୍ଠ ହୋଇ ପଡ଼ିଲେଣି। ଆଖି ଦେଖାଇ ଲାଇନ୍ କାଟିବାଠାରୁ ଆରମ୍ଭ କରି ମନ ଇଚ୍ଛା ଜୋରିମାନା ଆଦାୟ କରିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ରହୁଛନ୍ତି।ସ୍ମାର୍ଟ ମିଟର ନାମରେ ସ୍ମାର୍ଟ ଠକେଇ ହୋଇ ବାରମ୍ବାର ମିଟର ମୂଲ୍ୟ ବାବଦରେ ଅର୍ଥ ଆଦାୟ ହୋଇ ଚାଲିଛି।ପ୍ରାୟ ପ୍ରତିଦିନ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି।ବିଭାଗୀୟ ଅଧିକାରୀ ଅଥବା ସରକାର ଙ୍କ ତରଫରୁ ତୁରନ୍ତ ହସ୍ତକ୍ଷେପ ପାଇଁ ସ୍ଥାନୀୟ ଉପଭୋକ୍ତା ମାନେ ଦାବି କରିଛନ୍ତି।

# ୫ ଅଭିଯୋଗରେ ସରିଗଲା ଗ୍ରାମପଞ୍ଚାୟତ ଜନଶୁଣାଣି ଶିବିର



**ଖପ୍ରାଖୋଲ,୧୭।୩ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗ୍ରାମପଞ୍ଚାୟତ ରେ ତା ୧୭।୦୩।୨୫ ରିଖ ସୋମବାର ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଜନଶୁଣାଣୀ ଶିବିର କାର୍ଯ୍ୟକ୍ରମ କରିବା ନେଇ ସୂଚନା ଦିଆ ଯାଇଥିଲା। ସେହି ଅନୁସାରେ ଲୋକେ ଯାଇଥିଲେ ହେଲେ ପରିତାପର ବିଷୟ ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ କୌଣସି ଅଧିକାରୀ ପହଞ୍ଚିନ ଥିଲେ। ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇନଥିବା ଦେଖାଦେଇଥିଲା। ଜନଶୁଣାଣୀ କୁ ଯାଇଥିବା ଲୋକେ କୁହନ୍ତି ଆମେ ଶୁଣା ଶୁଣି ଖବର ପାଇ ଆସିଛୁ ଆଗରୁ କୌଣସି ସୂଚନା ଦିଆଯାଇନଥିଲା। ଖାଦ୍ୟପେୟ ର କୌଣସି ବ୍ୟବସ୍ଥା କରାଯାଇନଥିଲା। ବିଭିନ୍ନ ବିଭାଗର ଅଧସ୍ତନ କର୍ମଚାରୀ ଓ ମେମ୍ବର ଓ ଅଳ୍ପସଂଖ୍ୟକ ଲୋକଙ୍କୁ ନେଇ ଜନଶୁଣାଣୀ ଶିବିର ସରିଲା। ଏଥିରୁ ଜଣାଯାଇଛି ଜନଶୁଣାଣୀ ଶିବିର ଏକ ପ୍ରହସନ ମାତ୍ର। ଯେଉଁ ମାନଙ୍କ ପାଇଁ ଏହା ଉଦିଷ୍ଟ ସେମାନଙ୍କୁ ସୂଚନା ନାହିଁ ଫଳରେ ସେମାନେ ନିଜର ଅଧିକାର ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରାଇ ପାରୁନାହାନ୍ତି। ଏନେଇ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ପଚାରିବାରୁ ସେ କୁହନ୍ତି ସର୍ବ ମୋଟ ୫ଟି ଅଭିଯୋଗ ହୋଇଥିଲା ସେଥିମଧ୍ୟରୁ ଭାଲୁଡୁଙ୍ଗୁରି ଗ୍ରାମର ଲୋକେ ପାଣି ସମସ୍ୟା ନେଇ ଅଭିଯୋଗ କରିଥିଲେ ଓ ଜନଶୁଣାଣୀ ପାଇଁ ସୂଚନା ଦିଆଯାଇଛି ହେଲେ ପ୍ରବଳ ଖରା ଯୋଗୁଁ ଲୋକେ ଆସିପାରି ନାହାନ୍ତି ଏପଟେ ଲୋକେ କୁହନ୍ତି ଆମକୁ କୌଣସି ସୂଚନା ଦିଆଯାଇନାହିଁ। ଏଥିପ୍ରତି ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଫସଲ ସୁରକ୍ଷା ଓ ସୁରକ୍ଷିତ ଚାଷ ଉପରେ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୧୭।୩(ସଂଚାର ବ୍ୟୁରୋ):** ସୋମବାର ଦିନ ସମୟ ଦିବା ୧୧ ଘଟିକାରେ ସେବକ ରଙ୍ଗିଆମୁଣ୍ଡା ଠାରେ ଫସଲ ସୁରକ୍ଷା ଏବଂ ସୁରକ୍ଷିତ ଚାଷ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଭାରତ ସରକାରଙ୍କ ଅଧିନସ୍ଥ ହିଲ (ଇଣ୍ଡିଆ) ଲିମିଟେଡ୍ ଏବଂ 'ଶେତକାରୀ ଶେତମଜୁର ବିକାଶ ସଂସ୍ଥା' କାଟଲୋ, ମହାରାଷ୍ଟ୍ର ଦ୍ୱାରା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼, ଟାଙ୍ଗରପାଲି ଓ ବାଲିଶଙ୍କରା ବ୍ଲକର ୩୫୦ ଜଣ ଚାଷୀ ଯୋଗଦାନ କରିଥିଲେ। ଚଳିତ ସମୟରେ ଜନସଂଖ୍ୟାର ବୃଦ୍ଧିକୁ ଆଖି ଆଗରେ ରଖି ଖାଦ୍ୟାଭାବକୁ ଦୂରେଇବା ପାଇଁ ଚାଷର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଚାଷ ଏବଂ ଚାଷ ଜମିର ଭୁଲ ବୁଝାମଣା ଯୋଗୁଁ କିମ୍ବା ସଠିକ ଜ୍ଞାନ କୌଶଳ ନ ଥିବା ଯୋଗୁଁ ରାସାୟନିକ ସାର, କୀଟନାଶକ ଔଷଧର ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି, ଫଳରେ ପରିବେଶ ଏବଂ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ଦେଖାଯାଉଛି। ଏଣୁ ଭାରତସରକାର ବର୍ତ୍ତମାନ ପ୍ରାକୃତିକ କୃଷିକୁ ପ୍ରାଧାନ୍ୟ ଦେଉଛନ୍ତି। ଏହି ଅବସରରେ ମହାରାଷ୍ଟ୍ର ଏମଏସଏର ଅଧ୍ୟକ୍ଷ ପ୍ରମୋଦ ବାଗଦା କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋପାତ କରିଥିଲେ। ପାର୍ଥପ୍ରୀତମ ଦାଶ ହିଲ ଇଣ୍ଡିଆ ଲିମିଟ ତରଫରୁ କୀଟନାଶକ ଔଷଧ ସିଞ୍ଚନ ପ୍ରକ୍ରିୟା ଏବଂ ସେଫଟୀ କୀଟ ବ୍ୟବହାର ଉପରେ ଆଲୋକପାତ କରିଥିଲେ, ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଜୈବିକ ଚାଷ ଏବଂ ପ୍ରାକୃତିକ କୃଷି ଉପରେ ଦୃଷ୍ଟି ଗୋଚର କରିଥିଲେ ଏବଂ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଦେବେନ୍ଦୁ ମଣ୍ଡଳ ସମସ୍ତଙ୍କୁ ରୋଗପୋକ ନିୟନ୍ତ୍ରଣ ଏବଂ ଏହାର ସଠିକ ଉପଯୋଗ ଉପରେ ଦୃଷ୍ଟିପାତ କରିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା 'ସେବକ' ଏବଂ ଏମଏସଏସ ମହାରାଷ୍ଟ୍ରଙ୍କ ମିଳିତ ଉଦ୍ୟମରେ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ସେଫଟୀ କୀଟ ପ୍ରଦାନ କରାଯାଇଥିଲା। ଶେଷରେ ସେବକ ଜିଲ୍ଲା ସଂଯୋଜକ ବେଦବ୍ୟାସ ଧୂଆ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲି ଉତ୍ସବର ସେବା କାର୍ଯ୍ୟ ଅନୁଷ୍ଠିତ

**କଳିଙ୍ଗନଗର,୧୭।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦି ରେ ରଙ୍ଗର ପର୍ବ ହୋଲି ପାଳିତ ହୋଇଯାଇଛି, ଏହି ଅବସରରେ ଟିକିଏ ହସ ଫାଉଣ୍ଡେସନ ଓ ଷ୍ଟିଲ ସିଟି ପ୍ରେସ କ୍ଲବର ମିଳିତ ସହଯୋଗରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ଏହାପରେ ମଙ୍ଗଳପୁର ପଞ୍ଚାୟତ ରେ ଅବସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ଯତ୍ନ ଗୃହରେ ଷ୍ଟିଲ ସିଟି ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ଓ ଟିକିଏ ହସ ଫାଉଣ୍ଡେସନର ସମସ୍ତ ସଦସ୍ୟ, ସଦସ୍ୟା ପହଁଚି ଅନାଥ ପିଲାମାନଙ୍କ ସହ ହୋଲି ଖେଳିବା ସହ ଫଳ, ଶୁଖିଲା ଖାଦ୍ୟ ଓ ମିଷ୍ଟାନ ବଣ୍ଟନ କରିଥିଲେ, ଏହି କାର୍ଯ୍ୟକ୍ରମରେ ଟିକିଏ ହସ ର ସଭାପତିବିଶ୍ୱଜିତ ମାଝୀ, ସୁଦାମ ପୋଇ, ବିଜୟ କୁମାର ଦାସ, ପ୍ରମୋଦ ଓଝା, ବୁଦ୍ଧିରାମ କେରାଇ, ରତ୍ନଦିପା ଦେଓ ପ୍ରମୁଖ ଯୋଗ ଦେଇଥିଲେ।

# 'ବିଦୁ ଚାନ୍ଦାନ ଅଲ ଇତୁନ ଆଶ୍ଲା' ନାମକ ଅଲଚିକି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା



**ବୈଶିଙ୍ଗା,୧୭।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧିନ ରଘୁପୁର ପଞ୍ଚାୟତର ବେଲଡିହା ଗ୍ରାମରେ ରବିବାର 'ବିଦୁ ଚାନ୍ଦାନ ଅଲ ଇତୁନ ଆଶ୍ଲା' ନାମକ ଏକ ଅଲଚିକି ଶିକ୍ଷାନୁଷ୍ଠାନ ସାନ୍ତାଳି ଏକାଡେମି,ଓଡିଶା ତରଫରୁ ପ୍ରତିଷ୍ଠା କରାଯାଇଛି । ଗ୍ରାମର ମାଝିବାବା କାଳିଚରଣ ମାଣ୍ଡି ଓ ବାଘ୍ରାୟ ହେମ୍ବ୍ରମ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ଏହି ଶିକ୍ଷାନୁଷ୍ଠାନରେ ପ୍ରତ୍ୟକ ରବିବାର ଶିକ୍ଷାଦାନ ଦିଆଯିବ ବୋଲି ସଭାପତି ବିଟଲ ମୁର୍ମୁ ଓ ଉପସଭାପତି ଗୋପାଲ ମୁର୍ମୁ ସୂଚନା ଦେଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ମୂଖ୍ୟ ଅତିଥି ଭାବେ ସାନ୍ତାଳି ଏକାଡେମି ପକ୍ଷରୁ ବିଶ୍ୱନାଥ ସରେନ,କାଶିନାଥ ହେମ୍ବ୍ରମ,ଚାନା କିସ୍କୁ,ନରେନ୍ଦ୍ର ଟୁଡୁ ଯୋଗ ଦେଇଥିବା ବେଳେ ଗ୍ରାମବାସୀ ମାନଙ୍କ ମଧ୍ୟରେ ନୟାନ ମୁର୍ମୁ,ଭରତ ହାଁସଦା,ଦଶରଥ ମୁର୍ମୁ,ଭାଦ ହାଁସଦା,ପ୍ରଶନ୍ନ ହାଁସଦା,ପ୍ରମୂଖ ଉପସ୍ଥିତ ରହି ସହଯୋଗ କରିଥିଲେ।

● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୭୦ରୁ ୨୦ ଅଭିଯୋଗର ତ୍ୱରିତ ସମାଧାନ



**କଟକ,୧୭।୩(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସଓ୍ୱାନ ହଲଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଗ୍ରାମାଞ୍ଚଳ, ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଉପ-ଆୟୁକ୍ତ, ପୋଲିସ କମିଶନରେଟ, କଟକ ଅମରେନ୍ଦ୍ର ପଣ୍ଡା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ସୁଜୟ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୭୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଗୋଟି ସାମୁହିକ ଅଭିଯୋଗ ରହିଛି। ଅଭିଯୋଗ ଶୁଣାଣି ଶିବିରରେ ୨୦ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଶାଣି ଶିବିରରେ ଯୋଗ ଦେଇଥିଲେ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ପକ୍ଷରୁ ଦାବିପତ୍ର



**ଯାଜପୁର, ୧୭।୩(ସଂଚାର ବ୍ୟୁରୋ):** ୧୦୮ ଆମ୍ବୁଲାନ୍ସ କର୍ମଚାରୀ ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଯାଜପୁର ଜିଲା ଶାଖା ଆମ୍ବୁଲାନ୍ସ କର୍ମଚାରୀ ବୃନ୍ଦ ଦୀର୍ଘ ଦିନ ହେବ ବିଭିନ୍ନ ଅତ୍ୟାଚାରର ଶିକାର ହେବାକୁ ଲାଗିଛନ୍ତି। ସାମାନ୍ୟ ଭୁଲ କଲେ ଛଟେଇ କଲା ଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଦରମା ବନ୍ଦ କରି ଦିଆଯାଉଛି। ଯାହାଫଳରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କମ୍ପାନୀ ସଠିକ ମାର୍ଗ ଦର୍ଶନ କରୁଥିବା ବେଳେ କର୍ମଚାରୀଙ୍କ ପେଟ ପାଟଣା କଥା ବୁଝୁଥିଲେ। କିନ୍ତୁ ଏବେ ସାମାନ୍ୟ ଘଟଣାରେ ଚରମ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇବା ସହ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ସଭାପତି ସୁବୋଧନାଥ ଶର୍ମା ଓ ସମ୍ପାଦକ ଜ୍ୟୋତି ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ବିଦ୍ୟୁତ ଆଘାତରେ ରଙ୍ଗମିସ୍ତ୍ରିଙ୍କ ମୃତ୍ୟୁ

**ବ୍ରହ୍ମପୁର,୧୭।୩(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ଆଘାତରେ ଜଣେ ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମ କୁମ୍ଭାର ସାହିର ସନ୍ତୋଷ କୁମାର ବେହେରା(୫୨)। ଖବରପାଇ ତାଙ୍କର ପୁଅ ପୂର୍ଣ୍ଣଚନ୍ଦ୍ର ବେହେରା ଓ ଗ୍ରାମର କିଛି ଲୋକ ସେଠାରେ ପହଞ୍ଚିଥିଲେ। ରାସ୍ତା ଉପରେ ବାପାଙ୍କ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ମୃତକଙ୍କ ପୁଅଙ୍କୁ ନିଯୁକ୍ତି ଦାବିରେ ଗ୍ରାମବାସୀ ଦୀର୍ଘଘଣ୍ଟା ଧରି ରାସ୍ତା ଉପରେ ବସି ରହିଛନ୍ତି। ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଉଭୟ ପଟରୁ ଯାତାୟାତ କରୁଥିବା ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ସାଧାରଣ ଲୋକଙ୍କ ଯାତାୟାତ ବନ୍ଦ ରହିଛି। ସେଠାରେ ପରିସ୍ଥିତି ଉତ୍ତେଜନା ରହିଛି। ଗୋଶାଣିନୁଆଗାଁ ପୋଲିସ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ରାସ୍ତାରୋକୋ ହଟିନାହିଁ।

# ୮ ଦିନ ହେଲା ଛୁଟିରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

## ଜିଲ୍ଲାରେ ସ୍ୱାସ୍ଥ୍ୟସେବ ପ୍ରଭାବିତ




**ସୁବର୍ଣ୍ଣପୁର,୧୭।୩(ସଂଚାର ବ୍ୟୁରୋ):** ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀକରଣ ଦାବିରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଆନ୍ଦୋଳନ ଆଜି ଅଷ୍ଟମ ଦିନରେ ପହଞ୍ଚିଥିଲା ବେଳେ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ନାନା ସମସ୍ୟା ପରିଲକ୍ଷିତ ହୋଇଛି। ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଏନଏଚଏମ ଠିକା କର୍ମଚାରୀ ମାନେ ଛଅ ଦିନ ଧରି ଭୁବନେଶ୍ୱରରେ ଧାରଣା ଦେଉଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରୁ ୮୦ ରୁ ଅଧିକ ଠିକା କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏନଏଚଏମ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ୨୭ରୁ ଅଧିକ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ପରିଚାଳନା କ୍ଷେତ୍ରରେ ଏବେ ନାନା ସମସ୍ୟା ଦେଖା ଦେଇଛି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଜନ୍ମରୁ ୧୮ ବର୍ଷ ଶିଶୁ ମାନେ ଉନ୍ନତମାନର ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ଯାଇପାରୁ ନାହାନ୍ତି। ରେଫେରାଲ ମେନେଜମେଣ୍ଟ, ଟିକାକରଣ ବାଧାପ୍ରାପ୍ତ ହୋଇଛି। ଅମ୍ଳାନ କାର୍ଯ୍ୟକ୍ରମ ଅନ୍ତର୍ଗତ ରକ୍ତହୀନତାର ଚିହ୍ନଟିକରଣ ହୋଇପାରୁନାହିଁ। ୫୦ ରୁ ଉର୍ଦ୍ଧ୍ୱ ହିମୋଗ୍ଲୋବିନ ମିଟର ଅଚଳ ହୋଇ ଜିଲ୍ଲାରେ ପଡ଼ିରହିଛି। ମେନେଜମେଣ୍ଟ କର୍ମଚାରୀମାନେ ଧାରଣା ରେ ଥିବାରୁ ଅଚଳ ମେସିନ ଗୁଡିକର ମରାମତି କାର୍ଯ୍ୟ ହୋଇପାରୁନାହିଁ। ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀମାନେ (ଏସ୍‌ଟିଏସ୍) ଧାରଣାରେ ଥିବାରୁ ଜିଲ୍ଲାରେ ଥିବା ୨୬୨ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଦିଆଯାଉଥିବା ଏକହଜାର ଲେଖାଏଁ ପୋଷଣ ରାଶି ପ୍ରଦାନ କରାଯାଇପାରୁନାହିଁ। ଜିଲ୍ଲାରେ ଏହି ସମୟ ମଧ୍ୟରେ ୧୧୨ ରୁ ଅଧିକ ପ୍ରସବ ହୋଇଥିବା ବେଳେ ପ୍ରସୂତି ମହିଳା ମାନଙ୍କୁ ଜନନୀ ଶିଶୁ ସୁରକ୍ଷା ଅଧୀନ ୧୪୦୦ ଟଙ୍କା ଓ ଗସ୍ତ ଖର୍ଚ୍ଚ ୫୦୦ ଟଙ୍କା ପ୍ରଦାନ କରାଯାଇ ପାରୁନାହିଁ। ଜିଲ୍ଲାରେ ୧୬ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି। ଆଉଟ ସୋର୍ସିଙ୍ଗରେ ନିୟୋଜିତ ଥିବା ସଫେଇ କର୍ମଚାରୀ, ସୁରକ୍ଷାକର୍ମୀ, ଆଟେଣ୍ଡାଣ୍ଟ ମାନଙ୍କର ମାସିକ ପାରିଶ୍ରମିକ ବନ୍ଦ ରହିଛି ଯାହା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗର ୨୭ରୁ ଅଧିକ ପୋର୍ଟାଲରେ ଡାଟା ଏଣ୍ଟ୍ରି ହୋଇପାରୁନାହିଁ। ଜିଲ୍ଲା ରେ ଥିବା ହେପାଟାଇଟିସ ରୋଗୀଙ୍କୁ ଔଷଧ ସହ ଚିକିତ୍ସାରେ ବାଧା ପ୍ରାପ୍ତ ଦେଖା ଦେଲାଣି। କର୍ମଚାରୀ ମାନଙ୍କ ଆପତ୍ତି ଅନୁସାରେ ୨୦୦୫ ମସିହାରୁ ଏହି ଠିକା କର୍ମଚାରୀମାନେ ଅଳ୍ପ ବେତନରେ କାର୍ଯ୍ୟ କରିଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କୁ ନିୟମିତ କରାଯାଇନାହିଁ।

# ଉପ ଡାକଘରରେ ଦୁଇ ସପ୍ତାହ ଧରି ଅଚଳାବସ୍ଥା ଜାରି ରହିଛି

**ବୈଶିଙ୍ଗା,୧୭।୩(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଡାକ ବିଭାଗ ର ଅବସ୍ଥା ଏପରି ହୋଇଛି ଯେ କହିଲେ ନ ସରେ। ସମୟ ଥିଲା ସୁଖଦୁଃଖର ଖବରଟିଏ ପାଇବା ପାଇଁ ସପ୍ତାହେ ରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା।ଏବେ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ଆସିଥିଲେ ମଧ୍ୟ କୌଣସି ଦସ୍ତାବିଜ ପାଇବା ବା ପଠାଇବା ପାଇଁ ଡାକ ବିଭାଗ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଡାକ ବିଭାଗର ଅଧିକାରୀଙ୍କ ଅବହେଳା ପାଇଁ ସାଧାରଣ ଉପଭୋକ୍ତାଙ୍କୁ ହୀନସ୍ତା ହେବାକୁ ପଡୁଛି।ଏହାର ଉଦାହରଣ ପାଲଟିଛି ବୈଶିଙ୍ଗା ଉପ ଡାକଘର। ଅନଲାଇନ୍ ରେ ସମସ୍ତ ସରକାରୀ କାର୍ଯ୍ୟ ଟଙ୍କା ଜମା / ଉଠାଣ, ପିଏଲଆଇ ଜମା, ରେଜିଷ୍ଟ୍ରି, ସ୍ପିଡ ପୋଷ୍ଟ, ମନି ଅର୍ଡର ଭଳି ଆବଶ୍ୟକ କାର୍ଯ୍ୟ କରାଯିବା ପାଇଁ ବ୍ୟବସ୍ଥା ରହିଛି। ଏଥିପାଇଁ କମ୍ପୁଟର ସିଷ୍ଟମ ସହିତ ଜଣେ ସବ୍ ପୋଷ୍ଟମାଷ୍ଟର ଏବଂ ଜଣେ ସହାୟକ ନିଯୁକ୍ତ ହୋଇଛନ୍ତି। ମାତ୍ର ବୈଶିଙ୍ଗା ଉପ ଡାକଘରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଦୁଇ ସପ୍ତାହ ଧରି ଇଣ୍ଟରନେଟ୍ ବିଚ୍ଛିନ୍ନ ହୋଇଯାଇଥିବାରୁ କୌଣସି କାର୍ଯ୍ୟ ହୋଇ ପାରୁନାହିଁ।ଦୈନିକ ଶହ ଶହ ଉପଭୋକ୍ତା ନିଜର କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରିଯାଉଥିବାର ଅଭିଯୋଗ ହୋଇଛି। କେବଳ ଅଫଲାଇନ ମାଧ୍ୟମରେ ସ୍ପିଡ଼ ପୋଷ୍ଟ ଏବଂ ରେଜେଷ୍ଟ୍ରି ଚିଠି ବିତରଣ କରାଯାଇ ପାରୁଛି। ଏହା ବ୍ୟତୀତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଲେ କାର୍ଯ୍ୟ ତୁଲାଇବା ପାଇଁ ଏକ ଜେନେରେଟର ମଧ୍ୟ ଦିଆଯାଇଛି। ମାତ୍ର ଦୁଇ ବର୍ଷ ହେବ ଏହି ଜେନେରେଟର ଖରାପ ହୋଇଥିବା ଯୋଗୁଁ ପାୱାରକଟ୍ ସମୟରେ ସବୁ କାର୍ଯ୍ୟ ଅଚଳ ହୋଇପଡୁଛି। ଦୁଇ ସପ୍ତାହର ଏହି ଅଚଳାବସ୍ଥା ପାଇଁ ସବ୍ ପୋଷ୍ଟ ମାଷ୍ଟର ଙ୍କୁ ପଚାରିବାରେ ସେ କହିଲେ 'ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି'। ପୂର୍ବରୁ ବହୁବାର ଡାକ ନିରୀକ୍ଷକଙ୍କୁ ଏହି ଜେନେରେଟର ବିଷୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଧିକାରୀ ମାନଙ୍କ ଉଦାସୀନତା ମନୋଭାବ ପାଇଁ ଉପଭୋକ୍ତାଙ୍କୁ ହୀନସ୍ତା ହେବାକୁ ପଡୁଛି।